


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-80 •SATURDAY •13 SEPTEMBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୮୦ •ଶନିବାର •୧୩ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଏଥର ମହଙ୍ଗା ପାର୍ବଣ



**ଟ୍ରମ୍ପ ଟାରିଫ୍ ମାଡ଼**

## ବଢ଼ିଲାଣି ଖାଦ୍ୟ ସାମଗ୍ରୀ ଦର
## ସୁନା, ରୁପା ଦର ଆକାଶଛୁଆଁ
## ସୌଖୀନ ସାମଗ୍ରୀଠାରୁ ଡ୍ରାଏ ଫ୍ରୁଟ୍ ଯାଏଁ ସବୁ ମହଙ୍ଗା


■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ଗଣେଶ ପୂଜା ପରେ ଦେଶରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ସ୍ୱାଭାବିକ ଭାବରେ ପାର୍ବଣ ଋତୁରେ ଦୁର୍ଗାପୂଜାଠାରୁ ଦଶହରା ଓ ଦୀପାବଳି ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ ବଢ଼ିଥାଏ ଏବଂ ଲୋକମାନେ ବହୁ ସାମଗ୍ରୀ କ୍ରୟ କରିଥାଆନ୍ତି। ଚଳିତ ବର୍ଷ ପୂଜା ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ଲୋକଙ୍କ ଜୀବନଯାତ୍ରାକୁ ଅଧିକ ସ୍ୱଚ୍ଛନ୍ଦ କରିବ ଓ କାରବାର ବଢ଼ାଇବ ବୋଲି ଆଶା କରାଯାଉଥିବାବେଳେ ବାସ୍ତବିକତା କିନ୍ତୁ ଭିନ୍ନ। ବଜାର ଦର ଏଥର ପାର୍ବଣ ପରିବେଶରେ ଉପଭୋକ୍ତାଙ୍କୁ ବେହାଲ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଗତ କେଇଦିନ ମଧ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିବା ସାଧାରଣ ଖାଉଟିଙ୍କୁ ଚିନ୍ତାଗ୍ରସ୍ତ କରିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ବଜାର ଦର ବର୍ତ୍ତମାନ ଯେଉଁଭଳି ରହିଛି, ସେଥିରେ ଖାଉଟି ନୟାନ୍ତ। ଏହି ସମୟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଭବିଷ୍ୟତରେ ବିଭିନ୍ନ ସାମଗ୍ରୀକୁ ଅଧିକ ମହରଗ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ୯ ମାସ ଧରି ଖୁଚୁରା ମୁଦ୍ରାସ୍ଫୀତି ସ୍ଥିର ରହିବା ପରେ ଅଗଷ୍ଟ ମାସରେ ପୁନର୍ବାର ଉପରମୁହାଁ ହୋଇଛି। ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ ହୋଇଥିବା କୁହାଯାଉଛି । ଏହି ସମୟରେ ସୁନାରୁପା ବଜାର ଆକାଶ ଛୁଇଁଛି। ପ୍ରତିଦିନ ଏହି ଦୁଇ ଧାତୁର ମୂଲ୍ୟ ରେକଡର୍ ପରେ ରେକଡର୍ ଭାଙ୍ଗୁଛି। ୧୦ଗ୍ରାମ ରୁପା ମୂଲ୍ୟ ପାଖାପାଖି ୧୪୦୦ ଟଙ୍କାରେ ପହଞ୍ଚିଥିବାବେଳେ ୧୦ ଗ୍ରାମ ସୁନା (୨୨) କ୍ୟାରେଟ୍ ୧୦୧୩୦୦ ଟଙ୍କା ଅତିକ୍ରମ କରିଛି। ଏପଟେ ଟ୍ରମ୍ପ ଟାରିଫ୍ ମାଡରେ ଉଭୟ ଧନୀକ ବର୍ଗ ଓ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି। ରପ୍ତାନୀ ହ୍ରାସ ଯୋଗୁଁ ଏମ୍‌ଏସ୍‌ଏମ୍‌ଇ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି ଓ ଏହି ନିଯୁକ୍ତିଭିତ୍ତିକ ଶିଳ୍ପ ବନ୍ଦ ହେବା ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେଇଛି। ଅନ୍ୟପକ୍ଷରେ ଅତି ଧନୀକ ଗୋଷ୍ଠୀଙ୍କ ପାଇଁ ଟିକସ ମହଙ୍ଗା ହୋଇଛି। ମୁଦ୍ରାସ୍ଫୀତି ତାତିରୁ ଖାଲି ସହର କାହିଁକି ଗ୍ରାମାଞ୍ଚଳ ବି ବାଦ୍ ପଡିନି। ଦେଶର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଖରିଫ ଫସଲ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରାଯାଉଛି।

ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଜୁଲାଇ ମାସର ୧.୬୧%ରୁ ୨.୭%କୁ ବୃଦ୍ଧି ପାଇଛି। ହାଟ ବଜାରରେ କୌଣସି ବି ପନିପରିବାର ଦର ▸ପୃଷ୍ଠା-୭

# ଶପଥ ନେଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।



# ଘାରିଲାଣି ମିଛ ଖବର ଚିନ୍ତା

## ଗଣମାଧ୍ୟମ ପାଇଁ ବାଧ୍ୟତାମୂଳକ ହେବ ଫ୍ୟାକ୍ଟ ଚେକିଂ ସିଷ୍ଟମ

### ଭୁଲ୍ ତଥ୍ୟ ପାଇଁ ଦାୟୀ ରହିବେ ଗଣମାଧ୍ୟମ ସଂପାଦକ, ମାଲିକ
### ଭାରତକୁ ବାଂଲାଦେଶ, ନେପାଳ ହେବାକୁ ଦିଆଯିବନି: ଦୁବେ




■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ମିଥ୍ୟା ଖବର ବା ଫେକ୍ ନ୍ୟୁଜ୍ ପରିବେଷଣ ଗଣତନ୍ତ୍ର ଓ ଆଇନ୍ ବ୍ୟବସ୍ଥା ପ୍ରତି ବିପଦ। ଏହାକୁ ରୋକିବା ଲାଗି ଠୋସ ଓ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା କରନ୍ତୁ। ମିଥ୍ୟା ବା ଫେକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ସଂସଦୀୟ କମିଟି ଏଭଳି ସୁପାରିସ କରିଛି। କମିଟି ଏହାର ରିପୋର୍ଟ ଲୋକସଭା ବାଚସ୍ପତିଙ୍କୁ ଦେଇଛି ଏବଂ ସଂସଦର ଆଗାମୀ ଅଧିବେଶନରେ ଏସଂପର୍କରେ ସରକାର ବିଲ ଆଗତ କରିପାରନ୍ତି ବୋଲି ଖବର ମିଳିଛି। କମିଟିର ଅଧ୍ୟକ୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ▸ପୃଷ୍ଠା-୭



# ସୁଶୀଳା ଧରିଲେ ନେପାଳ ମଙ୍ଗ

■ **କାଠମାଣ୍ଡୁ, ୧୨।୯ (ଏଜେନ୍ସି):** ନେପାଳର ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି ସୁଶୀଳା କାର୍କି। ଏହାସହିତ ସେ ଇତିହାସ ରଚିଛନ୍ତି। ସେ ମଧ ନେପାଳ ସୁପ୍ରିମ କୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ। ଆଜି ରାତିରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସମାରୋହରେ ରାଷ୍ଟ୍ରପତି ରାମଚନ୍ଦ୍ର ତାଙ୍କୁ ଶପଥ ପାଠ କରାଇଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ ଡିଗ୍ରୀ ହାସଲ କରିଥିବା ୭୩ ବର୍ଷୀୟା ସୁଶୀଳା ଆଜି ଶପଥ ନେବାପରେ ନେପାଳରେ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି।

## ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ଅଫିସର

# ତହସିଲଦାର, ଶ୍ରମ ଅଧିକାରୀ, ପିଇଓ ଗିରଫ



### ୧୫ ହଜାର ପାଇଁ ଫଶିଲେ ଓଏଏସ୍ ଟପ୍ପର ତହସିଲଦାର
### ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପିଇଓ ଖାଇଥିଲେ ୬ ଲକ୍ଷ

■ **ଭୁବନେଶ୍ୱର/ କୁଚିଣ୍ଡା, ୧୨।୯ (ସମିସ):** ଲାଞ୍ଚ କାରବାର ଅଭିଯୋଗରେ ଗୋଟିଏ ଦିନରେ ଧରା ପଡ଼ିଛନ୍ତି ୩ ସରକାରୀ ଅଧିକାରୀ ଓ ଜଣେ ଡ୍ରାଇଭର। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପି.ପ୍ରବୀଣ କୁମାର ୧୫ ହଜାର ଟଙ୍କା ପାଇଁ ଗିରଫ ହୋଇଛନ୍ତି । ଅଭିଯୋଗ ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ଦାଖଲଖାରଜ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ସମ୍ପୃକ୍ତ ବ୍ୟକ୍ତି ଏହା ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୧ଟା ବେଳେ ତହସିଲଦାରଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ୧୫ ହଜାର ଟଙ୍କା ତ ଡ୍ରାଇଭର ପି.ପ୍ରବିନ୍ କୁମାରଙ୍କୁ ଦେଇଥିଲେ। ଡ୍ରାଇଭର ଏହି ଟଙ୍କା ନେଇ ତହସିଲଦାରଙ୍କୁ ▸ପୃଷ୍ଠା-୭

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



■ **ଭୁବନେଶ୍ୱର, ୧୨।୯ (ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଶ୍ରୀ ମଲ୍ଲିକଙ୍କ ନିଲମ୍ବନ ଆଦେଶ ଜାରି କରିଛନ୍ତି । ଶ୍ରୀ ମଲ୍ଲିକ କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟରେ ୪ ଥର ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଇସ୍ପାତ, ପୂର୍ତ୍ତ ଓ ଗୃହନିର୍ମାଣ ପରି ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମାତ୍ର ବିଜେଡି ସରକାରରୁ ଯିବା ପରେ ସେ କିଛି ଦିନ ହେବ ଦଳ ବିରୋଧରେ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମତମନ୍ତବ୍ୟ ଦେଉଥିଲେ।

## ଉତ୍ପାଦନଠାରୁ ବିକ୍ରି ହେଉଛି ଦେଢ଼ଗୁଣ କ୍ଷୀର

# ଆମଦାନୀ ଗୁଣ୍ଡ ଦୁଗ୍ଧରେ ଶ୍ୱେତ ବିପ୍ଲବ

■ **ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି; ମାତ୍ର ଉତ୍ପାଦନର ଦେଢ଼ଗୁଣ କ୍ଷୀର ଓଡ଼ିଶାରେ ବିକ୍ରି ହେଉଛି। ବଜାରରେ ଛେନା, ଖୁଆ, ଦହି, ପନୀର ବି ଯାହାକୁ ଯେତେ ମିଳୁଛି। ଏଥିସହ ମିଠା ଦୋକାନଗୁଡ଼ିକରେ ଭଳିକି ଭଳି ଦୁଗ୍ଧଜାତ ମିଠା ମଧ୍ୟ ବିକ୍ରି ହେଉଛି। ତେଣୁ ଉପଲବ୍ଧ କ୍ଷୀର ବା କ୍ଷୀରରୁ ଉତ୍ପାଦିତ ସାମଗ୍ରୀ ଯେ ଅପମିଶ୍ରିତ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଆମଦାନୀ ହେଉଥିବା ଗୁଣ୍ଡଦୁଗ୍ଧକୁ ଅପମିଶ୍ରିତ କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କ୍ଷୀର ପ୍ୟାକେଟ୍ କ୍ଷୀର ସହ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଛି।

ତଥ୍ୟ ଅନୁସାରେ, ରାଜ୍ୟରେ ଗାଈଙ୍କ ସଂଖ୍ୟା ୯୯ ଲକ୍ଷ ଓ ମଇଁଷି ସଂଖ୍ୟା ୫ ଲକ୍ଷ। ଏହି ଗୋରୁଙ୍କ ମଧ୍ୟରୁ ଦେଶୀ ଶ୍ରେଣୀର ୮୪ ପ୍ରତିଶତ ଓ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ମାତ୍ର ୧୬%। ଏମାନଙ୍କ ମଧ୍ୟରେ ଜର୍ସି ଗାଈଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ। ସେହିପରି ରାଜ୍ୟରେ ଥିବା ମଇଁଷି ମଧ୍ୟରୁ ୮୦ ପ୍ରତିଶତ ଦେଶୀ ଓ ୨୦ ପ୍ରତିଶତ 'ନନ୍ ଡେସ୍‌କ୍ରିପ୍ଟ କ୍ରସ୍‌ବ୍ରିଡ୍' ଶ୍ରେଣୀର। ପରିସଂଖ୍ୟାନ ଅନୁସାରେ ରାଜ୍ୟରେ ଏହି ଗୋରୁଗୁଡ଼ିକଙ୍କଠାରୁ ବାର୍ଷିକ ମାତ୍ର ୨୬୫ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଛି। ରାଜ୍ୟର ଜନସଂଖ୍ୟା ଅନୁସାରେ ଉତ୍ପାଦିତ କ୍ଷୀର ଦୈନିକ ଚାହିଦା ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହା ସତ୍ତ୍ୱେ ରାଜ୍ୟରେ ପନୀର୍, ରାବିଡ଼ି ଓ ଖୁଆ ଆଦି ବିକ୍ରିବଟାର ପରିମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତଥ୍ୟରୁ ଆମଦାନୀ ଗୁଣ୍ଡଦୁଗ୍ଧରେ ଯେ ରାଜ୍ୟରେ ଶ୍ୱେତ ବିପ୍ଳବ ଚାଲିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ପୁଷ୍ଟିସାଧନ ଦୃଷ୍ଟିରୁ ମୁଣ୍ଡପିଛା ୩୦୦ ଗ୍ରାମ୍ ଦୁଗ୍ଧ ଉପଲବ୍ଧ କରାଇବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସୁପାରିସ କରିଛି। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ▸ପୃଷ୍ଠା-୭




# ଇତିହାସ ରଚିଲେ ସୁଶୀଳା



କାଠମାଣ୍ଡୁ, ୧୨।୯: ନେପାଳରେ ହିଂସାତ୍ମକ ଆନ୍ଦୋଳନ ପରେ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓଲି ସରକାରର ପତନ ଘଟିଲା। ଏହାପରେ ଦେଶରେ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ନେପାଳର ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରରେ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଶେଷରେ ଆଜି ଏଭଳି ଅନିଶ୍ଚିତତାର ଅବସାନ ଘଟିଛି। ନେପାଳ ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ସୁଶୀଳା କାର୍କି ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହାସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ଇତିହାସ ରଚିଛନ୍ତି। ସେ ମଧ୍ୟ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ।

ଆଜି ସନ୍ଧ୍ୟାରେ ୭୩ ବର୍ଷୀୟା ସୁଶୀଳାଙ୍କ ଚୟନ ନେଇ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କୁହାଯାଇଥିଲା ଯେ ଜେନ-ଜେଡ୍ ନାମରେ ପରିଚିତ ଆନ୍ଦୋଳନକାରୀ ନେତା, ରାଷ୍ଟ୍ରପତି ରାମଚନ୍ଦ୍ର ଓ ସେନା ଅଧ୍ୟକ୍ଷ ଅଶୋକ ରାଜଙ୍କ ମଧ୍ୟରେ ଆଜି ଦୀର୍ଘ ସମୟରେ ବିଚାର ଆଲୋଚନା ହୋଇଥିଲା। ଏଥିରେ ସୁଶୀଳାଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ସୁଶୀଳା ଇତିହାସ ସୃଷ୍ଟି କରିଛନ୍ତି। ସେ ଶପଥ ନେବା ପରେ ଆଜି ରାତିରେ ମନ୍ତ୍ରିମଣ୍ଡଳ ବୈଠକ ହେବ ଏବଂ ଏଥିରେ ଜାତୀୟ ସଂସଦ ଓ ସମସ୍ତ ପ୍ରାଦେଶିକ ସଂସଦକୁ ଭଙ୍ଗ କରିବା ଲାଗି ସୁପାରିସ କରାଯିବ। ଏହାସହିତ ମଧ୍ୟରାତିରୁ ଦେଶରେ ଜରୁରୀ ପରିସ୍ଥିତି ମଧ୍ୟ ଜାରି କରାଯିବ।

### ଅନିଶ୍ଚିତତାର ଅବସାନ; ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସୁଶୀଳା

ସୂଚନାଯୋଗ୍ୟ ଯେ ନେପାଳରେ ଦୁର୍ନୀତି ଓ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ଗତ ୮ ତାରିଖରୁ ତିନି ଦିନ ଧରି ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେଇଥିଲେ। ଏହି ହିଂସାକାଣ୍ଡରେ ଜଣେ ଭାରତୀୟଙ୍କ ସମେତ ୫୧ ଜଣ ପ୍ରାଣ ହରାଇଥିଲେ।

## ପୂର୍ବତନ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ୨୭ ବର୍ଷ ଜେଲ୍

ସାଓପାଓଲୋ, ୧୨।୯ (ଏଜେନ୍ସି): ବ୍ରାଜିଲ ପୂର୍ବତନ ରାଷ୍ଟ୍ରପତି ଜାଏର ବୋଲସୋନାରୋଙ୍କୁ ଗୁରୁବାର ୨୭ ବର୍ଷ ୩ ମାସ ଜେଲ ଦଣ୍ଡାଦେଶ ହୋଇଛି। ଦେଶର ସୁପ୍ରିମେକୋର୍ଟ ତାଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ରେ ନିର୍ବାଚନରେ ପରାଜୟ ବରଣ କରିବା ପରେ ମଧ୍ୟ ଶାସନରେ ରହିବା ପାଇଁ ସରକାର ପରିବର୍ତ୍ତନ କରିବାକୁ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟର ୫ ଜଣିଆ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠାରୁ ୪ ଜଣ ବିଚାରପତି



ତାଙ୍କୁ ଆପରାଧିକ ସଂଗଠନରେ ସାମିଲ ହେବା, ଗଣତନ୍ତ୍ରକୁ ଉପାଡି ଫୋପାଡିବା, ସରକାରର ପତନ ଘଟାଇବାକୁ ଷଡ଼ଯନ୍ତ୍ର କରିବା, ସରକାରୀ ସମ୍ପତ୍ତିକୁ ନଷ୍ଟ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ରାଜିଲ ଇତିହାସରେ ପ୍ରଥମଥର ପାଇଁ କୌଣସି ପୂର୍ବତନ ରାଷ୍ଟ୍ରପତିଙ୍କୁ ଗଣତନ୍ତ୍ର ଉପରେ ଆକ୍ରମଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅବଶ୍ୟ ୫ ଜଣଙ୍କ ମଧ୍ୟରୁ ଜଣେ ବିଚାରପତି ତାଙ୍କୁ ଖଲାସ କରିବା ପାଇଁ ମତ ରଖିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଆଜି

ଇମ୍ଫାଲ, ୧୨।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ହିଂସା ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚୁରାଚାନ୍ଦପୁରରେ ଉତ୍ତ୍ୟକ୍ତ ଲୋକେ ମୋଦୀଙ୍କ ସ୍ୱାଗତ ପାଇଁ ଲଗାଯାଇଥିବା ପୋଷ୍ଟର, ବ୍ୟାନର ଚିରିବା ସହ ବ୍ୟାରିକେଡିଂକୁ ହଟାଇବା ସହ ସେଠାରେ ନିଆଁ ଲଗାଇଛନ୍ତି। ଚୁରାଚାନ୍ଦପୁର ଥାନାଠାରୁ ପାଖାପାଖି ୫ କିମି ଦୂରରେ ଥିବା ପିସୋନୋମୁନ ଗାଁରେ ଏହି ଘଟଣା ଘଟିଛି। ପୁଲିସ ଲୋକଙ୍କୁ ସେଠାରୁ ବାହାର କରିବା ସହ ଲାଠିଚାର୍ଜ କରିଥିଲା। ତେବେ ଏଥିରେ କେତେଜଣ ଆହତ ହୋଇଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ। ମୋଦୀ ଶନିବାର ମଣିପୁର ଗସ୍ତ କରିବେ ଓ ୮, ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବେ। ୨୦୨୩ରେ ମଣିପୁରରେ ମେତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହେବା ପରେ ମୋଦୀ ପ୍ରଥମଥର ପାଇଁ ମଣିପୁର ଗସ୍ତ କରିଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୨୬୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି ଓ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଫଳରେ ଫେବୃଆରୀରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା।

## ପୁରୁଣା ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଉଛି

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଭାରତରେ କ୍ରନିକ ଅର୍ଥାତ ପୁରୁଣା ରୋଗ କାରଣରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ବିଶ୍ୱରେ ଏହି ସଂଖ୍ୟାରେ ହ୍ରାସ ପାଉଛି। କରୋନା ମହାମାରୀ ପୂର୍ବରୁ ୨୦୧୦ରୁ ୨୦୧୯ ମଧ୍ୟରେ ହାର୍ଟ, କର୍କଟ, ପୁରୁଣା ଶ୍ୱାସ ସମ୍ବନ୍ଧୀୟ ରୋଗରେ ଭାରତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣାଶୁଣା ମେଡିକାଲ ପତ୍ରିକା 'ଦି ଲାନସେଟ୍' ତା'ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛି। ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୨.୧ ଓ ୦.୧ ପ୍ରତିଶତ ବୃଦ୍ଧି ପାଇଛି। ୪୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୫୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ବୃଦ୍ଧି ପାଇଛି। ଜନ୍ମରୁ ୮୦ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗତ ୩ଟି ଦଶନ୍ଧିରେ ଭିନ୍ନ ଭିନ୍ନ ତଥ୍ୟ ମିଳିଛି। ୨୦୦୧ରେ ଏହା ୪୬.୭ ଓ ୨୦୧୧ରେ ଏହା ୪୬.୬ ପ୍ରତିଶତ ଥିଲା। କିନ୍ତୁ ୨୦୧୯ରେ ଏହା ୪୮.୭ ପ୍ରତିଶତରେ ପହଞ୍ଚିଥିଲା। ପୁରୁଷଙ୍କ କ୍ଷେତ୍ରରେ ଏହା ଅପେକ୍ଷାକୃତ ଭାବେ କମ୍ ରହିଛି। କିନ୍ତୁ ବିଶ୍ୱର ଅନ୍ୟ ୧୮୫ଟି ଦେଶରେ ପୁରୁଣା ରୋଗରେ ମହିଳାଙ୍କ ମୃତ୍ୟୁ ହାର ୩୩ ଓ ପୁରୁଷଙ୍କର ୩୮ ରହିଛି।

## ଅଭିନେତ୍ରୀ ଦିଶା ପଟାନୀଙ୍କ ଘରକୁ ଗୁଳିମାଡ଼

ବରେଲି, ୧୨।୯ (ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ଼ ହୋଇଛି। ଦୁଇଜଣ ଅଜ୍ଞାତ ଲୋକ ବାଇକ୍‌ରେ ଆସି ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗ ସାମାଜିକ ଗଣମାଧ୍ୟମରେ ଏହି ଆକ୍ରମଣ ପାଇଁ ନିଜକୁ ଦାୟି କରିଛନ୍ତି। ସନ୍ଥ ପ୍ରେମାନନ୍ଦ ମହରାଜ ଓ ଅନିରୁଦ୍ଧଚାର୍ଯ୍ୟ ମହାରାଜଙ୍କୁ ଅପମାନର ପ୍ରତିଶୋଧ ନେବାକୁ ଏହି ଆକ୍ରମଣ କରାଯାଇଛି ବୋଲି ଏହି ଗ୍ୟାଙ୍ଗ ଦାବି କରିଛି। ସୂଚନା ମିଳିବା ମାତ୍ରେ ବରିଷ୍ଠ ପୁଲିସ ଅଧିକାରୀ ଅନୁରାଗ ଆର୍ଯ୍ୟ ଯାଞ୍ଚ୍ ଆରମ୍ଭ କରିଛନ୍ତି। ସାମାଜିକ ଗଣମଧମରେ କରାଯାଇଥିବା ପୋଷ୍ଟରେ ବୀରେନ୍ଦ୍ର ଚରଣ ଓ ମହେନ୍ଦ୍ର ସରଣ ନାମକ ଦୁଇଜଣ ବ୍ୟକ୍ତି ଏହି ସମ୍ପୂର୍ଣ୍ଣ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଚେତାବନୀ ଦେଇଛନ୍ତି।

## ନୌକା ବୁଡ଼ିବାରୁ କଙ୍ଗୋରେ ୧୦୦ ମୃତ

କିନ୍‌ଶାସା, ୧୨।୯ (ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ମୋଟର ଚାଳିତ ନୌକା ଦୁର୍ଘଟଣାରେ ପାଖାପାଖି ୧୦୦ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ। ଇକ୍ୱାଟେଉର ରାଜ୍ୟର ଏନ୍‌ସୋଲୋ ଓ ମରିଙ୍ଗ ନଦୀର ସଂଗମରେ ହିଁ ନୌକାଟି ବୁଡି ଯାଇଥିଲା। ନୌକାରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ଥିଲେ ଓ ରାତିରେ ଏହି ଯାତ୍ରା କରିଥିବାରୁ ଦୁର୍ଘଟଣା ଘଟିଛି ବୋଲି ଶୁକ୍ରବାର ସରକରୀ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। କଙ୍ଗୋରେ ନୌକା ଦୁର୍ଘଟଣା ନୂଆ ନୁହଁ। କିଛି ଦିନତଳେ ଏକ ନୌକାରେ ନିଆଁ ଲାଗିବା ଫଳରେ ବୁଡିଯାଇଥିଲା ଓ ୫୦ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ବହୁ ଲୋକ ନିଖୋଜ ଥିଲେ। ନୌକାର କ୍ଷମତାଠାରୁ ଅଧିକ ସଂଖ୍ୟରେ ଲୋକ ଯାତ୍ରା କରିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି। କଙ୍ଗୋରେ ଏଭଳି କେତୋଟି ସ୍ଥାନ ଅଛି ଯେଉଁଠାରେ ଖରାପ ରାସ୍ତା କାରଣରୁ ଲୋକେ ନୌକାରେ ଯିବାକୁ ପସନ୍ଦ କରିଥାନ୍ତି।

# ଶପଥ ନେଲେ ନୂଆ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ପଦର ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଧାକ୍ରିଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୩୦ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଶପଥପାଠ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନସାରୀ ଓ ଭେଙ୍କୟା ନାଇଡୁ ମଧ୍ୟ ଶପଥ ସମାରୋହରେ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୨୧ ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ ସ୍ୱାସ୍ଥ୍ୟାଗତ ଦୃଷ୍ଟିରୁ ଇସ୍ତଫା ଦେବା ପରେ ଏହି ସାମ୍ବିଧାନିକ ପଦ ଖାଲି ପଡ଼ିଥିଲା। ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ଭାବେ ରାଧାକ୍ରିଷ୍ଣନ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ବିପକ୍ଷ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ଅନ୍ତରରେ ପରାସ୍ତ କରିଥିଲେ। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ ମିଳିଥିଲା। ତାଙ୍କୁ ଆଶାଠାରୁ ଅଧିକ ୧୪ଟି ଭୋଟ ମିଳିଥିଲା। ଏହା ପୂର୍ବରୁ ରାଧାକ୍ରିଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱରେ ଥିଲେ। ସେ ଗୁରୁବାର ରାଜ୍ୟପାଳ ପଦରୁ ଔପଚାରିକ ଭାବେ ଇସ୍ତଫା ଦେଇଥିଲେ। ରାଧାକ୍ରିଷ୍ଣନ ୧୪ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ସହିତ ଜଡିତ ଥିଲେ। ସେ ଦୁଇଥର ତାମିଲନାଡୁର କୋଏମ୍ବାଟୁର ସାଂସଦ ଭାବେ ବିଜେପି ଟିକଟ୍‌ରେ ୧୯୯୮ ଓ ୧୯୯୯ରେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ତାମିଲନାଡୁ ବିଜେପିର ଅଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ।



ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଶପଥଗ୍ରହଣ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଭେଙ୍କିୟା ନାଇଡୁ ଏବଂ ହମିଦ ଅନସାରୀ। ଜୁଲାଇ ୨୧ରେ ଇସ୍ତଫା ପରେ ଧନଖଡ଼ଙ୍କୁ ପ୍ରଥମ ଥର ଦେଖିବାକୁ ମିଳିଛି।

### ଭାରତର ଉପରାଷ୍ଟ୍ରପତିଙ୍କ ତାଲିକା

| | | | | | |
|---|---|---|---|---|---|
| ୧. | ସର୍ବପଲ୍ଲୀ ରାଧାକୃଷ୍ଣନ | ୧୯୫୨ରୁ ୧୯୫୭<br>୧୯୫୭ରୁ ୧୯୬୨ | ୯. | କେଆର. ନାରାୟଣନ | ୧୯୯୨ରୁ ୧୯୯୭ |
| ୨. | ଜାକିର ହୁସେନ୍ | ୧୯୬୨ରୁ ୧୯୬୭ | ୧୦. | କୃଷ୍ଣକାନ୍ତ | ୧୯୯୭ରୁ ୨୦୦୨ |
| ୩. | ଭିଭି ଗିରି | ୧୯୬୭ରୁ ୧୯୬୯ | ୧୧. | ଭୈରୋଁସିଂ ଶେଖାୱତ | ୨୦୦୨ରୁ ୨୦୦୭ |
| ୪. | ଗୋପାଳ ପାଠକ | ୧୯୬୯ରୁ ୧୯୭୪ | ୧୨. | ହମିଦ ଅନସାରୀ | ୨୦୦୭ରୁ ୨୦୧୨<br>୨୦୧୨ରୁ ୨୦୧୭ |
| ୫. | ବିଡି ଜତ୍ତି | ୧୯୭୪ରୁ ୧୯୭୯ | | | |
| ୬. | ମହମ୍ମଦ ହିଦାୟତୁଲ୍ଲା | ୧୯୭୯ରୁ ୧୯୮୪ | ୧୩. | ଭେଙ୍କିଆ ନାଇଡୁ | ୨୦୧୭ରୁ ୨୦୨୨ |
| ୭. | ଆର. ଭେଙ୍କଟରମଣ | ୧୯୮୪ରୁ ୧୯୮୭ | ୧୪. | ଜଗଦୀପ ଧନଖଡ଼ | ୨୦୨୨ରୁ ୨୦୨୫ |
| ୮. | ଏସ୍‌ଡି ଶର୍ମା | ୧୯୮୭ରୁ ୧୯୯୨ | ୧୫. | ସିପି ରାଧାକ୍ରିଷ୍ଣନ | ୨୦୨୫ରୁ.... |

## ଉପରାଷ୍ଟ୍ରପତିମାନଙ୍କ ସଂପର୍କରେ କିଛି ରୋଚକ ତଥ୍ୟ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଭାରତୀୟ ଇତିହାସରେ ମହମ୍ମଦ ହିଦାୟତୁଲ୍ଲା ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦେଶର ତିନିଟି ଯାକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ଭାରତର ପ୍ରଧାନ ବିଚାରପତି ପଦବୀରେ ଆସୀନ ହୋଇଛନ୍ତି। ସେ ଦୁଇ ଥର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ୧୯୬୮ରୁ ୧୯୭୦ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନ ବିଚାରପତି ଥିଲେ। ୧୯୬୯ରେ ରାଷ୍ଟ୍ରପତି ଜାକିର ହୁସେନଙ୍କ ପରଲୋକ ପରେ ଉପରାଷ୍ଟ୍ରପତି ଭିଭି ଗିରି କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ। ତେବେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାପରେ ସେ ଉଭୟ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ପ୍ରଧାନ ବିଚାରପତି ଜଷ୍ଟିସ ହିଦାୟତୁଲ୍ଲାଙ୍କୁ ପ୍ରଥମ ଥର ଲାଗି କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୨୦ ଜୁଲାଇରୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ପୁଣି ହିଦାୟତୁଲ୍ଲା ୧୯୭୯ରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୧୯୮୨ରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଚିକିତ୍ସା ଲାଗି ଆମେରିକା ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ହିଦାୟତୁଲ୍ଲା ୬ ଅକ୍ଟୋବର ୧୯୮୨ରୁ ୩୧ ଅକ୍ଟୋବର ୧୯୮୨ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ଭାରତର ପ୍ରଥମ ଉପରାଷ୍ଟ୍ରପତି ରାଧାକୃଷ୍ଣନ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଦୁଇ ଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ତାଙ୍କ ପରେ କେବଳ ମହମ୍ମଦ ହିଦାୟତୁଲ୍ଲା ଏବଂ ଶଙ୍କର ଦୟାଳ ଶର୍ମା ହେଉଛନ୍ତି ଯେଉଁମାନେ କି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ରାଧାକୃଷ୍ଣନଙ୍କ ପରେ ହମିଦ ଅନସାରୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦୁଇ ଥର ଉପରାଷ୍ଟ୍ରପତି (୨୦୦୭ରୁ ୨୦୧୭) ହୋଇଥିଲେ। ଉପରାଷ୍ଟ୍ରପତି ପଦବୀ ଲାଗି ଯେତେଥର ପ୍ରତିଦ୍ୱନ୍ଦ୍ୱିତା ହୋଇଛି ସେଥିରେ କେବଳ ଶାସକ ଦଳର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

# ଆମେରିକାରେ ଭାରତୀୟଙ୍କୁ ମୁଣ୍ଡ କାଟି ହତ୍ୟା

ଟେକ୍ସାସ୍, ୧୨।୯ (ଏଜେନ୍ସି): ଆମେରିକା ଟେକ୍ସାସ ରାଜ୍ୟର ଡଲାସ ସହରରେ ମୋଟେଲ ମ୍ୟାନେଜର ଭାବେ କର୍ଯ୍ୟକରୁଥିବା ଜଣେ ଭାରତୀୟଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ୫୦ ବର୍ଷୀୟ ଚନ୍ଦ୍ରମୌଳି ନାଗାମାଲେୟା ନାମକ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ତାଙ୍କ ପତ୍ନୀ ଓ ପୁଅଙ୍କ ସାମ୍ନାରେ ମୁଣ୍ଡ କାଟି ହତ୍ୟା କରାଯାଇଛି। ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଆକ୍ରମଣକାରୀ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିବା ପରେ ତାହାକୁ ଗୋଇଠା ମାରୁଛି ଓ ପରେ ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗୁଥିବାର ଦେଖାଯାଇଛି। ଏହି କାଣ୍ଡ ଘଟାଇଛନ୍ତି ୩୭ ବର୍ଷୀୟ ୟୋର୍ଡାନିସ୍ କୋବୋସ- ମାର୍ଟିନଜ। ପୁଲିସ ତାକୁ ଗିରଫ କରିଛି। କର୍ଣ୍ଣାଟକର ଚନ୍ଦ୍ରମୌଳି ଡଲାସ୍‌ରେ



ଡାଉନଟାଉନ୍ ସୁଇଟ୍ସ ମୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଭଙ୍ଗା ୱାସିଂ ମେସିନକୁ ନେଇ ଚନ୍ଦ୍ରମୌଳି ଓ ତାଙ୍କର ସହକର୍ମୀ ମାର୍ଟିନେଜଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ପୁଲିସ କହିଛି। ଚନ୍ଦ୍ରମୌଳି ଏହି ଭଙ୍ଗା ୱାସିଂ ମେସିନ ବ୍ୟବହାର ନ କରିବାକୁ କହିଥିଲେ। କିନ୍ତୁ ଏନେଇ ବିବାଦ ବହୁତ ଆଗକୁ ବଢ଼ିଯାଇଥିଲା। ଉତକ୍ଷିପ୍ତ ହୋଇ ମାର୍ଟିନେଜ ଛୁରୀରେ ଚନ୍ଦ୍ରମୌଳିଙ୍କୁ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସେ ସାହଯ୍ୟ ପାଇଁ ମୋଟେଲ ପାର୍କି ଅଞ୍ଚଳରେ ପାଟି କରି ଦୌଡ଼ିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କର ପିଛା କରିଥିଲା ଓ ମାଚେଟ ଅର୍ଥାତ ଏକ ଧାରୁଆ ବ୍ଲେଡ୍ ଥିବା ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲା। ମୋଟେଲ ସାମ୍ନା ଅଫିସ୍‌ରେ ଥିବା ଚନ୍ଦ୍ରମୌଳିଙ୍କ ପତ୍ନୀ ଓ ପୁଅ ଦୌଡ଼ିଆସି ତାଙ୍କ ବଞ୍ଚାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ସେ ଚନ୍ଦ୍ରମୌଳିଙ୍କ ମୁଣ୍ଡକାଟି ଦେଇଥିଲା। ଏହାପରେ ନିକଟରେ ଥିବା ଡଲାସ ଦମକଳ କର୍ମଚାରୀମାନେ ରକ୍ତରେ ଜୁଡୁବୁଡୁ ମାର୍ଟିନେଜକୁ ପିଛା କରିଥିଲେ। ପୁଲିସ ତାକୁ ଗିରଫ କରିଛି ଓ ସେ ମଧ୍ୟ ନିଜର ଅପରାଧ ସ୍ୱୀକାର କରିଛି। ପୁଲିସ ତା ଠାରୁ ରକ୍ତ ଲାଗିଥିବା ଏକ ଟି ସାର୍ଟ, ଏକ ଛୁରୀ, ଚନ୍ଦ୍ରମୌଳିଙ୍କ ଫୋନ୍ ଓ କି- କାର୍ଡ ଜବତ କରିଛି। ମାର୍ଟିନେଜ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହିଛି। ସେ ପୂର୍ବରୁ ଏକାଧିକ ଅପରାଧ ସହ ଜଡିତ। ଏହାପୂର୍ବରୁ ସେ କାଲିଫର୍ଣ୍ଣିଆରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ତାପୂର୍ବରୁ ଫ୍ଲୋରିଡା ଓ ହଷ୍ଟନରେ ତାକୁ ଗିରଫ ମଧ୍ୟ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂଦାବାସ ଚନ୍ଦ୍ରମୌଳିଙ୍କ ହତ୍ୟା ପରେ ଦୁଃଖ ପ୍ରକାଶ କରିଛି ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଦେବାକୁ କହିଛି।

## ହାଇକୋର୍ଟଙ୍କୁ ବୋମା ଧମକ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦିଲ୍ଲୀ ଓ ବମ୍ବେ ହାଇକୋର୍ଟକୁ ଶୁକ୍ରବାର ବୋମା ଧମକ ମିଳିଥିଲା। କିନ୍ତୁ ଏହି ଧମକ ଶେଷରେ ମିଥ୍ୟା ବୋଲି ଜଣା ପଡ଼ିଛି। ପ୍ରଥମେ ଦିଲ୍ଲୀ ହାଇକୋର୍ଟକୁ ଇମେଲ ଜରିଆରେ କୋର୍ଟ ରୁମ୍‌ରେ ୩ଟି ବମ୍ ରଖାଯାଇଛି ବୋଲି ସୂଚନା ମିଳିଥିଲା। ଅପରାହ୍ଣ ୨ଟା ପରେ କୋର୍ଟ ପରିସରକୁ ଖାଲି କରିବାକୁ କୁହାଯାଇଥିଲା। ଏହାପରେ ପୁଲିସ କୋର୍ଟକୁ ଖାଲି କରିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ବମ୍ ଖୋଜିଥିଲେ। କିନ୍ତୁ କିଛି ମିଳି ନଥିଲା। ଶେଷରେ ବୋମା ବିସ୍ଫୋରଣ ଧମକ ମିଥ୍ୟା ସାବ୍ୟସ୍ତ ହୋଇଛି। ଇତିମଧ୍ୟରେ ବମ୍ବେ ହାଇକୋର୍ଟଙ୍କୁ ମଧ୍ୟ ସମାନ ଧମକ ମିଳିଥିଲା। ଫଳରେ କୋର୍ଟ ପରିସରକୁ ଖାଲି କରାଯାଇଥିଲା ଓ କିଛି ମିଳି ନଥିଲା। ଦୁଇଟି ସ୍ଥାନରେ ପାଖାପାଖି ୨ ଘଣ୍ଟା ଖୋଜାଖୋଜି କରାଯାଇଥିଲା।

ବମ୍ବେ ହାଇକୋର୍ଟ ବ୍ୟତୀତ ବିହାରରେ ମଧ୍ୟ ବୋମା ବିସ୍ଫୋରଣ ଧମକ ମିଳିଥିଲା। ସେପ୍ଟେମ୍ବର ୧୧ରେ ଏଠାରେ ବୋମା ଧମକ ମିଳିଥିଲା। ଶୁକ୍ରବାର ସର୍ବସାଧାରଣ ସ୍ଥାନରେ ବିସ୍ଫୋରଣରେ ଉଡାଇ ଦେବାକୁ କୁହାଯାଇଥିଲା। ଏହାପରେ ପୂରା ରାଜ୍ୟରେ ଆଲର୍ଟ ଜାରି କରାଯାଇଥିଲା। ପାକିସ୍ତାନର ଏକ ଏକ୍ସ ହ୍ୟାଣ୍ଡଲ୍‌ରୁ ଏହି ଧମକ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ୪ଟାରେ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ଯଦି ରୋକି ପାରିବ ତ ରୋକ ବୋଲି କୁହାଯାଇଥିଲା। ଏହି ଏକ୍ସ ହ୍ୟାଣ୍ଡଲ ପାକିସ୍ତାନର ତହରିକ୍ ଲବ୍ବେକ ନାମକ ଏକ ସଂଗଠନ ସହିତ ଜଡିତ ବୋଲି କୁହାଯାଇଛି। ଧମକ ମିଳିବା ପରେ ସର୍ବସାଧାଣ ସ୍ଥାନ, ଜନଗହଳି ଅଞ୍ଚଳ, ଧାର୍ମିକ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଅଗଷ୍ଟ ୨୦ରେ ଦିଲ୍ଲୀର ପାଖାପାଖି ୫୦ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ ଧମକ ମିଳିଥିଲା। କିନ୍ତୁ ଏହା ମିଥ୍ୟା ସାବ୍ୟସ୍ତ ହୋଇଥିଲା। ଫଳରେ କେତୋଟି ସ୍କୁଲ ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ।

## କେବଳ ଦିଲ୍ଲୀ ନୁହେଁ, ସାରା ଦେଶ ସ୍ୱଚ୍ଛ ବାୟୁର ହକ୍‌ଦାର୍

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀରେ ବାଣକୁ ବ୍ୟାନ କରିବା ନେଇ ଦିଆଯାଇଥିବା ଆଦେଶକୁ ଚ୍ୟାଲେଞ୍ଜ୍ କରିଥିବା ଆବେଦନଗୁଡିକର ଶୁଣାଣି କରିଥିଲେ। କେବଳ ଦିଲ୍ଲୀ-ଏନ୍‌ସିଆରର ସହରଗୁଡିକୁ ସ୍ୱଚ୍ଛ ଓ ନିର୍ମଳ ବାୟୁ ମିଳିବାର ଅଧିକାର ଅଛି, ତେବେ ଦେଶର ଅନ୍ୟ ସହରଗୁଡିକୁ କାହିଁକି ନୁହଁ ବୋଲି ମୁଖ୍ୟ ବିଚାରପତି ବିଆର ଗବାଇ ପ୍ରଶ୍ନ କରିଛନ୍ତି। ପ୍ରଦୁଷଣ ନିୟନ୍ତ୍ରଣକୁ ନେଇ ମୁଖ୍ୟ ବିଚାରପତି ଗବାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁଣାଣି କରି କହିଥିଲେ ଯେ, ଯଦି ବାଣ ବ୍ୟାନ କରିଯିବ, ତେବେ ସାରା ଦେଶରେ ବ୍ୟାନ କରାଯିବ। ନିର୍ମଳ ବାୟୁ କେବଳ ଦିଲ୍ଲୀ-ଏନ୍‌ସିଆର ପର୍ଯ୍ୟନ୍ତ ସୀମିତ ରହିବା ଉଚିତ ନୁହଁ। ବରଂ ଏହା ଦେଶର ସବୁ ନାଗରିକଙ୍କୁ ମିଳିବା ଉଚିତ ବୋଲି ଏହି ଖଣ୍ଡପୀଠ କହିଥିଲେ। ପ୍ରଦୂଷଣ ଓ ପର୍ଯ୍ୟାବରଣ ସମ୍ପର୍କରେ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସାରା ଭାରତରେ ଲାଗୁ ହେବା ଉଚିତ। କେବଳ ଦିଲ୍ଲୀ ପାଇଁ ଆମେ ଏହି ନୀତି ନିର୍ଦ୍ଧାରଣ କରିବୁ ନାହୁଁ। ଦିଲ୍ଲୀରେ କେବଳ ଉଚ୍ଚ ପଦ ପଦବୀରେ ରହୁଥିବା ବ୍ୟକ୍ତି ବା ଏଲିଟ କ୍ଲାସ ପାଇଁ ଏହି ନିଷ୍ପତ୍ତି ନିଆଯାଇ ପାରିବନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ ହେବ। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୨୫ ଏପ୍ରିଲ ୩ରେ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆଦେଶ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ବାଣର ବିକ୍ରି, ସଂରକ୍ଷଣ, ପରିବହନ ଓ ତିଆରି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ ସଂଶୋଧନ କରିବା ନେଇ ଆବେଦନ କରାଯାଇଥିଲା।

## ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି: ନେତାନ୍ୟାହୁ

ତେଲ ଅଭିଭ୍, ୧୨।୯ (ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନ୍ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଆମେ କେବେବି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି ଓ ଏହି ସମଗ୍ର ଅଞ୍ଚଳ ଆମର। ୱେଷ୍ଟ ବ୍ୟାଙ୍କରେ ଏକ ବିବାଦୀୟ ବନ୍ଦୋବସ୍ତ ପ୍ରସସ୍ତୀକରଣ ପ୍ରକଳ୍ପ ନେଇ ଏକ ମହତ୍ତ୍ୱପୂର୍ଣ୍ଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ସେ ଏହି କଥା କହିଛନ୍ତି। ଏହି ଚୁକ୍ତି ଅନୁସାରେ ୱେଷ୍ଟବ୍ୟାଙ୍କ ଅଞ୍ଚଳରେ ଇ୧ ସେଟେଲମେଣ୍ଟ ପ୍ରକଳ୍ପକୁ ଆଗକୁ ବଢ଼ାଯିବ। ଫଳରେ ପୂର୍ବ ଜେରୁଜେଲମ ନିକଟରେ ୧୨ ବର୍ଗ କିମି ଅଞ୍ଚଳରେ ହଜାର ନୂଆ ଘର, ସଡକ ଓ ବିଭିନ୍ନ ସ୍ଥାୟୀ ଢ଼ାଞ୍ଚା ନିର୍ମାଣ କରାଯିବ। ୮, ୪୦୦ କୋଟି ଟଙ୍କା ବିନିୟମରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଜମି ହେଉଛି ଆମର ଓ ଆମେ ଆମର ପରମ୍ପରା ଓ ଜମିକୁ ରକ୍ଷା କରିବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପକୁ ଇସ୍ରାଏଲ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୋଜନା କମିଟି ନିକଟରେ ମଞ୍ଜୁରି ପ୍ରଦାନ କରିଥିଲା। ଏହି ପ୍ରକଳ୍ପ ପୂର୍ବରୁ ୨୦୧୨ ଓ ୨୦୨୦ରେ ଆମେରିକା ଓ ୟୁରୋପିୟ ୟୁନିୟନର ବିରୋଧ କାରଣରୁ ଆଗକୁ ବଢ଼ି ପାରି ନଥିଲା। କିନ୍ତୁ ଏବେ ଏହାକୁ ପୁଣି ଥରେ ଆରମ୍ଭ କରାଯିବ।

## ସିକ୍କିମରେ ଭୂସ୍ଖଳନ; ୪ ମୃତ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ଭୂସ୍ଖଳନ ଯୋଗୁଁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ଜଣ ନିଖୋଜ ହୋଇଛନ୍ତି। ପଶ୍ଚିମ ସିକ୍କିମର ୟଙ୍ଗଥଙ୍ଗର ଅପର ରିମ୍ବି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ରାତିରେ ଭୂସ୍ଖଳନ ହୋଇଥିଲା। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ପ୍ରବଳ ସ୍ରୋତରେ ବହୁଥିବା ଏକ ନଦୀରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଗାମୀ କେତୋଟି ଦିନରେ ଆହୁରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ଆଲର୍ଟ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାରେ ଯମୁନା ନଦୀର ବନ୍ୟା ଆସିଛି। ଏଠାରେ ୨୫ କଲୋନୀ ଓ ୪୦ଟି ଗାଁରେ ୨ରୁ ୫ ଫୁଟ ଉଚ୍ଚର ପାଣି ପଶିଛି। ତାଜମହଲ ପଛରେ ଥିବା ପାର୍କ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ଆଗ୍ରାରେ ୪୭ ବର୍ଷ ପରେ ଏଭଳି ବନ୍ୟା ଆସିଛି। ହିମାଚଳ ପ୍ରଦେଶରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ବର୍ଷା, ବନ୍ୟା ଓ ଭୂସ୍ଖଳନ କାରଣରୁ ଏପର୍ଯ୍ୟନ୍ତ ୩୮୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ସବୁଠାରୁ ଅଧିକ ୪୮ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଦଲଫଟା ବର୍ଷାରେ ୧୭ଜଣ ପ୍ରାଣ ହରାଇଛନ୍ତି।

## ସୃଷ୍ଟି ହେଲା ଲଘୁଚାପ
# ଦକ୍ଷିଣ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୨।୯ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ କେନ୍ଦ୍ରୀୟ ଓ ପାଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିଛି। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ରାୟଗଡ଼ାରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୩୩, ଛତ୍ରପୁର ୨୪, କୋରାପୁଟ ୨୦, ଝାରସୁଗୁଡ଼ା ୧୮, କଟକ ୧୨ ଓ ଗୋପାଳପୁରରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୧୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି। ତେବେ ଆଗାମୀ ୪୮ ଘଣ୍ଟାରେ ଲଘୁଚାପର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବାରୁ ଶନିବାର ପାଇଁ ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଲଘୁଚାପ ପ୍ରଭାବର ଉତ୍ତର ପଶ୍ଚିମବଙ୍ଗୋପସାଗରରେ ପବନର ବେଗ ୩୫-୪୫ କିମି ଓ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।


ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ

ଅନ୍ୟପଟେ ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନକୂଳ ହୋଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ଦେଶର ଉତ୍ତର ପଶ୍ଚିମ ଭାଗ ଯଥା ପଶ୍ଚିମ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ସମ୍ଭାବନା ରହିଛି। ସାଧାରଣତଃ ଲଗାତାର ୫ ଦିନ ପର୍ଯ୍ୟନ୍ତ ବର୍ଷା କମିବା ପରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଜନିତ ସ୍ଥିତି ସୃଷ୍ଟି ହୋଇଥାଏ। ଗୁରୁଚାପ ବଳୟ ସୃଷ୍ଟି ହେବା ସହ ଆକାଶ ନିର୍ମଳ ମଧ୍ୟ ରହିବ। ସେପ୍ଟେମ୍ବର ୧ ପରେ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥାଏ। ଓଡ଼ିଶାରୁ ମୌସୁମୀ ଅକ୍ଟୋବର ୧୦-୧୫ ତାରିଖ ମଧ୍ୟରେ ବିଦାୟ ନେଇଥାଏ। ଯେହେତୁ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ସମୟରେ ଦେଶରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଛି, ଓଡ଼ିଶାରୁ ମଧ୍ୟ ସଠିକ୍ ସମୟରେ ମୌସୁମୀ ବିଦ୍ୟାୟ ନେବା ନେଇ ଆକଳନ କରାଯାଉଛି।

## ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍
# କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

ପୁରୀ,୧୨।୯ (ସମିସ): ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍। ଏ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଆକ୍ଟିଭ୍ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। କିଛିଦିନର ବ୍ୟବଧାନ ପରେ ଗୁରୁବାର ରାତିରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ଡ୍ରୋନ୍‌ଟି ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ଉଡ଼ି ବୁଲୁଥିଲା। ତେବେ ଡ୍ରୋନ୍‌ଟି କେଉଁଠାରୁ ଅପରେଟ୍ ହେଉଛି, କିଏ ଅପରେଟ୍ କରୁଛି ତାହା ଜଣାପଡ଼ି ନ ଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଶୁକ୍ରବାର ସକାଳେ ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ୍। ନୀଳଚକ୍ର ଉପର ଦେଇ ଏହି ଡ୍ରୋନ୍ ପ୍ରାୟ ୧୦ ମିନିଟ୍ ଧରି ସେଠାରେ ଉଡ଼ି ବୁଲିଥିଲା। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ମଧ୍ୟ କୌଣସି ସୁରାକ୍ ପାଇପାରି ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁ ନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଗତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଏହି ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଦକ୍ଷିଣ ଦ୍ୱାର ପାଶ୍ୱର୍ରେ ଉଡୁଥିବା ଏକ ଡ୍ରୋନକୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଖସାଇ ଦେଇଥିଲା। ଏହି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ୍ ଉଡ଼ିଲେ ଏହାକୁ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ଏହି ସିଷ୍ଟମ୍ ବୋଲି କୁହାଯାଇଥିଲା। ହେଲେ ଏହା ପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ୍। କିନ୍ତୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ନିଷ୍କ୍ରିୟ କରିବାରେ ଫେଲ୍ ମାରିଛି। ଫଳରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

## ସାର ନିଅଣ୍ଟ; ବର୍ଷିଲା ବିଜେଡି
# ୧୫ରେ ରାଜଭବନ ଆଗରେ ବିଶାଳ ଗଣଧାରଣା

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବି କରୁଛନ୍ତି। ହେଲେ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ସାର ସଂକ୍ରାନ୍ତ ସରକାରଙ୍କ ସବୁ ଦାବି ମିଥ୍ୟା ପ୍ରମାଣିତ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟରେ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। ମାତ୍ର ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ମାତ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।



ପ୍ରମିଳା ମଲ୍ଲିକ କହଛନ୍ତି ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ; କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେର ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସେ କହିଛନ୍ତି।

> ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ସାର ସମସ୍ୟା
>
> ୮୪ ମାସ ପରେ ବି କାର୍ଯ୍ୟକ୍ଷମ ହେଲାନି ସାର କାରଖାନା

# ନଭେମ୍ବର ୫ରୁ ଐତିହାସିକ କଟକ ବାଲିଯାତ୍ରା
## କେବଳ ତଳ ପଡ଼ିଆରେ ଯାତ୍ରା, ତିଆରି ହେବ ଗ୍ରୀନ୍ କରିଡର୍

କଟକ, ୧୨।୯ (ସମିସ): କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ସୁରକ୍ଷିତ ବାଲିଯାତ୍ରା ଆୟୋଜନକୁ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି। ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ଏଥି ସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଏହାସହ ଗ୍ରୀନ୍ କରିଡର, ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ପାର୍କିଂସ୍ଥାନରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ଅତି କମରେ ୪୦ଟି ବସ୍ ସେବା ପାଇଁ ସ୍ଥିର କରାଯାଇଛି। ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ଉପସ୍ଥାପନ କରିଥିଲେ।



## ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ
# ଅନ୍ୱେଷା ରେଡ୍ଡୀ ଆଇଜି ରେଜିଷ୍ଟ୍ରେସନ

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଦଳବଦଳରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟଅମୃତା କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଥିଲେ। ଅନ୍ୟପଟେ ବର୍ତ୍ତମାନ ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଓ ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶିକା ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଛାତ୍ର ସଂସଦ ନିର୍ବାଚନ
# ମଉଳୁଛି ଆଶା; ଆଶଙ୍କାରେ ଛାତ୍ରନେତା

ଭୁବନେଶ୍ୱର, ୧୨।୯ (ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବାର ଆଶା ମଉଳି ଯାଉଛି। ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ ନିର୍ବାଚନ ହେଉଥିବାବେଳେ ଏହି ପ୍ରକ୍ରିୟା ନିମନ୍ତେ ଅନ୍ୟୂନ ୩ ସପ୍ତାହ ଲାଗିଥାଏ। ତେଣୁ ହାତରେ ଆଉ ସମୟ ନ ଥିବାରୁ ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇ ନପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ବିଜେପିର ଘୋଷଣା ପାଣିର ଗାର ପାଲଟିବାକୁ ଯାଉଛି।

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇଦିନ ପରେ ମତଦାତାଙ୍କ ଏକ ପ୍ରାଥମିକ ସୂଚୀ ପ୍ରକାଶ ପାଇଥାଏ। ମତଦାତା ସୂଚୀ ଉପରେ ଆପତ୍ତି ଅଭିଯୋଗ କରିବାକୁ ୩ଦିନ ସମୟ ଦିଆଯାଏ। ଏହା ପରଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥାଏ। ମତଦାତା ସୂଚୀ ପ୍ରକାଶ ପରେ ଆଶାୟୀଙ୍କୁ ନାମାଙ୍କନ ପାଇଁ ୩ ଦିନ ସମୟ ମିଳେ। ଏହା ପରଦିନ ପ୍ରାର୍ଥୀପତ୍ର ଯାଞ୍ଚ କରିବା ସହ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ। ଏହି କ୍ରମରେ ପ୍ରଚାର କରିବା ପାଇଁ ପ୍ରାର୍ଥୀମାନେ ୭ରୁ ୮ ଦିନ ସମୟ ପାଇଥା'ନ୍ତି। ନିର୍ବାଚନ ସରିବା ପରେ ଫଳ ଘୋଷଣା ସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁର୍ଗାପୂଜା ଛୁଟି ହୋଇଥାଏ। ଏହି ସମସ୍ତ ପ୍ରକ୍ରିୟା ପାଇଁ ପ୍ରାୟ ୩ ସପ୍ତାହ ଲାଗିଥାଏ। ଏଣୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନ ଥିବାରୁ ନିର୍ବାଚନ ନ ହେବାର ଆଶଙ୍କା କ୍ରମଶଃ ଦୃଢ଼ୀଭୂତ ହେଉଛି।

ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଚଳିତ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ନାମଲେଖା ଆରମ୍ଭ ହେଉହେଉ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯାତନା ଓ ଆତ୍ମଦାହ ଘଟଣା ଛାତ୍ର ସଂସଦ ନିର୍ବାଚନ ଉପରେ କଳା ବାଦଲ ଢାଙ୍କି ଦେଇଛି। ପୁନଶ୍ଚ ଆତ୍ମଦାହ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁଇଜଣ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କାର୍ଯ୍ୟକର୍ତ୍ତାଙ୍କୁ କ୍ରାଇମବ୍ରାଞ୍ଚ ବାନ୍ଧିବା ଶାସକ ଦଳକୁ ଅଡୁଆରେ ପକାଇଛି। ପୁନଶ୍ଚ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବହୁ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ତାକୁ ଚାପି ଦେଇଥିବା ଅଭିଯୋଗ ଜଣା ପଡ଼ିବା ପରେ ଛାତ୍ରମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି ଓ ଛାତ୍ର ସଂସଦ ନିର୍ବାଚନ କରିବା ନେଇ ସରକାର ଆଉ ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ଶିକ୍ଷାବର୍ଷକୁ ୫ମାସ ବିତିଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇ ନ ଥିବାରୁ ଛାତ୍ର ସଂସଦ ନିର୍ବାଚନ ଆଶା କ୍ଷୀଣ ହେଉଛି।

# ବ୍ଲାକମେଲିଂ ଓ ଦୁଷ୍କର୍ମ ଅଭିଯୋଗରେ ଜେଲ୍‌ଗଲେ ଅଧ୍ୟାପକ

ଲାଞ୍ଜିଗଡ଼,୧୨।୯ (ସମିସ): ଗାଧୋଇବା ସମୟରେ ମୋବାଇଲରେ ଫଟୋ ଉଠାଇ ଜଣେ ମହିଳାଙ୍କୁ ବ୍ଲାକମେଲିଂ କରିବା ସହ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମହିଳା ଜଣକ ଅଧ୍ୟାପକ ବିକ୍ରମ ସ୍ୱାଇଁଙ୍କ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁରୀ ଅସ୍ତରଙ୍ଗ ଥାନା ଅଞ୍ଚଳର।



ସୂଚନା ଅନୁସାରେ, ସମ୍ପୃକ୍ତ ପୀଡ଼ିତା ଓ ଅଭିଯୁକ୍ତ ଅଧ୍ୟାପକ ପାଖାପାଖି କ୍ୱାର୍ଟର୍ସରେ ରହୁଥିଲେ। ବର୍ଷକ ତଳେ ମହିଳା ଜଣକ ଗାଧୋଉଥିବା ବେଳେ ଅଭିଯୁକ୍ତ ଅଧ୍ୟାପକ ହଠାତ୍ ପଶିଆସି ମୋବାଇଲରେ ମହିଳାଙ୍କ ନଗ୍ନଫଟୋ ଉଠାଇଥିଲେ। ସେଇଦିନଠୁ ସେ ମହିଳାଙ୍କୁ ଫଟୋ ଦେଖାଇ ବ୍ଲାକମେଲ କରିବା ସହିତ ବାରମ୍ବାର ଦୁଷ୍କର୍ମ କରୁଥିବା ପୀଡ଼ିତା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏପରିକି ମହିଳା ଜଣକ ନିଜ ଗାଁକୁ ଯାଇ ଫେରିବା ପରେ ବି ଅଧ୍ୟାପକ ଜଣକ ତାଙ୍କୁ ବ୍ଲାକମେଲ କରିବା ଛାଡ଼ି ନ ଥିଲେ। ଏନେଇ ମାନସିକ ଚାପର ବଶବର୍ତ୍ତୀ ହୋଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ୍ୟ ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ତାଙ୍କ ନଗ୍ନ ଫଟୋକୁ ସମ୍ପୃକ୍ତ ଅଧ୍ୟାପକ ନିଜର ସାଙ୍ଗସାଥୀଙ୍କୁ ପଠାଇ ତାଙ୍କୁ ବଦନାମ୍ କରୁଥିବା ସେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ପରେ ଅଭିଯୁକ୍ତ ଅଧ୍ୟାପକ ଦୀର୍ଘ ୧୧ମାସ ପର୍ଯ୍ୟନ୍ତ ଛୁଟି ନେଇ ପଳାଇଥିଲେ। ତେବେ ଗତ ୯ ତାରିଖ ଦିନ ସେ ଶିକ୍ଷାନୁଷ୍ଠାନକୁ ଫେରିବା ଦିନ ମହିଳାଜଣକ ଲାଞ୍ଜିଗଡ଼ ଥାନାରେ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଲାଞ୍ଜିଗଡ଼ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ୧୦ ତାରିଖ ଦିନ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅଧ୍ୟାପକ ଏବେ ବିଚାର ବିଭାଗୀୟ ଜେଲ୍‌ରେ ଅଛନ୍ତି। ତାଙ୍କୁ ମିଥ୍ୟା ମାମଲାରେ ଫଶାଇ ଦିଆଯାଇଛି ବୋଲି କିଛି ସହକର୍ମୀ ଓ ପୁରାତନ ଛାତ୍ର କହିଛନ୍ତି।

## ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଘଟଣ
# କନିଷ୍ଠ କିରାଣିଙ୍କ ଆତ୍ମାହୁତି ଉଦ୍ୟମ

ମାର୍ଶାଘାଇ,୧୨।୯ (ସମିସ): ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କନିଷ୍ଠ କିରାଣି (ଟାଇପିଷ୍ଟ) ଅରୁଣ କୁମାର ରଥ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ଘଟଣା ଆଜି ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଶ୍ରୀ ରଥ ଦେହରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ୍ ଶ୍ରୀକାନ୍ତ ପରିଜା ତାଙ୍କୁ ଏଥିରୁ କ୍ଷାନ୍ତ କରିଥିଲେ।

ସୂଚନା ମୁତାବକ, ଶ୍ରୀ ରଥ ୨୩ ବର୍ଷ ଧରି ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କିରାଣି (ଟାଇପିଷ୍ଟ) ଭାବେ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହାକୁ ବିରୋଧ କରି ଅଦାଲତର ଆଶ୍ରୟ ନେଇ ବିଫଳ ହୋଇଥିଲେ। ଫଳରେ ଅରୁଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନ ଥିଲା। ଅରୁଣ ନ୍ୟାୟ ପାଇଁ ଅନଶନ କରିଥିବାବେଳେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଅରୁଣ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ମାର୍ଶାଘାଇ ଥାନା ଅଧିକାରୀ, ତହସିଲଦାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୨ ତାରିଖ ବିଦ୍ୟାଳୟ ସ୍ୱନକ୍ଷତ୍ର ଅବସରରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଫଳରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଗ୍ନିଶମ କର୍ମଚାରୀ, ପୁଲିସ କର୍ମଚାରୀ, ମାଜିଷ୍ଟ୍ରେଟ ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଜାଗ ଥିଲେ। ତେବେ ସୁରକ୍ଷା ବଳୟ ଭେଦ କରି ଧାର୍ଯ୍ୟ ସମୟ ୧୨ଟାର ବହୁ ବିଳମ୍ବରେ ଅରୁଣ ମୁହଁରେ ମାସ୍କ ପିନ୍ଧି ବିଦ୍ୟାଳୟ ପଶ୍ଚିମପାର୍ଶ୍ୱ ଜଙ୍ଗଲିଆ ରାସ୍ତାରେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ପାଇଁ ଉଦ୍ୟମ କରୁଥିବାବେଳେ ମାଜିଷ୍ଟ୍ରେଟ ଶ୍ରୀ ପରିଜା ପେଟ୍ରୋଲ ବୋତଲ ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପେଟ୍ରୋଲ କେଉଁଠୁ ଆଣିଲ ବୋଲି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ବାଇକରୁ ପେଟ୍ରୋଲ ନିଗାଡ଼ି ଆଣିଥିବା କହିଥିଲେ।


ଦେହରେ ପେଟ୍ରୋଲ ଢାଳିବା ବେଳେ ଅଟକାଇଲେ ମାଜିଷ୍ଟ୍ରେଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର,୧୨।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଜଣେ ନର୍ସିଂ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ନର୍ସିଂ ଛାତ୍ର ଜଣଙ୍କ ହେଲେ ସୋର ଅଞ୍ଚଳର ରୋମିଓ ରଞ୍ଜନ ସାମଲ(୨୦)। ମୃତ୍ୟୁର କାରଣ ଏଯାଏଁ ଅସ୍ପଷ୍ଟ ଥିବାବେଳେ ଅନଲାଇନ୍ ଗେମ୍‌ରେ ଟଙ୍କା ହରାଇବା ଦୁଃଖରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ମୃତ୍ୟୁକୁ ନେଇ ପରିବାର ଲୋକ ମୁହଁ ଖୋଲିନଥିବା ବେଳେ ପୁଲିସ ମଧ୍ୟ ଏହାର କାରଣ ସ୍ପଷ୍ଟ କରିନାହିଁ।

ସୂଚନାନୁଯାୟୀ, ବିଏସ୍‌ସି ନର୍ସିଂର ଛାତ୍ର ରୋମିଓ ପୁରୀର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ତାଙ୍କ ବାପା ମୃତ୍ୟୁଞ୍ଜୟ ସାମଲ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ। ତେଣୁ ରୋମିଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାପାଙ୍କୁ ନେବାଆଣିବା କରିବା ସହ ସେଠାରେ ନର୍ସିଂ ଟ୍ରେନିଂ ନେଉଥିଲେ। ହଠାତ୍ ଗତକାଲି ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ୱାର୍ଡର ଡ୍ରେସିଂରୁମ୍ ଫ୍ୟାନ୍‌ରେ ସେ ଝୁଲିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଫ୍ୟାନରୁ ଓହ୍ଲାଯାଇ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

> ଅନ୍‌ଲାଇନ୍ ଗେମ୍ ଖେଳି ଆତ୍ମହତ୍ୟା କରିଥିବା ସନ୍ଦେହ

# ଉଦବାଲି ଯାତ୍ରା ଉଦ୍‌ଯାପିତ

ଟିକିରି,୧୨।୯(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରିରେ କୃଷିଭିତ୍ତିକପର୍ବ ଶ୍ରୀ ଅଗ୍ନି ଭୈରବଙ୍କ ଉଦବାଲି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୪ ତାରିଖରୁ



ଏହା ଆରମ୍ଭ ହୋଇ ଶୁକ୍ରବାର ଅର୍ଥାତ୍ ୧୨ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଦିନ ଗକୁଳମୁଣ୍ଡା ନାଳରୁ ଚାଙ୍ଗୁଡିରୁ ବାଲି ବାହାର କର ସେଥିରେ ଶସ୍ୟପକାଇ ପାଣି ଢଳାଯାଏ। ସେଥିରେ ଗଜା ବାହାରିଥାଏ। ଯେତେ ଅଧିକା ଗଛ ହେଲେ ଫସଲ ଭଲ ହୁଏ ବୋଲି ବିଶ୍ୱାସ ରହିଛି। ଅଗ୍ନି ଭୈରବ ପ୍ରତ୍ୟକ ଦିନ ସନ୍ଧ୍ୟାରେ ବାଜା ,ଢୋଲ, ମହୁରି ବଜାଇ ଘମୁରା ବାଜାର ତାଳେ ତାଳେ ପ୍ରତ୍ୟେକ ସାହି ଘରଘର ବୁଲି ନଡିଆ, କଦଳୀ, ପଣା ଧୂପଦୀପ ଗ୍ରହଣ କରିଥାନ୍ତି। ମନ୍ଦିରେ ଅସ୍ଥାୟୀ ଛାମୁଣ୍ଡାରେ ବନ୍ଧା ହୋଇଥିବା କଣ୍ଟା ଦଳିରେ ଝୁଲନ୍ତି। ଶେଷଦିନରେ ଅଗ୍ନିଭୈରବ ଓ ଭଉଣୀ ଗଙ୍ଗାଦେବୀ ଠାକୁରାଣୀ ମିଶିକି ନାଚନ୍ତି ଓ ଉଭୟ କଣ୍ଟାଦୋଳିରେ ଝୁଲନ୍ତି। ଅଗ୍ନି ଭୈରବ ନିଆଁରେ ଚାଲନ୍ତି ଓ ଭକ୍ତଙ୍କ ମନସ୍କାମନା ପୂର୍ଣ କରନ୍ତି। ଭୈରବ ଠାକୁର ଅଗ୍ନିରେ ଚାଲିବା ପାଇଁ ହିଁ ତାଙ୍କ ନାମ ଅଗ୍ନି ଭୈରବ ରୂପେ ପରିଚିତ। ଏହି ଯାତ୍ରାରେ ଟିକିରି ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିବା ବେଳେ ଯାତ୍ରା ସୁରୁଖୁରୁରେ ପରିଚାଳିତ ହୋଇଥିବାରୁ ପରିଚାଳନା କମିଟିକୁ ଧନ୍ୟବାଦ ଜଣାଇଛନ୍ତି।

# ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରର ମେଗା ବୈଠକ



ଜୟପୁର,୧୨।୯(ସମିସ): ଜୟପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଦ୍ୱାରା ନିଯୁକ୍ତ ଗ୍ରାହକ ସେବା କେନ୍ଦ୍ର ଗୁଡିକର ପରିଚାଳକ ମାନଙ୍କୁ ନେଇ ଏକ ମେଗା ବୈଠକ ଆଜି ସ୍ଥାନୀୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୩୫୦ଟି ଗ୍ରାହକ ସେବା କେନ୍ଦ୍ର ଏବଂ ଶାଖା କେନ୍ଦ୍ରର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଆଞ୍ଚଳିର ପରିଚାଳକ ସୁବାଶ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ କେୱାଇସିର ଅପ୍‌ଟୁ ଡେଟ୍, ବ୍ୟାଙ୍କର ଜମାଖାତା ଖୋଲିବା ନେଇ ସଚେତନତା, ସମାଜିକ ସୁରକ୍ଷା ଯୋଜନାରେ ଉପଯୁକ୍ତ ପ୍ରାର୍ଥୀକୁ ସାମିଲ କରିବା, ଜମାଖାତାରେ ଟଙ୍କା ସଞ୍ଚୟ କରିବା, ଦୀର୍ଘବର୍ଷ ବନ୍ଦ ରହିଥିବା ଜମାଖାତାକୁ ପୁନଃର୍ବାର ଚାଲୁ କରିବା , ନିୟମିତ ଜମା ରାଶି ଖାତା ଖୋଲିବା ଏହି ଗ୍ରାହକ ମାନଙ୍କୁ ଉପଯୁକ୍ତ ଓ ସ୍ୱଚ୍ଛ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗ୍ରାହକ ସେବା କେନ୍ଦ୍ର ପ୍ରତିନିଧିଙ୍କଙ୍କ ବିଭିନ୍ନ ସମସ୍ୟା ନେଇ ପ୍ରଶ୍ନର ଉତ୍ତର ଓ ସମାଧାନ କରାଯାଇଥିଲା। ଏହିପରି ବିଭିନ୍ନ ପର୍ଯ୍ୟାୟରେ ସଫଳତା ଏବଂ ଶ୍ରେଷ୍ଠ ଗ୍ରାହକ ସେବା କେନ୍ଦ୍ରର ପ୍ରତିନିଧି ମାନଙ୍କୁ ସମ୍ମାନିତ ସହ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜନା ମ୍ୟାନେଜର ଜିତେନ ଦାଶ କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସିଣ୍ଡିକେଟ ବୈଠକ




ଜୟପୁର,୧୨।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ସ୍ୱତନ୍ତ୍ର ସିଣ୍ଡିକେଟ ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳ ସଚିବ ମହେଶ୍ୱର ନାୟକଙ୍କ ଆହ୍ୱାନ କ୍ରମେ ଏହି ବୈଠକକୁ ବରିଷ୍ଠ ସିଣ୍ଡିକେଟ ସଦସ୍ୟ ପ୍ରଫେସର ଅନିଲ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସମୁଦାୟ ୧୧ ଜଣ ସିଣ୍ଡିକେଟ ସଦସ୍ୟଙ୍କ ନେଇ ଅନ୍‌ଲାଇନ ମାଧ୍ୟରେ ଆୟୋଜିତ ଏହି ବୈଠକରେ ସମ୍ମିଳନୀ କକ୍ଷ ଠାରେ ୫ଜଣ ସିଣ୍ଡିକେଟ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ଅନ୍ୟ ୬ଜଣ ଅନ୍‌ଲାଇନ ମାଧ୍ୟରେ ଉପସ୍ଥିତ ରହିଥିଲେ। ଏଥିରେ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ଚୟନ ପ୍ରକ୍ରିୟାରେ ୩ଜଣ ସଦସ୍ୟଙ୍କ ମଧ୍ୟରୁ ରାଜ୍ୟପାଳ, ରାଜ୍ୟ ସରକାରଙ୍କ ପକ୍ଷରୁ ସଦସ୍ୟ ରହିବା ସହ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟଙ୍କ ପକ୍ଷରୁ ଜଣେ ଉଚ୍ଚ ପଦବୀ, ଜ୍ଞାନୀ ଏବଂ ସମାଜର ଉଚ୍ଚ ସମ୍ପନ୍ନ ସଦସ୍ୟ ଚୟନ କରାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ଆସନ୍ତା ୨୦ ଏବଂ ୨୧ ତାରିଖରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଦୁଇଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜନ କରାଯିବ। ତେଣୁ କିଭଳି ଭାବେ ସ୍ୱର୍ଗତ ମହତାବଙ୍କ ଜୀବନୀ, ତାଙ୍କର ଉଲ୍ଲେଖନୀୟ ସେବା, ସମାଜସେବା ଏବଂ ସାହିତ୍ୟିକ ଭାବେ ଅବଦାନକୁ ନେଇ ଆଲୋଚନାଚକ୍ର , ଫୋଟଚିତ୍ର ପ୍ରଦର୍ଶନ, ଛୋଟ ଭିଡିଓ ପ୍ରଦର୍ଶନ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରଫେସର, ଅଧ୍ୟାପକ, ଅଧ୍ୟାପିକା, ସାହିତ୍ୟିକ, ଐତିହାସି ଏବଂ ବୁଦ୍ଧିଜୀବି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ

# ଇ-ବସ୍ ଚଳାଚଳକୁ ନେଇ ରଣନୀତି ପ୍ରସ୍ତୁତ

କୋରାପୁଟ,୧୨।୯(ସମିସ): ସ୍ଥାନୀୟ ଆଲିସନ ହୋଟେଲ ସମ୍ମିଳନୀ କକ୍ଷରେ କୋରାପୁଟ ଘରୋଇ ମାଲିକ ସଂଘ ଆନୁକୁଲ୍ୟରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମଞ୍ଚରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳର ମୋଟ ୧୨ ଟି ଜିଲ୍ଲାର ଘରୋଇ ବସ୍ ମାଲିକ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦାନ କରିଥିଲେ। ସଂଘର ନୂତନ ଆବାହକ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ୧୨ଟି ଜିଲ୍ଲାରେ ଘରୋଇ ବସ ଗୁଡିକ ନିରବଚ୍ଛିନ୍ନ ସେବା ଯୋଗାଇ ଦେଉଛି । କିନ୍ତୁ ବର୍ତମାନ ଏଠାରେ ସରକାର ଇ -ବସ୍ ଚଳାଇବାକୁ ଯୋଜନା କରୁଛନ୍ତି। ହେଲେ ଘରୋଇ ବସ୍ ମାଲିକ ମାନେ କ୍ଷତି ସହିବା ସହିତ ଘରୋଇ ବସ୍ ଗୁଡିକ ବନ୍ଦ ହେଇଯିବ ବୋଲି ସଂଘର କର୍ମକର୍ତ୍ତା ମାନେ କହିଛନ୍ତି। ଆମେ ଟ୍ୟାକ୍ସ ବାନ୍ଧି ଗାଡି ଚଳାଉଛି । କିନ୍ତୁ ସରକାର ମନମାନି କରୁଛନ୍ତି ବୋଲି ସଂଘ ତରଫରୁ କୁହାଯାଇଛି। ଇ-ବସ ଚଳାଚଳ କଲେ ଘୋର ବିରୋଧ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି। କୋରାପୁଟ ବସ୍ ମାଲିକ ସଂଘର ସଭାପତି ସେକ୍ କସିମ୍ ସଭା ପରିଚାଳନା କରିଥିଲେ। ସମ୍ପାଦକ ଫିରୋଜ କୁମାର ତୁରୁକ୍ ଧନ୍ୟବାଦ ଅର୍ପଣ କରିଥିଲେ।



# ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର

ମାଲକାନଗିରି, ୧୨।୯(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା କାଲିମେଳା, ମାଥିଲି ଓ କୋରକୁଣ୍ଡା ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ପାଇଁ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ତଥା କ୍ଷମତା ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ତାଲିମ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶିକ୍ଷକ ମାନେ ସମସ୍ତ ବ୍ଲକ୍‌ର ପିଇଓ ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ଏବଂ ଏଥିପାଇଁ ଆବଶ୍ୟକ ଜ୍ଞାନ କୌଶଳ ଉପରେ ଏହି ଶିବିରରେ ଆଲୋଚନା କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରକାଳୀନ ଅଧିକାରୀ ଉପସ୍ଥିତ ଥିଲେ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଶିବିର ଆୟୋଜନ କରିବାରେ ସହଯୋଗ କରିଥିଲେ।

# ଲଦିପଦର ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲା ଶିକ୍ଷାଧିକାରୀ

## ୩ କିଲୋମିଟର ଚାଲିଲେ, ପିଲାଙ୍କୁ ପାଠ ପଢ଼ାଇଲେ

ତେନ୍ତୁଳିଖୁଣ୍ଟି,୧୨।୯(ସମିସ): ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଆଜି ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଗୁଣାନକ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ପାଠପଢା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ବିଶେଷକରି ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ତଥା ଜଙ୍ଗଲ ଘେରା ମଧ୍ୟରେ ରହିଥିବା ପାହାଡ଼ ତଳିଆ ଗାଁ ଲଦିପଦର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଜପଦାରଠାରୁ ଲଦି ପଦର ଗାଁ ପର୍ଯ୍ୟନ୍ତ ପକ୍କା ରାସ୍ତା ନାହିଁ। ଫଳରେ ବାଇକ କାର ଆଦି ଯାଇପାରୁନି। ଏମିତି ସ୍ଥିତିରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ ପ୍ରାୟ ୩ କିଲୋମିଟର ଦୂର ପାଦଚଲା ରାସ୍ତା ଦେଇ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିବା



ବେଳେ ଯାହା ବୁଝିଲା, ସେଇ ଅନୁସାରେ ପିଲା ସାହାସିକତା ସହକାରେ ଉତ୍ତର ଦେଇଥିବା ଶୁଣି ଡିଇଓ ଖୁସି ହୋଇଥିଲେ। ସେହିପରି ଗ୍ରାମ ଅଧିବାସୀଙ୍କ ଶହ ଆଲୋଚନା କରି ପିଲାଙ୍କୁ ନିୟମିତ ବିଦ୍ୟାଳୟ ପଠାଇ ଶିକ୍ଷିତ କରାଇବା ଦିଗରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଲଦିପଦର ଗ୍ରାମର ଦୁଇ ଜଣ ଡ୍ରପ୍ ଆଉଟ୍ ଛାତ୍ରୀ ନିଜ ଘର କାମ କରୁଥିବା ସମୟରେ ଠାବ କରାଯାଇଥିଲା। ଏହାପରେ ଉଭୟ ଡ୍ରପ ଆଉଟ୍ ଛାତ୍ରୀ ଦୁଇଜଣଙ୍କୁ ତେନ୍ତୁଳିଖୁଣ୍ଟି ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ସକାଶେ ଏବିଇଓ ମୋହନ ମଧୁସୂଦନ ବାଗଙ୍କୁ ପରାମର୍ଶ କରିଥିଲେ। ଶ୍ରୀ ସାହୁଙ୍କ ଗସ୍ତ ସମୟରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଏବିଇଓ ଶ୍ରୀ ବାଗ, ସିଆରସିସି କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିଏମ ଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପୁଜାରୀଗୁଡା ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶହ ଆଲୋଚନା କରି ପିଲାଙ୍କୁ ବିଭିନ୍ନ ବିଷୟ ଉପରେ ପାଠ ପଢ଼ାଇଥିଲେ।

# ଦେଶୀ ମଦ ଜବତ, ଜଣେ ଗିରଫ

ରାୟଗଡ଼ା,୧୨।୯(ସମିସ): ରାୟଗଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ଅବକାରୀ ନିରୀକ୍ଷକ ସତ୍ୟସୁନ୍ଦର ଦାଶଙ୍କ ନେତୃତ୍ୱରେ ରାୟଗଡା ରେଞ୍ଜ ଅଧିନସ୍ଥ ରାୟଗଡ଼ା ଅବକାରୀ ଥାନା ଅନ୍ତର୍ଗତ ଚାନ୍ଦିଲି, ଜେକେପୁର ଛକ ଠାରେ ଜଣେ ଚୋରା ମଦ ବ୍ୟବସାୟୀ ଦେଶୀ ରନ୍ଧାମଦ ବିକ୍ରି କରିବାକୁ ଯାଉଥିବା ବେଳେ ଅବକାରୀ ଟିମ୍ ଚଢ଼ଉ କରିଥିଲେ। ଚୋରା ମଦ ବ୍ୟବସାୟୀ ଠାରୁ ୬୦ଲିଟର ଦେଶୀ ମଦ ଜବତ କରାଯିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚାନ୍ଦିଲି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମ ଅମ୍ବେଦକର ନଗରର ପଞ୍ଚାନନ ବିଡିକା (୪୭)। ଆଜିର ଏହି ଚଢ଼ଉରେ ରାୟଗଡ଼ା ସଦର ଅବକାରୀ ଥାନା ଓଆଇସି ସଂଜୟ କୁମାର ପ୍ରଧାନ, ଏଏସଆଇ ରାମେଶ୍ୱର ବେହେରା, କନେଷ୍ଟବଳ କିଶୋର କୁମାର ବିଡିକା, ଅମର କୁମାର ଦଳାଇ, ସନ୍ଦୀପ କୁମାର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



# କୋରାପୁଟ ଜିଲ୍ଲାରେ ଶୁଭାରମ୍ଭ ହେଲା ଯଶୋଦା

କୋରାପୁଟ,୧୨।୯(ସମିସ)କୋରାପୁଟ ଜିଲ୍ଲାରେ ଯଶୋଦା ଯୋଜନା ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ମାତୃପିତୃହୀନ, ଏକକ ଅଭିଭାବକ ଶିଶୁ ଏବଂ ଅବହେଳିତ ଶିଶୁ ମାନଙ୍କ ଥଇଥାନ ନିମନ୍ତେ ଓଡିଶା ସରକାରଙ୍କ ଏହା ଏକ ପଦକ୍ଷେପ। ଏହି ଯୋଜନାରେ ଶିକ୍ଷା ଏବଂ ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସଂଯୁକ୍ତ କରି ହେବ ଜିଲ୍ଲାପାଳ ତାହାର ଏକ କାର୍ଯ୍ୟସୂଚୀ ମାର୍ଗଦର୍ଶିକା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ୀ ଯୋଗଦେଇ ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ( ଅଣ ଅନୁଷ୍ଠାନିକ ସୁରକ୍ଷା) ବାଳକୃଷ୍ଣ ମଲ୍ଲିକ ଯଶୋଦା ଯୋଜନାର ବିଭିନ୍ନ ପର୍ଯ୍ୟାୟକୁ ସମସ୍ତ ଜିଲ୍ଲା ଅଧିକାରୀ ଏବଂ ସିଡିପିଓ ମାନଙ୍କୁ ବୁଝାଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ଦ୍ୱାରା ଯଶୋଦା ଯୋଜନାର ହିତାଧିକାରୀ ମାନଙ୍କୁ ଶିକ୍ଷା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ନିମନ୍ତେ ଅର୍ଥ ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ସାହୁ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ନୀଳ ମାଧବ ଶତପଥି, ଏଡିପିଏଚଓ ଡାକ୍ତର ଦେବଦତ୍ତ ମଲ୍ଲିକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଏମ୍. ପ୍ରତ୍ୟୁଷ କୁମାର

ମାଲକାନଗିରି, ୧୨।୯(ସମିସ): କମ୍ ସମୟରେ ସଠିକ୍ ଉତ୍ତର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ହାସଲ କରିଛନ୍ତି ମାଲକାନଗିରିର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ ପ୍ଲେ ସ୍କୁଲର ୩ ବର୍ଷର ଛାତ୍ର (ଶିଶୁ ) ଏମ୍. ପ୍ରତ୍ୟୁଷ କୁମାର। ତାଙ୍କ ନିଜ ଜନ୍ମ ସ୍ଥାନ ଓଡ଼ିଶାର ପୁରୀ ଜିଲ୍ଲାରେ ହୋଇଥିଲେ ମଧ୍ୟ ତାଙ୍କ ବାପା ପ୍ରଭାତ ଗୌଡ, ମାତା ମନାସୀ ବେହେରା ଦୁହେଁ ମାଲକାନଗିରି ଥାନାରେ ସବ୍ ଇନପେକ୍ଟର (ଉପନିରୀକ୍ଷକ) ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏକମାତ୍ର ସନ୍ତାନ ଏମ.ପ୍ରତ୍ୟୁଷ କୁମାର(୩) ବର୍ତମାନ ମାଲକାନଗିରି ରେ ବାପା ମା ଙ୍କ ନିକଟରେ ରହୁଛନ୍ତି ଏବଂ ମାଲକାନଗିରି ମଡର୍ଣ୍ଣ ଇଂଗ୍ଲିଶ ସ୍କୁଲର ପ୍ଲେସ୍କୁଲରେ ପାଠ ପଢୁଛନ୍ତି। ଏମ୍. ପ୍ରତ୍ୟୁଷ କୁମାରଙ୍କୁ ୨୩ ପ୍ରକାର ଫଳ, ୨୦ପ୍ରକାର ପନିପରିବା, ୨୦ପ୍ରକାର ଗୃହପାଳିତ ପଶୁ, ୨୧ପ୍ରକାର ବନ୍ୟ ପ୍ରାଣୀ, ୨୦ପ୍ରକାର ପକ୍ଷୀ, ୨୦ ପ୍ରକାର ଫୁଲ, ୨୦ ପ୍ରକାର ରଙ୍ଗ,୧୧ ପ୍ରକାର ଆକୃତି ରୂପ, ୨୪ ପ୍ରାଣୀ ପ୍ରାଣୀ, ୧୮ ପ୍ରକାର ଯାନ, ୩୩ ପ୍ରକାର ଶରୀରର ଅଙ୍ଗ ପ୍ରତ୍ୟଙ୍ଗ,ଏବଂ ଇଂରାଜୀ ବର୍ଣ୍ଣମାଳାର ଅକ୍ଷର ସହିତ ଜଡିତ ଶବ୍ଦଗୁଡ଼ିକୁ ଚିହ୍ନଟ ଏବଂ ନାମକରଣ କରିବା ପାଇଁ 'ଆଇବିଆର ଆଚିଭର୍' ଭାବରେ ରେକାସ୍ ଉପାଧି ଦିଆଯାଇଛି। ୨୦ଟି କାର୍ଯ୍ୟ କରିବା; ୧ ରୁ ୩୦ ପର୍ଯ୍ୟନ୍ତ ଗଣନା କରିବା; ୨୮ ଟି ରାଜ୍ୟର ରାଜଧାନୀ ଏବଂ ୧୭ଟି ଜାତୀୟ ପ୍ରତୀକକୁ ମନେ ପକାଇବା, ୧୯ଟି ଜି.କେ. ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପୁସ୍ତକର ମୁଖ୍ୟ ସମ୍ପାଦକ ଡକ୍ଟର ବିଶ୍ୱରୂପ ରାୟ ଚୌଧୁରୀ ଗୁରୁବାର ଦିନ ଏହି ଛୋଟ ଶିଶୁ ନିକଟକୁ ପ୍ରମାଣ ପତ୍ର, ପଦକ ପଠାଇ ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ଆଇବିଆର ଏଚିବର ଭାବେ ପୁରସ୍କୃତ କରିଛନ୍ତି। ଏତେ କମ୍ ବୟସରେ ସଫଳତାର ସହିତ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଇଣ୍ଡିଆ ବୁକ ଅଫ ରେକର୍ଡ ହାସଲ କରିଥିବା ଶିଶୁ ଏମ.ପ୍ରତ୍ୟୁଷ କୁମାରଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ ପ୍ରଶଂସାର ସୁଅ ଛୁଟୁଛି।



# ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ରାମନାଗୁଡ଼ା,୧୨।୯(ସମିସ):

ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ସଦର ମହକୁମା ମିନି ଷ୍ଟାଡିୟମ ଠାରେ ଆଜିଠାରୁ ଦୁଇଦିନ ଧରି ଅନୁଷ୍ଠିତ ହେବ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା। ଆଜି ଏହାର ଉଦ୍‌ଘାଟନ ସମାରୋହରେ ରାମନଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲିକ ସଭାପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ହିମିରିକା ଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଥମେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ ଡ୍ରମ ବଜାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ



ମଶାଲ ଶୋଭାଯାତ୍ରା କରି ପଡ଼ିଆକୁ ଆଣି ଅତିଥିମାନଙ୍କୁ ମଶାଲ ପ୍ରଦାନ କରିଥିଲେ। ତାପରେ ସ୍ପୋର୍ଟ ପତାକା ଉତ୍ତୋଳନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ଅତିଥି ମାନେ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ଖେଳର ନିୟମ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରି ଖେଳିବାକୁ ବୁଝାଇ ଥିଲେ। ତାପରେ ଶପଥ ପାଠ କରାଯାଇଥିଲା। ରାମନାଗୁଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକମାନେ ପୂର୍ଣ୍ଣ ସହଯୋଗ କରି ପଡିଆ ସଫା, ଟ୍ରାକ କାଟିବା ଓ ଖେଳ ପରିଚାଳନା ଅତି ଶୃଙ୍ଖଳାର ସହ ତୁଲାଇ ଥିଲେ। ଏହି ଦୁଇ ଦିନ ଧରି ଚାଲୁଥିବା ଖେଳକୁଦ ପ୍ରତିଯୋଗିତାକୁ ଶିକ୍ଷକ ରମେଶ ମିଶ୍ର ଓ ଅଶ୍ୱିନୀ ତ୍ରିପାଠୀ ପରିଚାଳନା କରୁଛନ୍ତି। ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ଦୁଇଦିନ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ। ଏହି ପ୍ରତିଯୋଗିତାରେ ଚଉଦବର୍ଷରୁ କମ କନିଷ୍ଠ ବର୍ଗ ଓ ସତର ବର୍ଷରୁ କମ ବରିଷ୍ଠବର୍ଗ ଉଭୟ ବାଳକ ଓ ବାଳିକା ସର୍ବମୋଟ ତିନି ଶହ ପଚାଶ ଜଣ ଭାଗ ନେଇଛନ୍ତି। ୧୫୦୦, ୮୦୦, ୨୦୦ ଏବଂ ଏକଶହ ମିଟର ଦୌଡ ସହ ହାଇଜମ୍ପ, ଲଙ୍ଗଜମ୍ପ, କବାଡ଼ି, ଭଲିବଲ, ଖୋ ଖୋ, ଜାଭେଲିନ ଥ୍ରୋ, ଡିସ୍‌କସ ଥ୍ରୋ ଭଳି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୩ ତାରିଖ ଅପରାହ୍ନ ୪ ଘଟିକା ସମୟରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତିଥି ଭାବେ ଯୋଗ ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି ବୋଲି ଆୟୋଜକ ମଣ୍ଡଳୀ କହିଛନ୍ତି

# ଜୋନ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବନ୍ଧୁଗାଁ, ୧୨।୯(ସମିସ): ବନ୍ଧୁଗାଁ ବ୍ଲକର ଆଲମଣ୍ଡା, ବନ୍ଧୁଗାଁ, ନିଲାବାଡି ଓ କୁମ୍ଭାରିପୁଟ ହାଇସ୍କୁଲ ଗୁଡିକରେ ଚାଲିଥିବା ଜୋନ୍‌ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜେନ୍ଦ୍ରସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଲମଣ୍ଡା ଉଚ୍ଚ ବିଦ୍ୟାଳୟ, ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିନି ଷ୍ଟାଡିୟମ, ନିଲାବାଡି କାନାଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ କୁମ୍ଭାରିପୁଟ ସରକାରୀ ବାଳକ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଖେଳ ପଡିଆ ଗୁଡ଼ିକରେ କ୍ରୀଡା ଶିକ୍ଷକ ଓ ଅତିଥି ମାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ୪ଟି ଜୋନ ସ୍ତରରେ ୧୪ ବର୍ଷରୁ କମ୍ କନଷ୍ଠ ବର୍ଗର ଓ ୧୭ ବର୍ଷରୁ କମ୍ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନ ଖୋଖୋ, କବାଡି, ବ୍ୟାଡମିଣ୍ଟାନ, ଯୋଗ, ଦୌଡ଼ି ଡିଆଁ ଓ ଫୁଟବଲ ଖେଳ ଖେଳା ଯାଇଥିଲା। ପ୍ରତ୍ୟେକ ଜୋନ୍‌ସ୍ତରୀୟ ଖେଳ ପ୍ରତିଯୋଗିତାରୁ ୪୦ ଜଣ ଛାତ୍ରଛାତ୍ରୀ




ବଛାଯାଇ ୧୮୦ ଜଣ ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଭାଗ ନେବାକୁ ସ୍ଥିର କରାଯାଇଛି। ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ବିଇଓ ଅର୍ପିତା ପ୍ରଧାନ, ବ୍ଲକ ସେକ୍ରେଟେରି ଦିବ୍ୟରଞ୍ଜନ୍ ମହାନ୍ତି ଓ ଏବିଇଓ ମଦନ ପାଣିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଆୟୋଜିତ ଜୋନ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ତାରାକା ରାମ ଦୁକା, ଶ୍ରୀନିବାସ ପାଢ଼ୀ, ଦୁର୍ଗା ପ୍ରସାଦ ଚୌଧୁରୀ ଓ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ। କ୍ରୀଡା ଶିକ୍ଷକ ପ୍ରତିମା ବୋହିଦର୍, ଦିଲୀପ କୁମାର ଦାସ, ଗଜେନ୍ଦ୍ର କୁମାର ସ୍ୱାଇଁ ,ଲକ୍ଷ୍ମଣ ସେଠୀ, ଲମ୍ବଧର ମାଣ୍ଡିଙ୍ଗ ଓ ରମେଶ ଚୌଧରୀଙ୍କ ଉପସ୍ଥିତିରେ ଅତି ସୁନ୍ଦର ଏବଂ ଶାନ୍ତି ଶୃଙ୍ଖଳାର ସହିତ ଜୋନ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପରିଚାଳିତ ହୋଇଥିଲା।

### ୩ଟି ସେମିଷ୍ଟାର ପରୀକ୍ଷା ହୋଇଛି, ନମ୍ବର ମିଳିନି

# ପରୀକ୍ଷା ନିୟନ୍ତ୍ରକଙ୍କୁ ଘେରିଲେ ଛାତ୍ରଛାତ୍ରୀ



**ଜୟପୁର,୧୨।୯ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ ଶେଷବର୍ଷ ଛାତ୍ରଛାତ୍ରୀ ମାନେ ଗତ ୩ଟି ସେମିଷ୍ଟାର ପରୀକ୍ଷା ଦେଇଥିଲେ ସୁଦ୍ଧା ମାତ୍ର ଦୁଇଟି ସେମିଷ୍ଟାରର ପରୀକ୍ଷାଫଳ ପ୍ରକାଶ ପାଇଛି। କିନ୍ତୁ ଏହି ସେମିଷ୍ଟାରରେ କେତେ ନମ୍ବର ରଖିଛନ୍ତି, ମାର୍କ ଲିଷ୍ଟ ଦିଆଯାଇନାହିଁ। ଅଧିକାଂଶ ଛାତ୍ରଛାତ୍ରୀଙ୍କର ବ୍ୟାକ୍ ପେପର ରହିଥିବା ନେଇ ଫେଲ୍ କରାଯାଇଛି ବୋଲି କୋରାପୁଟ ସରକାରୀ ମହାବିଦ୍ୟାଳୟର ସ୍ନାତକ ଶେଷ ବର୍ଷ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିବା ସହ ଜୟପୁର ଠାରେ ବିଶ୍ୱବିଦ୍ୟାଳୟରେ ପହଞ୍ଚି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଘେରିଥିଲେ। ଗତ ୧୦ ତାରିଖରେ କଳା ଓ ବାଣିଜ୍ୟର ୩ୟ ସେମିଷ୍ଟାର ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଗତକାଲି ବିଜ୍ଞାନର ପ୍ରକାଶ କରାଯାଇଛି। କିନ୍ତୁ ଅନ୍‌ଲାଇନ୍‌ରେ ମାର୍କଲିଷ୍ଟ ପ୍ରକାଶ କରାଯାଇନାହିଁ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନଙ୍କୁ ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ଏଥିନେଇ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ ବୁଝାସୁଝା କରିଥିଲେ। ଏହିପରି ଛାତ୍ରଛାତ୍ରୀ ମାନେ ନିୟମିତ ମହାବିଦ୍ୟାଳୟରେ ଶ୍ରେଣୀରେ ଉପସ୍ଥିତ ରହୁଥିବା ବେଳେ ପରୀକ୍ଷାରେ ସେମାନଙ୍କ ସଠିକ୍ ମୂଲ୍ୟାୟନ କରାଯାଉ ନଥିବା ଯୋଗୁଁ ସେମାନଙ୍କ ବ୍ୟାକ୍ ପେପର ରହିଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱବିଦ୍ୟାଳୟର ଏକ କୋଠରୀରେ ବୈଠକ କରାଯାଇ ଆଲୋଚନା କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ ଏବଂ ପି.ଜି କାଉନ୍‌ସିଲର ଅଧକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଅତିଶୀଘ୍ର ୩ୟ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବ ଏବଂ ଗତ ୨ ଦିନ ପୂର୍ବରୁ ଶେଷ ହୋଇଥିବା ୪ର୍ଥ ସେମିଷ୍ଟାର ପରୀକ୍ଷାଫଳ ଆସନ୍ତା ୨ ମାସ ମଧ୍ୟରେ ପ୍ରକାଶିତ ହେବ ବୋଲି ପ୍ରତଶ୍ରୁତି ଦେଇଥିଲେ। ଏହିପରି ପରୀକ୍ଷାର ମାର୍କଲିଷ୍ଟ ଅନ୍‌ଲାଇନରେ ପ୍ରକାଶ କରିବାରେ ସମସ୍ୟା ରହୁଛି। ଏହାର ନକଲ କରାଯାଇ ଅଧିକ ମାର୍କ ନେଇ ଡୁପ୍ଲିକେଟ ମାର୍କସିଟ ପ୍ରସ୍ତୁତ ହେଉଛି। ତେଣୁ ଏହାକୁ ଅଫ୍ ଲାଇନ ମାଧ୍ୟମରେ ସେମାନଙ୍କ ମହାବିଦ୍ୟାଳୟକୁ ପଠାଯାଇ ସେଠାରୁ ସେମାନ ଗ୍ରହଣ କରିପାରିବେ ବୋଲି ବୁଝାସୁଝା କରାଯାଇଥିଲା। ପ୍ରକାଶ ଯେ, ବିଶ୍ୱବିଦ୍ୟାଳୟ ଗତ ୨୦୨୩ ମସିହାରେ ଘୋଷଣା ହୋଇଥିଲେ ସୁଦ୍ଧା ଆବଶ୍ୟକ ପାଠ୍ୟକ୍ରମ ଅଧ୍ୟାପକ, କର୍ମଚାରୀ ଏବଂ ଅନ୍ୟାନ୍ୟ ବୈଷୟିକ କର୍ମଚାରୀ ମାନଙ୍କୁ ନିଯୁକ୍ତ ସରକାରଙ୍କ ପକ୍ଷରୁ ନିଯୁକ୍ତିରେ ବିଳମ୍ବ କରାଯାଉଥିବା ଯୋଗୁଁ ଠିକ୍ ସମୟରେ ପରୀକ୍ଷା ଫଳ ପ୍ରକାଶ ଏବଂ ମାର୍କଲିଷ୍ଟ ପ୍ରସ୍ତୁତି ପ୍ରଭୃତି ସମସ୍ୟା ରହିଛ। ବର୍ତ୍ତମାନ ଅନ୍‌ଲାଇନ ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯାଉଥିବା ଯୋଗୁଁ ବୈଷୟିକ ବିଶେଷଜ୍ଞଙ୍କ ଅଭାବ ରହିଛି, ତେଣୁ ସମସ୍ୟା ସୃଷ୍ଟି ହେଉଛି।

## ଘର ଭୁଶୁଡ଼ିଲା, ଅଳ୍ପକେ ବର୍ତ୍ତିଲେ ପରିବାର



**ଉମରକୋଟ,୧୨।୯ (ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ନଂ ୱାର୍ଡ ୮ ଠାରେ ରହୁଥିବା ନମିତା ହାଲଦାର, ତାଙ୍କ ସ୍ୱାମୀ ଗୋଲକ ହାଲଦାର ଓ ଝିଅ ରିତା ହାଲଦାର କଚା ଘରେ ଶୋଇଥିବା ସମୟରେ ଭୋର ୪ଟା ସମୟରେ ଘରର ଦୁଇ ପାଶ୍ୱର୍ରେ ଥିବା କାନ୍ଥ ଭାଙ୍ଗି ଯାଇ ଘରର ଟିଣ ପାଇପ ଭାଙ୍ଗିଯାଇଥିଲା। ଗତ କିଛି ଦିନ ହେବ ଲଗାଣ ବର୍ଷା ଲାଗିରହିଥିଲା। ଏଣୁ ପରିବାର ଲୋକେ ବଡ ବିପଦରୁ ରକ୍ଷା ପାଇଯାଇଛନ୍ତି। ସେହିପରି ଆଠ ନମ୍ବର ୱାର୍ଡର କିଛି ଗରିବ ଲୋକମାନଙ୍କ ଘର ମଧ୍ୟ ଆଂଶିକ ଭୁଶୁଡି ପଡିଥିବା ଜଣାପଡିଛି। ତେବେ ମୋଟ ତିନୋଟି ଘର ଭାଙ୍ଗିଥିବା କାଉନସିଲର ସୋରଜନୀ ଶବର ସୂଚନା ଦେବା ସହ ପୀଡ଼ିତ ପରିବାରକୁ ଯାଇ ଅଶ୍ୱସନା ଦେଇଥିବା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ନମିତା ହାଲଦାରଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ଠେଲାରେ ମୁଢି ମିକ୍ଚର ବେପାର କରି ଯାହା ରୋଜଗାର ହୁଏ, ସେହି ପଇସାରେ ପରିବାର ଚଳନ୍ତି। ଘର ଭାଙ୍ଗିଯିବା ଫଳରେ ଘରର ସମସ୍ତ ଆସବାବପତ୍ର, ଟିଭି, ଡବାରେ ରଖିଥିବା ୭ ହଜାର ଟଙ୍କା, ଆଲୁମିନା ,ଚାଉଳ, ଇତ୍ୟାଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ। ସରକାରଙ୍କ ତରଫରୁ ସହାୟତା କରାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୫ ଆହତ

**ଗୁଡ଼ାରୀ,୧୨।୯ (ସମିସ):** ଶୁକ୍ରବାର ଦିନ ଜାମ୍ବୁଗୁଡ଼ା ଛକ ଠାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। କର୍ଲାଘାଟି ପଞ୍ଚାୟତ ରାଚମା ଗ୍ରାମର ପୂର୍ଣ୍ଣ ମିସ୍‌କାକା(୩୦) ଓ ତାଙ୍କ ସହଯୋଗୀ ସାନି କଲକାନ(୩୮) ବାଇକ୍ ଯୋଗେ ଡେପାଗୁଡାରୁ ଗୁଡାରୀ ଅଭିମୁଖେ ଯାଉଥିଲେ। ବଦମା ପଞ୍ଚାୟତର ମଣ୍ଡଲ କାଣ୍ଡଲୋକା( ୪୯) ଓ ତାଙ୍କ ସ୍ତ୍ରୀ ନିଜ ୫ ବର୍ଷର ପିଲାକୁ ନେଇ ଯାଉଥିବା ବେଳେ ପେଣ୍ଡିଲି ପଞ୍ଚାୟତ ଜାମ୍ବୁଗୁଡ଼ା ଛକରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ଜଣ ଗୁରୁତର ହୋଇଥିବାବେଳେ ୨ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ସ୍ଥାନରୁ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡ.ସତିସ୍ ସାହୁ ଚିକିତ୍ସା କରିଥିଲେ। ଯଦି ଗୁରୁତରମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନ୍ନତି ହୁଏ, ତେବେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯିବ ବୋଲି ଡ. ଶ୍ରୀ ସାହୁ କହିଛନ୍ତି।

# ଲ୍ୟାମ୍ପ୍‌ସରେ ପହଞ୍ଚିଲା ସାର, ଚାଷୀକୁଳ ଆଶ୍ୱସ୍ତ



**ନନ୍ଦପୁର,୧୨।୯ (ସମିସ):** ନନ୍ଦପୁର ବ୍ଲକରେ ସାର ଅଭାବ ଦେଖା ଦେଇଥିଲା ଗତ ସୋମବାର ନନ୍ଦପୁର ତହସିଲର କୃଷି ବିଭାଗ କର୍ମଚାରୀଙ୍କ ସହ ସାର ଦୋକାନ ଓ ଗୋଦାମ ପରିଦର୍ଶନ କରି ସାର ଅଭାବ ନେଉ ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ନନ୍ଦପୁର ବ୍ଲକ୍‌ରେ ୟୁରିଆ ସାର ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ଶୁକ୍ରବାର ବିଭିନ୍ନ ପଞ୍ଚାୟତ ଓ ସମିତି ଅଧୀନସ୍ଥ ପାଡୁଆ ଓ ନନ୍ଦପୁର ଲ୍ୟାମ୍ପସ୍ ଗୁଡିକରେ ସରକାରୀ ସାର ଟ୍ରକ୍ ପହଞ୍ଚିବାରୁ କୃଷକମାନେ ଆଶ୍ୱସ୍ତ ହୋଇଛନ୍ତି। ଗତ କିଛି ଦିନ ଧରି ବଜାରରେ ୟୁରିଆ ସାର ଅଭାବ ଦେଖାଦେଇଥିବା ଯୋଗୁଁ ଚାଷୀକୁଳ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଠିକଣା ସମୟରେ ୟୁରିଆ ସାର ଉପଲବ୍ଧ ନ ହେବା ଯୋଗୁଁ ଚାଷୀ ଅତ୍ୟନ୍ତ ଚିନ୍ତିତ ଥିଲେ। ସାରର ଅଭାବୀ ବିକ୍ରିକୁ ଆୟତ୍ତ କରିବା ସକାଶେ ସରକାର ପକ୍ଷରୁ ତତ୍କ୍ଷଣାତ ସାର ଯୋଗାଣ କରାଯାଇ ଲ୍ୟାମ୍ପ ଗୁଡିକରେ ଆବଶ୍ୟକ ପରିମାଣର ସାର ଉପଲବ୍ଧ କରାଯାଇ କୃଷକମାନଙ୍କୁ ବିଧିବଦ୍ଧ ଭାବେ ବଣ୍ଟନ କରାଯିବାର ପ୍ରୟାସ କରାଯାଇଛି। ନନ୍ଦପୁର ଉପଖଣ୍ଡରେ ନନ୍ଦପୁର ଲ୍ୟାମ୍ପ୍‌ସ ଲାଗି ୯୦୦ କ୍ୱିଣ୍ଟାଲ, ପାଡୁଆ ଲ୍ୟାମ୍ପ୍‌ସ ଲାଗି ୨୨ କ୍ୱିଣ୍ଟାଲ୍ ସାର ପହଞ୍ଚିଥିବା ଖବର ମିଳିଛି। ଏହି ପରିପ୍ରେକ୍ଷୀରେ ନନ୍ଦପୁର କ୍ୟାମ୍ପ୍‌ସ ସଭାଗୃହରେ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡାଙ୍କ ଅଧକ୍ଷତାରେ ବୋର୍ଡ ଅଫ୍ ଡାଇରେକ୍ଟରସ୍ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସୀମାଞ୍ଚଳ ଖିଲ, ମଧୁସୂଦନ ଦୋରାଙ୍କ ସହ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଆଇଆଇସି ମମତା ପଣ୍ଡା, କୃଷି ବିଭାଗୀୟ କମଚାରୀ ଲିଙ୍ଗରାଜ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ସାର ବିତରଣ ଉପରେ ବିସ୍ତୃତ ବିଚାର ବିମର୍ଶ ହୋଇଥିଲା। ନନ୍ଦପୁର ଅଧିନସ୍ଥ ୧୩ ଗୋଟି ଗ୍ରାମପଞ୍ଚାୟତ ଯଥା ନନ୍ଦପୁର, ଖୁର୍ଜି, ମାଲିବେଲଗାଁ, ହିକିମପୁଟ, ରାଇସିଙ୍ଗ, ଥୁବା, ଭେଜା, ଖେମୁଣ୍ଡୁଗୁଡା, ନନ୍ଦକା, କସଣ୍ଡି, ବାଡେଲ, ବିଲାପୁଟ, ଅତଣ୍ଡାକୁ ପ୍ରାଥମିକତା ଦେଇ ବିତରଣ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟାୟକ୍ରମେ ଆବଶ୍ୟକତା ଅନୁସାରେ ସମସ୍ତ ପଞ୍ଚାୟତ ଗୁଡ଼ିକୁ ଆବଶ୍ୟକୀୟ ସାର ଯୋଗାଇ ଦିଆଯିବ ବୋଲି ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା କହିଛନ୍ତି।

## ନନ୍ଦାହାଣ୍ଡିରେ ଆଦି କର୍ମଯୋଗୀ ଅଭିଯାନ



**ନନ୍ଦାହାଣ୍ଡି,୧୨।୯ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଡଙ୍ଗରଭେଜା ପଞ୍ଚାୟତ ସମିତି ବୈଠକ ଗୃହଠାରେ ବ୍ଲକ୍‌ସ୍ତରୀୟ ଆଦି କର୍ମ ଯୋଗୀ ଅଭିଯାନ କାର୍ଯ୍ୟକ୍ରମର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ତଥା ମାଷ୍ଟ୍ରରଟ୍ରେନର ଶ୍ରୀକାନ୍ତ ଯାନୀ, ସିଡିପିଓ ସସ୍ମିତା ମହାନ୍ତି, ବ୍ଲକ୍ ମଙ୍ଗଳ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲାଇନ ବିଭାଗୀୟ ଅଧିକାରୀମାନଙ୍କ ସହ ସରକାରଙ୍କ ସମସ୍ତ ଯୋଜନା ପ୍ରସ୍ତୁତ କରି କିପରି ଆଦିବାସୀ ଲୋକମାନଙ୍କ ପାଇଁ ଏହି ସୁବିଧା ଯୋଗାଇ ଦେଇହେବ ବୁଝାଇଥିଲେ। ସେହିପରି ନନ୍ଦାହାଣ୍ଡି ବ୍ଲକ୍‌ର ୧୧ଗୋଟି ପଞ୍ଚାୟତ ମଧ୍ୟରୁ ୭ଗୋଟି ପଞ୍ଚାୟତ ବା ୧୭ଗୋଟି ଗ୍ରାମରେ ପୂର୍ବରୁ ୨୦୧୧ ଜନଗଣନା ଅନୁଯାୟୀ ୫୦ପ୍ରତିଶତ ଅନୁସୂଚିତ ଜାତି ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ତାଙ୍କ ଦୁଆର ପାଖରେ ପହଞ୍ଚିବା ନେଇ ଆଲୋଚନା ହୋଇଥିଲା। ଏଥିରେ କୃଷ. ପାନୀୟ ଜଳ, ଯୋଗାଣ, ବିଦ୍ୟୁତ୍ ବିଭାଗ, ଆରଡି ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ସମସ୍ତ ପିଇଓ, ସରପଞ୍ଚ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ପ୍ରତି ଗ୍ରାମରେ କର୍ମ ସହଯୋଗୀ ଓ କର୍ମ ସାଥିମାନଙ୍କୁ ଚୟନ କରାଯିବ। ସେହିପରି ଅକ୍ଟୋବର ମାସ ୨ସୁଦ୍ଧା ଏହାର କାର୍ଯ୍ୟକ୍ରମ ଆରମ୍ଭ ଏବଂ ସ୍ୱତନ୍ତ୍ର ଗ୍ରାମସବାରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସ୍ଥାନ ଦିଆଯିବ ବୋଲି ଅଧିକାରୀ ମାନେ କହିଛନ୍ତି।

## ଥାନାରେ ପହଞ୍ଚିଲା ବାଦାମ ଚାଷୀଙ୍କ ସମସ୍ୟା



**ବୈପାରୀଗୁଡ଼ା, ୧୨।୯ (ସମିସ):** ମଣ୍ଡିରେ ବାଦାମ ଦେଇ ଟଙ୍କା ନ ପାଇ, ନିରାଶ ହୋଇ ଶେଷରେ ଥାନା ଦ୍ୱାରସ୍ତ ହୋଇଛନ୍ତି ବାଦାମ ଚାଷୀ। ବୈପାରୀଗୁଡା ଥାନାରେ ପହଞ୍ଚିଛନ୍ତି ବୈପାରିଗୁଡା ବ୍ଲକ ବୋଦାପୁଟ ଏବଂ ଦଶମନ୍ତପୁର ପଞ୍ଚାୟତର ଶତାଧିକ ଚାଷୀ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଚିନାବାଦାମ ଅମଳ ପରେ ବୈପାରିଗୁଡା ଲ୍ୟାମ୍ପସ୍ ମଣ୍ଡିରେ ତିନି ମାସ ପୂର୍ବେ ବିକ୍ରି କରାଯାଇଥିଲା। ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଏକାଉଣ୍ଟ୍‌କୁ ଟଙ୍କା ଯିବ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ଲ୍ୟାମ୍ପସ୍ ଚାଷୀଙ୍କୁ ଟଙ୍କା ଦେବାରେ ବିଳମ୍ବ କରି ଆସୁଥିଲା। ଶତାଧିକ ଚାଷୀ ବାରମ୍ବାର ଟଙ୍କା ପାଇଁ ଲ୍ୟାମ୍ପ୍‌ସର ଦ୍ୱାରସ୍ଥ ହେବାପରେ ମଧ୍ୟ ନିରାଶ ହୋଇ ଫେରିଥିଲେ। ଏଥିଲାଗି ଗତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣିରେ କୁରୁକୁଟି, କୁସପାର, ପକୁଲୁ ପୋଡା, ଭରୁଆବାଡ଼ି, ପଟ୍ରଗୁଡା,ଦରାପୁଟ ଗାଁ ଲୋକେ ସମସ୍ୟା ଜଣାଇଥିଲେ। ପରେ କୋରାପୁଟ ବିଧାୟକ ଲ୍ୟାମ୍ପ୍‌ସରେ ପହଞ୍ଚି ପରିଚାଳନା ନିର୍ଦ୍ଦେଶକଙ୍କୁ ସମସ୍ୟା ସମାଧାନ ପାଇଁ କହିଥିଲେ। ତଥାପି ଟଙ୍କା ଆସିଲାନି । ଏଣୁ ଆଜି ବାଦାମ ଚାଷୀ ବୈପାରୀଗୁଡା ଥାନା ଦ୍ୱାରସ୍ଥ ହୋଇଛନ୍ତି । ସ୍ଥାନୀୟ ଥାନା ଅଧିକାରୀ ଦମ୍ବରୁଧର ବାତ୍ରିଆ ଲ୍ୟାମ୍ପସ ଅଧିକାରୀଙ୍କୁ ଥାନାକୁ ଡକାଇବା ପରେ ଚାଷୀଙ୍କ ସମସ୍ୟା ଅତି ଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଯଦି ଆଗାମୀ ଦିନରେ ସମସ୍ୟା ସମାଧାନ ନ ହୁଏ, ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ଚାତାବନୀ ଦେଇଛନ୍ତି ବାଦାମ ଚାଷୀ।

# ସେମିଲିଗୁଡ଼ା ବିକାଶ ପରିଷଦର ବୈଠକ



**ସେମିଲିଗୁଡ଼ା,୧୨।୯ (ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡା ଉପଖଣ୍ଡ ମାନ୍ୟତା ଦାବି ନେଇ ସେମିଲିଗୁଡା ବିକାଶ ପରିଷଦ ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି। ଶୁକ୍ରବାର ସେମିଲିଗୁଡା ପ୍ରେସ କ୍ଲବ କ୍ୟାମ୍ପ୍‌ସ ମଧ୍ୟରେ ଏ ନେଇ ଏକ ଯୋଜନା ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ମାସ ୨୧ତାରିଖ ଦିନ ବସ୍‌ଷ୍ଟାଣ୍ଡ ମଧ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯିବ ଏବଂ ୨୨ତାରିଖ ଦିନ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବା ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲା। ସେମିଲିଗୁଡା ବିକାଶ ପରିଷଦର ପରିଚାଳନା ପରିଷଦ ଗଠନ କରାଗଲା। କୃଷ୍ଣ ସିଂହ (ସଭାପତି), ଡ. ରାଜେନ୍ଦ୍ର ପାତ୍ର (କାର୍ଯ୍ୟକାରି ସଭାପତି ), ଡ. ଅଜୟ କୁମାର ସାହୁ (ମହା ସଚିବ ), ଶେଖ ଇବ୍ରାହିମ (କୋଷାଧ୍ୟକ୍ଷ), ସ୍ନିଗ୍ଧା ରାଣୀ ମିଶ୍ର (ସଂଗଠନ ସମ୍ପାଦକ ), ସାହେଡା ପରବିନ (ମହିଳା ସଂଯୋଜିକା),ମମତା ରାୟ (ମହିଳା ସହ ସଂଯୋଜିକା), ଅଶୋକ ପ୍ରଧାନ (ଯୁବ ସଂଯୋଜକ),କିରଣ କୁମାର ମହାନ୍ତି (ଯୁବ ସହ ସଂଯୋଜକ), ଡ. ଜଳେନ୍ଦ୍ର ତ୍ରିପାଠୀ (ଗଣମାଧ୍ୟମ ସଂଯୋଜକ ), ଆନନ୍ଦ ମଉଳି ପଟ୍ଟନାୟକ (ସାମାଜିକ ଗଣ ମାଧ୍ୟମ ସଂଯୋଜକ),ସୁଧୀର ଚେଟ୍ଟୀ (ସାମାଜିକ ଗଣମାଧ୍ୟମ ସହ ସଂଯୋଜକ)ଙ୍କ ସହ ୫ଜଣ ଉପ ସଭାପତି, ୫ଜଣ ସମ୍ପାଦକ ଚୟନ କରାଯାଇଛି। ଡ଼ ଚିତ୍ତ ରଞ୍ଜନ ମିଶ୍ର, ଡ଼ ଉମା ଶଙ୍କର ପ୍ରସାଦ ପାତ୍ର, ଲକ୍ଷ୍ମଣ ରାଉତ, ପ୍ରତାପ ପାତ୍ର, ସୌରୀ ନାୟକ, ଆନନ୍ଦ ପାଟ୍ୱାନିଆଙ୍କୁ ନେଇ ଏକ ଉପଦେଷ୍ଟା ସମିତି ମଧ୍ୟ ଗଠନ କରାଯାଇଛି। ଭଗବାନ ପେଟିଆଙ୍କୁ ଆଇନ ପରାମର୍ଶଦାତା ଭାବରେ ଚୟନ କରାଯାଇଛି। ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଶେଷରେ ଅନନ୍ତ ମାଟମ ଧନ୍ୟବାଦ ଦେଇଥିଲେ।

# ମହିଳା ବିକାଶ ସଂଗଠନର ଅମୃତ ଅନୁଭୂତି ସଭା

**କୁନ୍ଦୁରା, ୧୨।୯ (ସମିସ):** କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଗଦେରୀ ପଞ୍ଚାୟତ ରେଙ୍ଗାକନାଡ଼ି ଠାରେ ମହିଳା ବିକାଶ ସଂଗଠନର ପକ୍ଷରୁ ଅମୃତ ଅନୁଭୂତି ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ପୂର୍ବତନ ସଭାପତି ବୁଦାଇ ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ମୁଖ୍ୟବକ୍ତା ସମାଜସେବୀ ରାଧାପ୍ରସାଦ ପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ବିନୋଦ କୁମାର ନାଏକ, ଆଦିବାସୀ ଭାଷା ଓ ସଂସ୍କୃତି ଗବେଷକ ଡ.ରାଜେନ୍ଦ୍ର ପାଢ଼ୀ, ଅତିରିକ୍ତ ବନାଞ୍ଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀ, ସଂସାଦ ପ୍ରତିନିଧି ଅମ୍ବୁ ପାତ୍ର, ସିୱାଇଏସ୍ ଡି ଦକ୍ଷିଣ ଓଡ଼ିଶା କାର୍ଯ୍ୟକ୍ରମ ମୁଖ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଗତି ଅନୁଷ୍ଠାନ ଫିଲ୍ଡ ଅଫିସର ଅଭିଷେକ ମହାପାତ୍ର ପ୍ରମୂଖ ମଞ୍ଚାସୀନ ଥିଲେ। ସଂଗଠନ ଦ୍ୱାରା ଉପାନ୍ତ ପଞ୍ଚାୟତ ମାନଙ୍କରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ଗୁଡ଼ିକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ କାର୍ଯ୍ୟକୁ ନେଇ ଅମୃତ ଅନୁଭୂତି ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତିନି ଶହରୁ ଅଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ସଂଗଠନ ଉପଦେଷ୍ଟା ଚନ୍ଦ୍ର ସଗରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦିକା ସାବିତ୍ରୀ ଦୁରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସୁହାଳସିଂ, ସହ ଶିକ୍ଷକ ପ୍ରମୋଦ ମଲ୍ଲିକ, ସାମାଜସେବୀ ନାରାୟଣ ଭତରାଙ୍କ ସମେତ ଅଞ୍ଚଳବାସୀ ସୁକୁ ମୁଦୁଲି, ରଘୁରାମ ସାନ୍ତା, ନିତ୍ୟ ସାନ୍ତା, କୈଳାଶ ସାନ୍ତା, ଚନ୍ଦନ ସାନ୍ତା, ମଞ୍ଜୁଳା ସାନ୍ତା, ମୁକ୍ତା ସାନ୍ତା ଏବଂ ରାଧି ସାନ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶା ପରିବେଶ ସମିତିର ଚାରାରୋପଣ

**ନବରଙ୍ଗପୁର,୧୨।୯ (ସମିସ):** ନବରଙ୍ଗପୁର ସହରର ଇନ୍ଦ୍ରାବତୀ ଶ୍ମଶାନ ପରିସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆନୁକୂଲ୍ୟରେ ଓଡ଼ିଶା ପରିବେଶ ସମିତି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ଏକ ସାମାଜିକ ସଂଗଠନ ଆଇକନ୍‌ଇନ୍ ମୋସନର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାର ଅଧିକାରୀ ରଜତ କୁମାର ପଣ୍ଡା, ନିରଂଜନ ବିଶ୍ୱାଳ ଏବଂ କାନାରା ବ୍ୟାଙ୍କ, ନବରଙ୍ଗପୁର ଶାଖାର ଅଧିକାରୀ,




ଓଡ଼ିଶା ପରିବେଶ ସମିତିର ଜିଲ୍ଲା ସଂଯୋଜକ ଡ. ରଘୁନାଥ ଶତପଥି , ନରସିଂହ ତ୍ରିପାଠୀ, ସତ୍ୟବାଦୀ ଷଡ଼ଙ୍ଗୀ, ରାଜେନ୍ଦ୍ର ତ୍ରିପାଠୀ, ସଚ୍ଚିଦାନନ୍ଦ ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମହାପାତ୍ର, ଅନନ୍ତ ଶତପଥି, ରାମକୃଷ୍ଣ ପାତ୍ର ପ୍ରମୁଖଙ୍କ ସମେତ ଆଇ କନ୍ ଇନ୍ ମୋସନ ସଂଗଠନର ବହୁ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ମଶାନ ପରିସରରେ ବଉଳ ,ଲିମ୍ବ, ଚମ୍ପା, ନାଗେଶ୍ୱର, ଅର୍ଜୁନ, ଅଶୋକ ଭଳି ବିଭିନ୍ନ ଔଷଧୀୟ ବୃକ୍ଷ ଏବଂ ଅନେକ ପରିବେଶ ଉପଯୋଗୀ ଚାରାରୋପଣ କରାଯାଇଛି।

# ଲମତାପୁଟ ପଞ୍ଚାୟତ ସମିତି ବୈଠକ

**ଲମତାପୁଟ,୧୨।୯ (ସମିସ):**




ଆଜି ଲମତାପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ପଞ୍ଚାୟତ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲମତାପୁଟ ବ୍ଲକର ଅଧକ୍ଷ ତାପସ କୁମାର ଚାଲାଣଙ୍କ ଅଧକ୍ଷତାରେ ବୈଠକ ପରିଚାଳନା କରାଯାଇଥିଲା। ମୁଖ୍ୟ ଆସନରେ କୋରାପୁଟ ବିଧାୟକ ରଘୁରାମ ମାଛ, ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଙ୍ଗି, ବିଡ଼ିଓ ଜୟନ୍ତ କୁମାର ମେହେର, ଅତିରିକ୍ତ ବିଡ଼ିଓ ନିଲମ ମାନସୀ ଭତ୍ରା, ସହକାରୀ ଯନ୍ତ୍ରୀ ସୃତି ସୁହାସିନୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି, ଜିଲ୍ଲା ପରିଷଦ ସଭ୍ୟା ଗୀତାରାଣୀ ମୋହଲା, ଉପାଧାକ୍ଷା ତୁଳା ଖୋରା, ୧୫ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ସମତି ସଭ୍ୟ /ସଭ୍ୟା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ପୂର୍ବ ବୈଠର ବିବରଣୀ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବୀମା,ଶିକ୍ଷା, ପାନୀୟ ଜଳ, ଗମନାଗମନ, ରାସ୍ତାଘାଟ, କୋଠା ବାଡ଼ି ନିର୍ମାଣ, ମତ୍ସ୍ୟ ଓ ପଶୁ ପାଳନ, କୃଷି, ଶିଶୁ ବିକାଶ, ବିଦ୍ୟୁତ୍, ମୃତ୍ତିକା ସଂରକ୍ଷଣ, ଖାଉଟି ବିଭାଗ, ଉଦ୍ୟାନ ବିଭାଗ ବିଷୟରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶେଷରେ ବିଡ଼ିଓ ଜୟନ୍ତ କୁମାର ମେହେର ସଭା ଶେଷ କରିଥିଲେ।


# ଐତିହାସିକ କୃଷି ପର୍ବ ବାଲିଯାତ୍ରା



**ବୈପାରୀଗୁଡ଼ା,୧୨।୯ (ସମିସ):** ଆଦିବାସୀ ସମ୍ପ୍ରଦାୟର ଅତୁଟ ବିଶ୍ୱାସର ଏକ ପର୍ବ ବାଲିଯାତ୍ରା। ଆଦିବାସୀ ପରମ୍ପରାରେ ଏହି ପୂଜାକୁ କୃଷିଭିତ୍ତିକ ପୂଜା ରୂପେ ପାଳନ କରାଯାଏ। ଏହି ପୂଜା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋରାପୁଟର ବିଭିନ୍ନ ସ୍ଥାନରେ କରାଯାଏ। ଆଜି ବୈପାରୀଗୁଡା ଠାରେ ମଧ୍ୟ ଐତିହାସିକ କୃଷି ଭିତ୍ତିକ ପର୍ବ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ଓ ପରମ୍ପରାର ଉପାସକ ହେଲେ ଆଦିମ ଆଦିବାସୀ। ତେବେ ଭିନ୍ନଭିନ୍ନ ଋତୁକୁ ନେଇ ଅନେକ ପୂଜାବିଧି ରହିଛି। ବିଶେଷକରି ଅଶ୍ୱିନ ମାସରେ ଏହି ପୂଜା ଅନୁଷ୍ଠିତ ହୁଏ । ଏହାକୁ ଏଠାରେ ବାଲିଯାତ୍ରା କୁହାଯାଏ। ବାଲିଯାତ୍ରାର ବିଶେଷତ୍ୱ ହେଲା, ଆସନ୍ତା ସମୟରେ କୃଷି, ସ୍ୱାସ୍ଥ୍ୟ ଓ ଅର୍ଥନୀତିକ ଭବିଷ୍ୟତର ପୂର୍ବାନୁମାନ ସହ ପୂଜାର୍ଚ୍ଚନା କରି ପ୍ରତିକୂଳ ପରିସ୍ଥିତିରେ ଉନ୍ନତି କାମନା କରିବା। ଏଥିପାଇଁ ଯାତ୍ରାର ୯ ଦିନ ପୂର୍ବରୁ ସାତଭଉଣୀ ସିଙ୍ଗାରି ନାଳରୁ ବାଲି ସଂଗ୍ରହ କରି ବାଉଁଶ ଟୋକେଇରେ ପଟୁଆରରେ ଆଣି ପାଠାଗାର ଠାରେ ବାଲି କୁଡ଼ିଆରେ ରଖାଯାଇଥିଲା। ୯ ଦିନ ଧରି ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଏ। ଶେଷରେ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଏଠାରେ ଚାଷୀ ମାନଙ୍କ ଠାରୁ ବିଭିନ୍ନ ଶସ୍ୟର ବିହନ ସଂଗ୍ରହ କରି ବୀଜ ବପନ ସହ ଅଙ୍କୁରିତ ବୀଜର ସମୀକ୍ଷା କରି ଗୁରୁମାଇ (କାଳିସୀ) ମାନେ ସମ୍ପୃକ୍ତ ଚାଷୀ ମାନଙ୍କ କୃଷି ଅର୍ଥନୀତି ତଥା ସ୍ୱାସ୍ଥ୍ୟ ସମ୍ପର୍କିତ ଭବିଷ୍ୟବାଣୀ କରିଥା'ନ୍ତି। ଆଜି ମଧ୍ୟାହ୍ନରେ ଗୁମ୍ମା ଗାଁରୁ ଲାଠି ପ୍ରତୀକ ଠାକୁର ବିରୋଖମ୍ବଙ୍କ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ପରେ ଅପରାହ୍ନରେ ବୈପାରୀଗୁଡା ନଗର ପରିକ୍ରମା ଆରମ୍ଭ କରିଛନ୍ତି । ରାତି ତମାମ ପ୍ରତି ସାହି ଗଳି କନ୍ଦିରେ ଲାଠି ପ୍ରତୀକ ଠାକୁର ପୂଜା ପାଇବା ନିୟମ ରହିଛି । ଏହି ବାଲିଯାତ୍ରାରେ ହଜାର ହଜାର ଲୋକ ପାରମ୍ପରିକ ବାଜା ବଜାଇ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ନାଇଟ, ଆଦିବାସୀ ନାଟକ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାଲିଯାତ୍ରା ସୂଚାରୁରୂପେ ସପନ୍ନ ନିମନ୍ତେ ଏବଂ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପ୍ରଶାସନ ନଜର ରଖିଥିବା ବେଳେ ବାଲିଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କୋରାଯଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମ ନିଏ।
-ୱିଲିୟମ ସେକ୍ସପିୟର

## ଟ୍ରମ୍ପଙ୍କ ଅସ୍ଥିର ମନ ଓ ମତ

ଆମେରିକାର ଅତିରିକ୍ତ ଶୁଳ୍କକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ତିକ୍ତତାରୁ କୂଟନୈତିକ ସ୍ତରରେ ଭାରତ ସହ ସଂପର୍କ କେବଳ କ୍ଷୁଣ୍ଣ ହୋଇନି, ଅଚଳାବସ୍ଥା ପରିଲକ୍ଷିତ ହୋଇଛି। ଏପରିକି ବାଣିଜ୍ୟ ଚୁକ୍ତିକୁ ନେଇ ଦ୍ୱିପାକ୍ଷିକ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଏହାକୁ କେନ୍ଦ୍ରକରି ଭାରତ ପାଇଁ ସୃଷ୍ଟି ହୋଇଥିବା ବିକଳ୍ପ ପନ୍ଥାର ବାଧବାଧକତା ଯେ ଆମେରିକା ସ୍ୱାର୍ଥର ପରିପନ୍ଥୀ ହେବ ତାହା ତ ଜଣାଶୁଣା କଥା। ତେଣୁ ସ୍ଥିତି ସୁଧାରିବା ସକାଶେ ଘଡ଼ିଘଡ଼ିକେ ମତ ପରିବର୍ତ୍ତନ କରିବାରେ ମାହିର ଟ୍ରମ୍ପ ଉଦ୍ୟମ ଆରମ୍ଭ କରିଛନ୍ତି। ମୋଦୀଙ୍କୁ ନିକଟତମ ବନ୍ଧୁ ରୂପେ ଗତ ସପ୍ତାହକ ମଧ୍ୟରେ ଦୁଇ ଦୁଇ ଥର ସୂଚନା ଦେବା ସହ ଦ୍ୱିପାକ୍ଷକ କଥାବାର୍ତ୍ତା ପାଇଁ ପଥ ପରିଷ୍କାର କରିଛନ୍ତି। ବାଣିଜ୍ୟ କଥାବାର୍ତ୍ତାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେବା ସହ ଦୁଇଦେଶ ପରସ୍ପରର ନିକଟବର୍ତ୍ତୀ ହେବାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଅପରପକ୍ଷରେ ଭାରତ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ନ କରିବା ପାଇଁ ୟୁରୋପୀୟ ରାଷ୍ଟ୍ର ସଂଘ ଉପରେ ପରୋକ୍ଷ ଚାପ ସୃଷ୍ଟି କରିଛନ୍ତି।

ୟୁରୋପୀୟ ରାଷ୍ଟ୍ରସଂଘ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସଂଘ ଉପରେ ଟ୍ରମ୍ପଙ୍କ ନାକାରାତ୍ମକ ଚାପ ଏକ ବିଷମ ପରିଣତି ସୃଷ୍ଟି କରିଛି। ୟୁରୋପୀୟ ରାଷ୍ଟ୍ରସଂଘର ବାଣିଜ୍ୟ ଆୟୁକ୍ତ ମାରୋସ୍ ସେଫକୋଭିକ୍‌ଙ୍କ ଭାରତ ଗସ୍ତର ସକାରାତ୍ମକ ଦିଗ ସଂପର୍କରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିଭ୍ରାଟ ଘଟାଇବା ପାଇଁ ଟ୍ରମ୍ପଙ୍କ ଶେଷ ମୂହୂର୍ତ୍ତରେ ଉଦ୍ୟମ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ହେଲେ ଭାରତ ଓ ଚୀନ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ଉଚିତ। ୟୁରୋପୀୟ ରଷ୍ଟ୍ରସଂଘକୁ ସେ ଏପ୍ରକାର ପରାମର୍ଶ ଦେଇ ଭାରତ ସହ ହେବାକୁ ଥିବା ଚୁକ୍ତିନାମାରେ ପାଣି ଢାଳି ହେଇଛନ୍ତି କହିଲେ ଭୁଲ ହେବ ନାହିଁ। ଆଗପଛ ଏହି ଦୁଇଟି ଘଟଣାକ୍ରମର ଅସଲ ଭିତିରି ଉଦ୍ଦେଶ୍ୟ କ'ଣ ହଠାତ୍ ଆକଳନ କରିବା କଷ୍ଟକର।

ଟ୍ରୁଥ ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଟ୍ରମ୍ପ ଅବଗତ କରାଇଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟ ସୃଷ୍ଟି ହୋଇଥିବା ବାଣିଜ୍ୟ ପ୍ରତିବନ୍ଧକ ଆଲୋଚନା ମାଧ୍ୟମରେ ଦୂର ହେବ। ମୋଦି ତାଙ୍କର ଉତ୍ତମ ବନ୍ଧୁ। ଖୁବ୍‌ଶୀଘ୍ର ଦୁଇ ମହାନ ରାଷ୍ଟ୍ରମଧ୍ୟରେ ସଫଳ ବୁଝାମଣା ହେବା ନେଇ ସେ ଆଶାବାଦୀ। ମୋଦୀ ମଧ୍ୟ କହିଛନ୍ତି ଦୁଇଦେଶ ପରସ୍ପରର ଉତ୍ତମ ବନ୍ଧୁ ଓ ସ୍ୱାଭାବିକ ସହଯୋଗୀ। ଦ୍ୱିପାକ୍ଷିକ ଆଲୋଚନାର ସଫଳତା ପାରସ୍ପରିକ ସହଭାଗିତାକୁ ସୁଦୃଢ଼ କରିବାର ସହାୟକ ହେବ। ଏହାବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ କଥାବାର୍ତ୍ତାର ସୂଚନା ମିଳିଛି। କିନ୍ତୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଟ୍ରମ୍ପଙ୍କ କଥାରେ ଭାରତ ଭାସିଯିବା ଉଚିତ୍ ନୁହେଁ। କୂଟନୈତିକ ସ୍ତରରେ ଘନ ଘନ ମତପରିବର୍ତ୍ତନ କରୁଥିବା ନେତୃତ୍ୱ ଯେ ଅସ୍ଥିର ଓ ବିଚଳିତ ଏକଥା ଯେ କେହି ସ୍ୱୀକାର କରିବ। ପରିବର୍ତ୍ତିତ ଦୃଶ୍ୟପଟରେ ଆମେରିକାର ପ୍ରାଧାନ୍ୟ, ପତିଆରା ଓ ଟ୍ରମ୍ପଙ୍କ ନେତୃତ୍ୱ ବାଜିରେ ଲାଗିଥିବା ଭଳି ମନେ ହୁଏ। ତେଣୁ ତାଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ଯେ ସେ ବିଚଳିତ ଓ ବିବ୍ରତ।

## ହିଂସାର ୮୭୨ ଦିନ ପରେ

ମଣିପୁରରେ ହିଂସା କ୍ରମେ ପ୍ରଶମିତ ହେଉଥିଲେ ହେଁ ପରସ୍ପର ବିରୋଧୀ ଦୁଇଗୋଷ୍ଠୀ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନାହିଁ। ରାଜ୍ୟରେ ବୀରେନ ସିଂ ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି ହେବା ପରେ ଶାନ୍ତି ପ୍ରସ୍ତାବକୁ ଆଗେଇ ନେବାର ସୁଯୋଗ ସୃଷ୍ଟି ହେଲା। ୨୦୨୩ ମେ ମାସରେ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଭୟଙ୍କର ରୂପ ନେଇଥିଲେ ମଧ୍ୟ ରାଜ୍ୟରେ କ୍ଷମତାସୀନ ସରକାରର ଆଭିମୁଖ୍ୟ କାର୍ଯ୍ୟଧାରା ପ୍ରଶମନ ବଦଳରେ ପ୍ରୋତ୍ସାହିତ କରିବାରୁ ସ୍ଥିତି ଆୟତ୍ତ ହୋଇପଡ଼ିଥିଲା। ତତ୍କାଳୀନ ରାଜ୍ୟପାଳ ଅନୁସୂୟା ୟୁକେ ପରିସ୍ଥିତିର ଗମ୍ଭୀରତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ। ଏପରିକି ସୁପ୍ରିମକୋର୍ଟ ନିଜ ଆଡ଼ୁ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଭଳି ପରିସ୍ଥିତି ଉପୁଜିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି କେନ୍ଦ୍ର ସରକାର ସେବା ନିବୃତ୍ତ ଘରୋଇ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଷ୍ଟ୍ରପତି ଶାସନକାଳର ସ୍ଥିତି ସମ୍ଭାଳିବା ସକାଶେ ରାଜ୍ୟପାଳ ଦାୟିତ୍ୱରେ ଅବସ୍ଥାପିତ କଲେ।

ଘଟଣାକ୍ରମର ୮୭୨ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁର ଗସ୍ତରେ ଯାଉଛନ୍ତି। ସଂଘର୍ଷରତ ମୈତେଇ ଓ କୁକି ଗୋଷ୍ଠୀ ଉଭୟ ଏହି କାର୍ଯ୍ୟକ୍ରମକୁ ନେଇ ଆଶାବାଦୀ। ସଂଘର୍ଷ ଓ ହିଂସାକାଣ୍ଡର ପୃଷ୍ଠଭୂମିରେ ହାଇକୋର୍ଟ ରାୟର ଯେତେ ପ୍ରଭାବ ନଥିଲା, ତାହାଠାରୁ ଅଧିକ ଥିଲା ରାଜ୍ୟରେ ହିନ୍ଦୁ ସଂପ୍ରଦାୟ ସହ ସମ୍ପୃକ୍ତ ମୈତେଇ ଗୋଷ୍ଠୀର ସରକାର ଏବଂ ପ୍ରତିପକ୍ଷ କୁକି ଗୋଷ୍ଠୀ ଆଦିବାସୀ ସଂପ୍ରଦାୟ ମଧ୍ୟରେ ବିବାଦ। ମୈତେଇଙ୍କୁ ଜନଜାତି ମାନ୍ୟତା ବିରୋଧରେ ମୁଣ୍ଡଟେକିଥିବା ହିଂସା ବିରୋଧରେ ସରକାରଙ୍କ କଠୋର ଦମନମୂଳକ ନୀତି କ୍ରମେ ସଂପ୍ରଦାୟିକ ସଂଘର୍ଷର ରୂପ ନେଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ସକାଶେ ବୀରେନ୍ ସିଂ ସରକାରକୁ ତୁରନ୍ତ ବରଖାସ୍ତ କରାଯିବା ପରିବର୍ତ୍ତେ ହିଂସା ଓ ବିଦ୍ୱେଷକୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଇଥିବା ଅଭିଯୋଗ ତୀବ୍ର ହୋଇଥିଲା। ଆଶ୍ୱାସନାର ବିଷୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥିତି ସୁଧୁରୁଛି। ୨ ନମ୍ବର ଜାତୀୟ ରାଜପଥରୁ ଅବରୋଧ ହଟିଛି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଗକୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଚୁରାଚାନ୍ଦପୁର ଓ ଇମ୍ଫାଲ୍ ଜନତାଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କୁକି ନେତା ମୋଦୀଙ୍କ ଗସ୍ତକ୍ରମକୁ ସ୍ୱାଗତ କରିଥିଲେ ମଧ୍ୟ ସେମାନଙ୍କ କହିବା କଥା ହେଲା ସେମାନଙ୍କ ଆଖିର ଲୁହ ଶୁଖିନି କି କ୍ଷତି ସରିନି। ଏଭଳି ପରିସ୍ଥିତିରେ ନୃତ୍ୟ-ଗୀତ କାର୍ଯ୍ୟକ୍ରମରେ ତାଙ୍କ ସଂପ୍ରଦାୟ ଅଂଶଗ୍ରହଣ କରିପାରିବେନି। ରାଜ୍ୟରେ ଅସ୍ଥାୟୀ ରିଲିଫ ଶିବିରରେ ଅବସ୍ଥାନ କରୁଥିବା ୪୦,୦୦୦ କ୍ଷତିଗ୍ରସ୍ତଙ୍କ ଦୟନୀୟ ସ୍ଥିତି ସଂପର୍କରେ ଅବଗତ ହେବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭେଟିବା ଉଚିତ୍। ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ସକାଶେ କୁକି ଅବସ୍ଥାନ କରୁଥିବା ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ରଖିବାକୁ ଦାବି କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟର ଶାସନ କ୍ଷମତା ଅଧୀନରେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସମସ୍ୟାର ଏଭଳି ବହୁ ଦିଗ ଅଛି, ଯାହା ଏର୍ପ୍ୟନ୍ତ ସମାଧାନ ହୋଇପାରିନାହିଁ।

# ମହେନ୍ଦ୍ରଗିରିର ସଂରକ୍ଷଣ ପ୍ରକୃତି-ଧର୍ମୀ ହେବା ବାଞ୍ଛନୀୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ପଦ୍ମ ପୁରାଣ, ଅଗ୍ନି ପୁରାଣ, ମତ୍ସ୍ୟ ପୁରାଣରେ ଭାରତର ସାତଟି ସୁଉଚ୍ଚ ଗିରି ଶୃଙ୍ଗ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ 'ସପ୍ତ କୁଳଗିରି' କୁହାଯାଏ। ସେଗୁଡ଼ିକ ହେଉଛି ମହେନ୍ଦ୍ରଗିରି, ମାଲ୍ୟଗିରି, ସାହ୍ୟାଦ୍ରି, ପାରିଜାତ୍ରା, ଶୁକ୍ତିମାନ, ବିନ୍ଧ୍ୟ ଓ ମାଲ୍ୟବନ୍ତ। ତନ୍ମଧ୍ୟରୁ ମହେନ୍ଦ୍ରଗିରି ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ। ମହେନ୍ଦ୍ରଗିରି ପ୍ରାଚୀନ କଳିଙ୍ଗ ସଭ୍ୟତାର ଆଦ୍ୟଭୂମି। ରାମାୟଣ, ମହାଭାରତ ଭଳି ଆହୁରି ଅନେକ ପୁରାଣରେ ମଧ୍ୟ ମହେନ୍ଦ୍ରଗିରି ବିଷୟରେ ଉଲ୍ଲେଖ ଅଛି। ମହେନ୍ଦ୍ରଗିରିକୁ 'ପର୍ଶୁରାମ କ୍ଷେତ୍ର' ମଧ୍ୟ କୁହାଯାଏ। ପିଣ୍ଡଦାନ ପାଇଁ ମହେନ୍ଦ୍ରଗିରି ଏକ ଶ୍ରେଷ୍ଠ ପବିତ୍ର ଭୂମି ଭାବରେ ବିଦିତ। ମହେନ୍ଦ୍ରଗିରିରେ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ଭୀମ ମନ୍ଦିର, ଅର୍ଜୁନ ଗୁମ୍ଫା, ଦାରୁ ବ୍ରହ୍ମ, ପର୍ଶୁରାମ ବିଗ୍ରହ, ପର୍ଶୁରାମ କୁଣ୍ଡ ଆଦି ପ୍ରାଚୀନ କୀର୍ତ୍ତିରାଜିମାନ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଆଣ୍ଟିକ୍ୱେଟ ମନୁମେଣ୍ଟ ଆରକିଓଲୋଜି ରିମେଇନ୍ସ ଆଣ୍ଡ ସାଇଟ୍ସ ଆକ୍ଟ ୧୯୫୮ ଆଧାରରେ ଏହିସବୁ କୀର୍ତ୍ତିରାଜିକୁ ସୁରକ୍ଷା ପ୍ରଦାନ କରାଯାଉଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପରିକଳ୍ପିତ 'ରାମାୟଣ ସର୍କିଟ' ଅଧୀନରେ ଚିହ୍ନିତ ପନ୍ଦରଟି ସ୍ଥାନ ତାଲିକାରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରାଯାଇଛି।

୭୫,୦୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ ମହେନ୍ଦ୍ରଗିରି ପାହାଡ଼ସମୂହରୁ ଜଳସ୍ରୋତ ମହେନ୍ଦ୍ରତନୟା, ଋଷିକୂଲ୍ୟା, ବଂଶଧାରା, ବାହୁଦା ନଦୀ ଏବଂ ବହୁ ଛୋଟବଡ଼ ଝରଣାକୁ ପ୍ରବାହିତ ହୁଏ। ମହେନ୍ଦ୍ରଗିରି ଉତ୍ତରୀ ହିମାଳୟ ଏବଂ ଦାକ୍ଷିଣାତ୍ୟ ଉପଦ୍ୱୀପ ଡେକାନ ମାଳଭୂମିର ଜୈବ ବିବିଧତାକୁ ପ୍ରତିନିଧିତ୍ୱ କରେ। ମହେନ୍ଦ୍ରଗିରି ପାହାଡ଼ ସମୂହର ବିବିଧ ଉଦ୍ଭିଦ ଭରା ଜଙ୍ଗଲକୁ ଚାରିପ୍ରକାରରେ ବିଭକ୍ତ କରାଯାଇପାରେ। ଯଥା-ଶାଳ ଜଙ୍ଗଲ, ମିଶ୍ରିତ ଜଙ୍ଗଲ, ତୃଣଭୂମି ଜଙ୍ଗଲ ଓ ବୁଦୁବୁଦିଆ ଜଙ୍ଗଲ। ଏହା ଅନେକ ଔଷଧୀୟ ଉଦ୍ଭିଦର ଗନ୍ତାଘର। ଭାରତୀୟ ହାତୀ, ମହାବଳ ବାଘ, ଚିତାବାଘ, କଲରାପତରିଆ ବାଘ, ହେଟା ବାଘ, ବଣୁଆ ଭାଲୁ, ହରିଣ, ଆଣ୍ଟେଲୋପ, ମୟୂର, ସର୍ପ, ଆହୁରି ଅନେକ ପ୍ରକାର ସ୍ଥଳଚର ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ମହେନ୍ଦ୍ରଗିରି ପର୍ବତ ସମୂହ ପରିସଂସ୍ଥା ଏକ ସର୍ବୋତ୍ତମ ପ୍ରାକୃତିକ ବାସସ୍ଥାନ ଥିଲା। ଏକ ସର୍ବେକ୍ଷଣ ତଥ୍ୟାନୁଯାୟୀ ବର୍ତ୍ତମାନ ଏଠାରେ ୧୩୦୦ରୁ ଊର୍ଦ୍ଧ୍ୱ ବିବିଧ ଉଦ୍ଭିଦ ଜାତି ଚିହ୍ନଟ ହୋଇଥିବା ବେଳେ ୩୮୮ ଜାତିର ପ୍ରାଣୀ ରହିଥିବା ଜଣାଯାଏ। ସେଥିରେ ଅନ୍ତର୍ଭୁକ୍ତ ଅଛନ୍ତି ୨୭ ପ୍ରକାର ସ୍ତନ୍ୟପାୟୀ, ୧୬୫ ଜାତିର ପକ୍ଷୀ, ୧୦୦ରୁ ଅଧିକ ଉଷୀ, ପ୍ରଜାପତି। ସୁଖର କଥା, ଓଡ଼ିଶା ସରକାର ମହେନ୍ଦ୍ରଗିରିର ଇଡନଗିରି ଓ ମହେନ୍ଦ୍ର ରିଜର୍ଭ ଜଙ୍ଗଲ ଅଞ୍ଚଳକୁ ନେଇ ୪, ୨୫୦ ହେକ୍ଟର ବନାଞ୍ଚଳରେ ନଭେମ୍ବର ୨୦୨୨ ରେ ଏକ ଜୈବ ବିବିଧତା ଐତିହ୍ୟ ପ୍ରତିଷ୍ଠା କରିଛନ୍ତି।

ଅଧୁନା ପୋଡୁ ଚାଷ, ଅବିଚାରିତ ବୃକ୍ଷ ଛେଦନ, ଜଙ୍ଗଲଜାତ ଦ୍ରବ୍ୟର ଅଧିକ ସଂଗ୍ରହ, ପଥର ଖଣି ଖାଦାନ, ରାସ୍ତାଘାଟ ନିର୍ମାଣ, ଅବାଧ ମୋଟରଜାନ ଚଳାଚଳ, ପର୍ଯ୍ୟଟକମାନଙ୍କ ପାଇଁ ବିଳାସମୟ ବାସଗୃହ ବା କଟେଜ ନିର୍ମାଣ ଭଳି ମାନବୀୟ କାର୍ଯ୍ୟକଳାପ ହେତୁ ବିବିଧ ପ୍ରାଣୀ ଓ ଉଦ୍ଭିଦ ଜାତି ଭରା ଘନ ବନଭୂମିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହେନ୍ଦ୍ରଗିରି ପରିସଂସ୍ଥାର ପ୍ରାକୃତିକତା ଅବକ୍ଷୟମୁଖୀ ହୋଇ ଚାଲିଛି ଏବଂ ବନ୍ୟଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତି ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ) ଦ୍ୱାରା ପ୍ରସ୍ତୁତ ଲାଲକିତାବରେ 'ବିପଦ', 'ଦୁର୍ବଳ', 'ବିଲୁପ୍ତ' ଓ 'ବିରଳ' ବର୍ଗରେ ସ୍ଥାନିତ ହୋଇସାରିଲାଣି ଏବଂ ଆହୁରି ଅନେକ ଏଥିରେ ଯୋଡ଼ି ହେବାର ଆଶଙ୍କା ରହିଛି। ତିତିଲି ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ମହେନ୍ଦ୍ରଗିରି ପରିସଂସ୍ଥାରେ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ଜାତି ଏପର୍ଯ୍ୟନ୍ତ ନମନୀୟ ରହିଛନ୍ତି। ଅଧିକ କାଳ ବିଳମ୍ବ ନକରି ବଞ୍ଚି ରହିଥିବା ଜୈବ ବିବିଧତାର ସଂରକ୍ଷଣ ତଥା ପ୍ରାକୃତିକ ଆବାସ ସ୍ଥାନର ବିକାଶ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

ପାହାଡ଼ ସମୂହରେ ସନ୍ନିବିଷ୍ଟ ପ୍ରାକୃତିକ ସମ୍ପଦର ବିକାଶ ସ୍ଥାନୀୟ ସମ୍ପ୍ରଦାୟର ଆର୍ଥିକ ସୁରକ୍ଷା ତଥା ବିକାଶ ସହିତ ଜଡ଼ିତ। 'ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଭାରତୀୟ ବନ୍ୟଜୀବ ଅନୁଷ୍ଠାନ) 'ଭାରତରେ ବନ୍ୟ ଜୀବ ସଂରକ୍ଷିତ କ୍ଷେତ୍ର ନେଟୱାର୍କ ଯୋଜନା' ନାମକ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟର ସୁପାରିସ ଅନୁସାରେ ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବରେ ଉଦ୍ଭିଦ-ଭୌଗୋଳିକ ସମ୍ବନ୍ଧ ଆଧାରରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ଅଭୟାରଣ୍ୟ ଓ ସଂରକ୍ଷିତ ଜୈବମଣ୍ଡଳ ସ୍ଥାପନ କରିବା ପାଇଁ ପରାମର୍ଶ ରହିଛି। ୧୯୮୮ ମସିହାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ସହ ଏକ ଅନୁରୋଧ ପତ୍ର ପଠାଇଥିଲା। ୨୫ ନଭେମ୍ବର ୧୯୯୫ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବନ୍ୟଜୀବ ପରାମର୍ଶଦାତା ବୋର୍ଡର ୧୫ତମ ବୈଠକରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ବନ୍ୟଜୀବ ଅଭୟାରଣ୍ୟ ସୃଷ୍ଟି ପାଇଁ ସୁପାରିସ କରାଯାଇଥିଲା। ଓଡ଼ିଶା ପରିବେଶ ସମିତିର ପ୍ରସ୍ତାବକ୍ରମେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୧୧ ମସିହାରେ ମହେନ୍ଦ୍ରଗିରି ସଂରକ୍ଷିତ ଜୈବମଣ୍ଡଳ ଗଠନ ହେବାର ସମ୍ଭାବନା ଅଧ୍ୟୟନ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିର ୨୦. ୧୨. ୨୦୧୪ ରେ ଅନୁଷ୍ଠିତ ଚତୁର୍ଥ ବୈଠକରେ ସର୍ବସମ୍ମତି କ୍ରମେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ସଂରକ୍ଷିତ ଜୈବମଣ୍ଡଳ ସୃଷ୍ଟି କରିବା ପାଇଁ ସୁପାରିସ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟ ଜୀବ) ୨୦୧୯ ଜାନୁଆରୀରେ ଓଡ଼ିଶା ସରକାରଙ୍କୁ ଏହି ସମ୍ବନ୍ଧୀୟ ଚିଠାପ୍ରସ୍ତାବ ମଧ୍ୟ ପ୍ରଦାନ କରିସାରିଛନ୍ତି।

ସଂରକ୍ଷିତ ଜୈବମଣ୍ଡଳରେ ପ୍ରାକୃତିକ ବନ୍ୟ ପ୍ରାଣୀ ଓ ଉଦ୍ଭିଦ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ସହିତ ଇକୋ-ଟୁରିଜିମ୍(ପରିସଂସ୍ଥା ପର୍ଯ୍ୟଟନ), ପର୍ଯ୍ୟଟନ, କୁଟୀର ଶିଳ୍ପ ସମେତ ସମସ୍ତ ପ୍ରକାର ପରିସଂସ୍ଥା ଅନୁକୂଳ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇପାରିବ। ଆହୁରି ମଧ୍ୟ ପ୍ରାଚୀନ ମନ୍ଦିର ସ୍ମାରକୀଗୁଡ଼ିକର ଉପସ୍ଥିତି ଏବଂ ଗିରିଶୃଙ୍ଗର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଟ୍ରେକିଂ ମାର୍ଗର ବ୍ୟବସ୍ଥା କରାଯିବା ସହିତ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସକୁ ଏକ ପ୍ରାକୃତିକ ଐତିହ୍ୟ ସ୍ଥଳ ଭାବରେ ବିକଶିତ କରାଯାଇ ପାରିବ। ୟୁନେସ୍କୋର ପରାମର୍ଶ ଅନୁଯାୟୀ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳର 'ସମ୍ଭାବ୍ୟ ତାଲିକା'ରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପ୍ରଥମେ ଏକ ପ୍ରସ୍ତାବ ଦେବା ଉଚିତ୍। ଏହିଭଳି ପଦକ୍ଷେପ ସ୍ଥାନୀୟ ଲୋକଙ୍କ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ସ୍ଥିତିକୁ ପରିବର୍ଦ୍ଧିତ କରିବାରେ ସହାୟକ ହେବ।

ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଏହି ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ତୀର୍ଥକ୍ଷେତ୍ରର ପୂର୍ଣ୍ଣାଙ୍ଗ ରୂପ ବଦଳିବାକୁ ଯାଉଛି। ଏଥିପାଇଁ ଡିପିଆର ବା ନକ୍ସା ମଧ୍ୟ ପ୍ରସ୍ତୁତ ହୋଇସାରିଲାଣି। ମହେନ୍ଦ୍ରଗିରି ଶିଖରରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମହେନ୍ଦ୍ର ଆଶ୍ରମ, ସାଧନା ମଣ୍ଡପ, ଅନ୍ନପୂର୍ଣ୍ଣା ମଣ୍ଡପ, ସାଧୁସନ୍ଥ ଓ ପର୍ଯ୍ୟଟକଙ୍କ ରହିବା ପାଇଁ ଘର; କୁନ୍ତି ମନ୍ଦିର ଠାରୁ ଲଳିତା ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଭଳି ଅନେକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗଣମାଧ୍ୟମ ସୂଚନା ଅନୁସାରେ ମହେନ୍ଦ୍ରଗିରିରେ ଅବସ୍ଥାପିତ ପ୍ରାଚୀନ ପର୍ଶୁରାମ ମନ୍ଦିର ସମେତ ଅନେକ ମନ୍ଦିରକୁ ଭାଙ୍ଗି ଭବ୍ୟ ମନ୍ଦିରମାନ ନିର୍ମାଣ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆ ହୋଇ ସାରିଲାଣି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯାଉଛି, ଯେଉଁଥିପାଇଁ ପ୍ରାୟ ୦.୯ ହେକ୍ଟର ସଂରକ୍ଷିତ ଜଙ୍ଗଲ କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂତ୍ରରୁ ମିଳିଥିବା ସୂଚନା ସତ୍ୟ ହୋଇଥାଏ ତେବେ ଏଭଳି ବିକାଶମୂଳକ କାର୍ଯ୍ୟ କିଭଳି ସ୍ଥାନୀୟ ପରିସଂସ୍ଥାକୁ ପ୍ରଭାବିତ କରିବ ଟିକିନିଖି ଅନୁଧ୍ୟାନ କରିବା ଆବଶ୍ୟକ।

ସମ୍ପ୍ରତି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ପ୍ରାକୃତିକ ଭଙ୍ଗୁର ପରିବେଶରେ ନକାରାତ୍ମକ ମାନବିକୃତ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନର ପରିଣାମରେ ବାରମ୍ବାର ଘଟୁଥିବା ବଦଳଫଟା ବର୍ଷା, ବନ୍ୟାର ପ୍ଳାବନ ଏବଂ ଭୂସ୍ଖଳନ ପରି ବିପର୍ଯ୍ୟୟର ତାଣ୍ଡବରୁ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ସେହିପରି କେରଳର ପଶ୍ଚିମଘାଟସ୍ଥିତ ୱାୟାନାଡ଼ରେ ୨୦୨୪ରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ହେଉଛି ମାନବକୃତ ବିପର୍ଯ୍ୟୟର ଅନ୍ୟ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ପାର୍ବତ୍ୟାଞ୍ଚଳରେ ଭିତ୍ତିଭୂମି ବିକାଶ ସମୟରେ ଆମକୁ ପର୍ଯ୍ୟଟନ ଓ ଅର୍ଥନୀତି ଅପେକ୍ଷା ପରିସଂସ୍ଥାର ସୁରକ୍ଷା ଓ ପରିଚାଳନା ପ୍ରତି ସତର୍କ ନଜର ରଖିବା ଅତ୍ୟନ୍ତ ପ୍ରୟୋଜନ। କ୍ଷଣସ୍ଥାୟୀ ଲାଭର ବଶବର୍ତ୍ତୀ ନହୋଇ ପରିସଂସ୍ଥାର ମୂଲ୍ୟାଙ୍କନ ଏବଂ ପରିବେଶୀୟ ସୁରକ୍ଷା ତଥା ପ୍ରକୃତି-ଆଧାରିତ ସମାଧାନକୁ ପ୍ରାଥମିକତା ପ୍ରଦାନ ଆମ ବିଜ୍ଞତାର ପରିଚାୟକ ହେବ। ତୀକ୍ଷ୍ଣ ଗଡ଼ାଣିରେ ପରିପୂର୍ଣ୍ଣ ଅବକ୍ଷୟମୁଖୀ ମହେନ୍ଦ୍ରଗିରି ପର୍ବତମାଳା ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟାନ୍ୱୟନ କରାଯିବା ବାଞ୍ଛନୀୟ। ଏଠାରେ ପର୍ଯ୍ୟଟନ ଭିତ୍ତିଭୂମିଜନିତ ବିକାଶ ପ୍ରକ୍ରିୟା ପ୍ରକୃତି ସଂରକ୍ଷଣଧର୍ମୀ ହେବା ଏକାନ୍ତ ଅପରିହାର୍ଯ୍ୟ। ଏପରି ମନୋରମ ଜୈବବିବିଧତାର ଗନ୍ତାଘରକୁ ସଂରକ୍ଷିତ ଜୈବମଣ୍ଡଳ ତଥା ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ ହେବ ପ୍ରାକୃତିକ ବିଭବର ସୁରକ୍ଷା ପ୍ରତି ଆମ ଅଙ୍ଗୀକାରବଦ୍ଧତାର ଶ୍ରେଷ୍ଠ ନିଦର୍ଶନ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୪୩୭୧୯୦୪୭୦

# ଜୀବନହିତରେ ଶିକ୍ଷା, ରାଷ୍ଟ୍ରହିତରେ ଜୀବନ

**ଇଂ. ପ୍ରତ୍ୟୁଷ କୁମାର ବେହେରା**

ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। କାରଖାନାରେ ଯନ୍ତ୍ରାଂଶ ଖରାପ ହେଲେ ଉତ୍ପାଦ ଖରାପ ହୁଏ। ସେହିଭଳି ଶିକ୍ଷାନୁଷ୍ଠାନର ବାତାବରଣ ବିଗିଡ଼ିଲେ ଅମଣିଷ ସୃଷ୍ଟି ହେବାର ଆଶଙ୍କା ବହୁଳ। ଆଜିର ବ୍ୟଭିଚାର ଓ ଅନାଚାର ବହୁଳ ସମାଜରେ ବିଦ୍ୟାର୍ଥୀଙ୍କ ଚରିତ୍ର ନିର୍ମାଣ ଚିନ୍ତା ନିତାନ୍ତ ଜରୁରୀ। ଛାତ୍ରାବସ୍ଥା ରୂପୀ ମାହେନ୍ଦ୍ର ମୁହୂର୍ତ୍ତରେ ଦିବ୍ୟଜ୍ଞାନ ରୂପୀ ଗଙ୍ଗାର ପବିତ୍ର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ ପଡ଼ିବ।

ବିଦ୍ୟା ମନୁଷ୍ୟକୁ ପ୍ରସ୍ଫୁଟିତ କରେ ଏବଂ ପ୍ରଗତିର ମାର୍ଗରେ ଅଗ୍ରସର କରାଇଥାଏ। 'ବିଦ୍ୟା ଦଦାତି ବିନୟମ୍, ବିନୟାତ୍ ଯାତି ପାତ୍ରତାମ୍ / ପାତ୍ରତ୍ୱାଦ ଧନମାପ୍ନୋତି ଧନାତ୍ ଧର୍ମଂ ତତଃ ସୁଖମ୍।' ପ୍ରକୃତ ଜ୍ଞାନ ନମ୍ରତା ପ୍ରଦାନ କରେ; ନମ୍ରତାଠାରୁ ମୂଲ୍ୟବୋଧ ଆସେ। ମୂଲ୍ୟବୋଧରୁ ଧନ ପ୍ରାପ୍ତ ହୁଏ; ଧନ ଜଣେ ବ୍ୟକ୍ତିଙ୍କୁ ଭଲ କାର୍ଯ୍ୟ କରିବାକୁ ସକ୍ଷମ କରେ, ଯାହାକି ଆନନ୍ଦ ଆଣିଥାଏ। ବିଦ୍ୟା ଆମକୁ ସଠିକ୍ ଓ ମୁକ୍ତିର ମାର୍ଗ ଦେଖାଏ।

ଚାକିରି ଆଶାରେ ଡିଗ୍ରୀ ହାସଲ କରିବା କେବଳ ଶିକ୍ଷାର ଲକ୍ଷ୍ୟ ନୁହେଁ। ମାନବୀୟ ମୂଲ୍ୟବୋଧର ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା। କେବଳ ବିଦ୍ୟା ଆହରଣ ନୁହଁ, ଚେତନାର ଉତ୍ତରଣ ହେଉଛି ପ୍ରଜ୍ଞାର ବାସ୍ତବିକ୍ ଅର୍ଥ। ଆଜି ଯାହା ସମସ୍ତଙ୍କୁ ବିଚଳିତ କରୁଛି ତାହା ହେଲା ସମାଜରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା। ବିଦ୍ୟାର୍ଥୀମାନେ ଶିକ୍ଷା ନାମରେ କୁଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ପରିବାର, ଶିକ୍ଷକ ସମାଜ ମଧ୍ୟ ସଚେତନ କରାଇବା ଆବଶ୍ୟକ ରହିଛି। ବିବେକାନନ୍ଦ, ବାଜିରାଉତ, ଧର୍ମପଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସଙ୍କ ପରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ୍।

'ଶିକ୍ଷା ଜୀବନ ପାଇଁ, ଜୀବନ ରାଷ୍ଟ୍ର ପାଇଁ। ଏହା ସମସ୍ତେ ନିଜର ବ୍ରତ ଭାବେ ପାଳନ କରିବା ଉଚିତ୍। ଆମକୁ ନେଇ ସମାଜ। ଆମେମାନେ ହିଁ ସମାଜ ପରିବର୍ତ୍ତନର କର୍ଣ୍ଣଧାର ହୋଇପାରିବା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଷ୍ଟ୍ରର ହିତସାଧନ ନିମନ୍ତେ କାର୍ଯ୍ୟ କରିବା। ପିଲାମାନଙ୍କୁ ନୀତିଶିକ୍ଷା ଦେବାର ସାମ୍ପ୍ରତିକ ସମୟର ଆହ୍ୱାନ। କଞ୍ଚା ମାଟିକୁ ସୁନ୍ଦର ମୂର୍ତ୍ତିର ରୂପ ଦେବାରେ ଶିଳ୍ପୀର ଭୂମିକା ପରି ଶିକ୍ଷକ ମଧ୍ୟ ଜଣେ ସାଧାରଣ ବିଦ୍ୟାର୍ଥୀକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିବାରେ ସକ୍ଷମ ହୁଅନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ବିଷୟ ଆଧାରିତ ଶିକ୍ଷା ସହ ବୌଦ୍ଧିକ, ସାଂସ୍କୃତିକ ଓ ସମାଜ ପ୍ରତି ନିଜର ଦାୟିତ୍ୱ କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବା ଉଚିତ୍। ଇସ୍ରାଏଲ ପରି ଗୋଟେ ଦେଶର ବିଦ୍ୟାଳୟରୁ ହିଁ ଦେଶ ସେବା ପାଇଁ ପୂର୍ଣ୍ଣ ଭାବେ ତାଲିମ୍ ପ୍ରଦାନ କରାଯାଏ। ଜାପାନରେ ମଧ୍ୟ ସମାନ ଧରଣର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଜଣେ କେମିତି ନିଜକୁ ସଠିକ୍ ଢଙ୍ଗରେ ଗଢ଼ି ତୋଳି ପାରିବ, ସବୁ ପରିସ୍ଥିତିରେ ନିଜର ବୁଦ୍ଧି ବିବେକ ସହିତ ସମାଜର କଲ୍ୟାଣ କରିପାରିବ, ନିଜ ପାଇଁ ନୁହେଁ ବରଂ ସମାଜ ପାଇଁ ଚିନ୍ତା କରିପାରିବ ସେ ବିଷୟରେ ଗୁରୁକୁଳମାନଙ୍କରେ ଶିକ୍ଷା ପ୍ରଦାନ କରାଯାଏ। ଏହା ପ୍ରମାଣିତ କରେ ଭାରତୀୟ ଗୁରୁ-ଶିଷ୍ୟର ପରମ୍ପରା କେତେ ମହାନ୍ ଓ ତତ୍ତ୍ୱ ଆଧାରିତ। ଏବେ ଆଧୁନିକତା ନାମରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। କେଉଁଠି ଗୁରୁ ନିଜ ପଦ ମର୍ଯ୍ୟାଦା ଭୁଲି ଯାଉଛନ୍ତି ତ ଆଉ କେଉଁଠି ଶିଷ୍ୟମାନେ ସୀମା ଲଂଘୁଛନ୍ତି।

ଜୀବନ କେବଳ ଫୁଲର ଶଯ୍ୟା ନୁହେଁ, କଣ୍ଟକିତ ମଧ୍ୟ। ଗୋଲାପର ସ୍ନିଗ୍ଧତାକୁ ଅନୁଭବ କରିବାକୁ ହେଲେ କଣ୍ଟାର ଆଘାତ ସହିବାକୁ ମଧ୍ୟ ପଡ଼ିବ। ଦୁଃଖ ଏକପ୍ରକାର ଭଗବାନଙ୍କ ହାତରେ ହାତୁଡ଼ି, ଯାହାଦ୍ୱରା ମଣିଷ ଜୀବନ ସଜାଡ଼ି ହୋଇଯାଏ। ସେଥିପାଇଁ ପ୍ରତ୍ୟେକ କାର୍ଯ୍ୟ ପଛରେ ଭଗବାନଙ୍କ ମହତ୍ ଉଦ୍ଦେଶ୍ୟ ଅଛି ବୋଲି ବିଚାର କରି ଗଭୀର ଆତ୍ମବିଶ୍ୱାସ ସହିତ ପରିସ୍ଥିତିକୁ ସାମ୍ନା କରିବା ଉଚିତ୍। ଯଦି ଗୋଟେ ରାସ୍ତା ବନ୍ଦ ହୋଇଯାଏ ଭଗବାନ ଅନ୍ୟ ଏକ ରାସ୍ତା ଆମ ପାଇଁ ରଖିଥା'ନ୍ତି। ଅର୍ଥାତ୍ ପ୍ରତିଟି ସମସ୍ୟା ଭିତରେ ସମାଧାନ ଲୁଚି କରି ରହିଥାଏ। ଆମେ ଧୈର୍ଯ୍ୟର ସହିତ ମୁକାବିଲା କରିବା ଉଚିତ୍। ଏହି ଶିକ୍ଷା ଆମକୁ ଆମର ଆଦି ଗୁରୁ ମା' ଦେଇଥା'ନ୍ତି। ସମଗ୍ର ବିଶ୍ୱରେ ଏମିତି ଜଣେ କେହି ନାହାନ୍ତି, ଯେ କେବେ ବି ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନା କରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ ସଫଳ ବ୍ୟକ୍ତି ହୋଇପାରିଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ଦେଇ ଗତି କରିବାକୁ ପଡ଼ିଥାଏ। ସିଏ ହେଉଛି ବୁଦ୍ଧିମାନ, ଯିଏ ବର୍ଷାର ଆଶଙ୍କା ଦେଖିଲେ ଛତାଟିଏ ମନେ କରି ନେଇଥାଏ। ଏମିତି ଶିକ୍ଷା ପ୍ରତ୍ୟେକ ଘରୁ, ବିଦ୍ୟାଳୟରେ ଓ ଗୁରୁଜନମାନଙ୍କ ଦ୍ୱାରା ଆମ ସମସ୍ତଙ୍କୁ ପ୍ରଦାନ କରିବା ନିହାତି ଜରୁରୀ

ବାଲେଶ୍ୱର, ମୋ: ୭୫୦୪୦୮୧୮୬୩

# କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ବୌଦ୍ଧ ବିହାରଗୁଡ଼ିକ ମୁଖ୍ୟତଃ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ବୌଦ୍ଧ ବିହାରରେ ଗ୍ରନ୍ଥାଗାର ରହିଥିଲା। ଏହି ଗ୍ରନ୍ଥାଗାରରେ 'କଞ୍ଜୁର' ଓ 'ତଞ୍ଜୁର' ଶ୍ରେଣୀର ଧର୍ମପୁସ୍ତକ ଏବଂ ଅନ୍ୟାନ୍ୟ ଶାସ୍ତ୍ର ବର୍ଗର ଗୋଟିଏ ଗୋଟିଏ ପୁରା ସେଟ୍ ଗ୍ରନ୍ଥ ରଖାଯାଉଥିଲା। 'କଞ୍ଜୁର' ଶ୍ରେଣୀରେ ସାତଗୋଟି ବିଭାଗର ୧୦୦ ଅଥବା ୧୦୮ ଭାଗ ଗ୍ରନ୍ଥ ରହୁଥିବା ବେଳେ 'ତଞ୍ଜୁର'ରେ ସତରଟି ବର୍ଗର ଦୁଇଗୋଟି ବିଭାଗର ୨୨୫ ଭାଗ ଗ୍ରନ୍ଥ ରଖାଯାଉଥିଲା। ଏହିଭଳି ଭାବେ ଉଭୟ 'କଞ୍ଜୁର' ଓ 'ତଞ୍ଜୁର' ସଂଗ୍ରହରେ ୪୫୬୬ ଗୋଟି ଗ୍ରନ୍ଥର ଭଣ୍ଡାର - 'କଞ୍ଜୁର'ରେ ୧୧୦୮ ଓ 'ତଞ୍ଜୁର'ରେ ୩୪୫୮ ଗ୍ରନ୍ଥ ସଂଗୃହୀତ ହୋଇ ରହୁଥିଲା। ଏହିସବୁ ଗ୍ରନ୍ଥ ମୁଖ୍ୟତଃ ମୂଳ ସଂସ୍କୃତ ଗ୍ରନ୍ଥର ଅନୁବାଦ ହିଁ ଥିଲା। ସମସ୍ତ ଗ୍ରନ୍ଥ କାଠ ତିଆରି ବ୍ଲକ ସାହାଯ୍ୟରେ ହାତ ତିଆରି କାଗଜରେ ଛପା ଯାଇ ପ୍ରସ୍ତୁତ ହେଉଥିଲା। ସମସ୍ତ ଗ୍ରନ୍ଥ ରେଶମ କପଡ଼ାରେ ଗୁଡ଼ାଯାଇ ଥାକମାନଙ୍କରେ ସାଇତା ହୋଇ ରଖାଯାଉଥିଲା।



ଶାକ୍ୟାପ ସଂପ୍ରଦାୟର ଅନୁଗାମୀ ବ୍ୟୁ-ଷ୍ଟନ୍ (ଖ୍ରୀ୧୨୯୦-୧୩୬୪) ଜଣେ ଖ୍ୟାତନାମା ତିବ୍ବତୀୟ ବୌଦ୍ଧ ତଥା ଇତିହାସକାର ମଧ୍ୟ। ତିବ୍ବତରେ ମହଜୁଦ ଥିବା ତିବ୍ବତୀୟ ଭାଷାରେ ଅନୂଦିତ ସମସ୍ତ ଧର୍ମଗ୍ରନ୍ଥକୁ ସେ ବ୍ୟବସ୍ଥିତ ଭାବେ ଦୁଇଗୋଟି ବିଭାଗରେ ତାଲିକାଭୁକ୍ତ କରିଥିଲେ। ବୁଦ୍ଧଙ୍କ ବାଣୀକୁ ନେଇ ପ୍ରସ୍ତୁତ ଗ୍ରନ୍ଥକୁ ପ୍ରଥମ ଭାଗରେ ରଖାଗଲା ଏବଂ ଏହାର ନାମ ହେଲା 'କଞ୍ଜୁର'। ଦ୍ୱିତୀୟ ଭାଗଟି ହେଲା 'ତଞ୍ଜୁର', ଯେଉଁଥିରେ

## ଦ୍ୱିତୀୟ-ବୁଦ୍ଧ କଥା

ମୁଖ୍ୟତଃ ଖ୍ୟାତନାମା ଗୁରୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗ୍ରନ୍ଥର ଭାଷ୍ୟଗୁଡ଼ିକୁ ରଖାଗଲା। ଏହିଭଳି ଭାବେ ପ୍ରଥମ ଭାଗଟିରେ ମୂଳଗ୍ରନ୍ଥ ଓ ଦ୍ୱିତୀୟ ଭାଗଟିରେ ଭାଷ୍ୟ ଗ୍ରନ୍ଥଗୁଡ଼ିକ ସହ ଚିକିତ୍ସାଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ମୂଳକ ଗ୍ରନ୍ଥ, ବ୍ୟାକରଣ ଶାସ୍ତ୍ର, ନ୍ୟାୟଶାସ୍ତ୍ର, କାବ୍ୟକବିତାଦି ବିଭିନ୍ନ ଅନ୍ୟାନ୍ୟ ଗ୍ରନ୍ଥମାନ ରହିଲା। ଅନ୍ୟଭାଷାରୁ ଅନୂଦିତ ଗ୍ରନ୍ଥ ବ୍ୟତିରେକ ତିବ୍ବତୀୟ ଭାଷାର ମୂଳଗ୍ରନ୍ଥ, ଯେପରିକି ଇତିହାସମୂଳକ, ମୌଖିକ ପରମ୍ପରାମୂଳକ, ବୌଦ୍ଧଧର୍ମର ମୂଳଗ୍ରନ୍ଥ, ସାହସୀ ତଥା ବୀରୋଚିତ କାର୍ଯ୍ୟମୂଳକ, ଜୀବନ ବୃତ୍ତାନ୍ତ, ବିଭିନ୍ନ ପ୍ରକାର ଦଲିଲ୍ ଓ ତଥ୍ୟମୂଳକ, ପ୍ରାଚୀନ ଦସ୍ତାବିଜ୍, ଇତିବୃତ୍ତି ଆଦି ଗ୍ରନ୍ଥ ଓ ଦସ୍ତାବିଜ୍‌ମାନ ରଖାଗଲା।

**କଞ୍ଜୁର:** ଏଥିରେ ମୁଖ୍ୟତଃ ନଅ ଗୋଟି ବର୍ଗର ଗ୍ରନ୍ଥ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ବର୍ଗ ମଧ୍ୟରେ ଉପ-ବର୍ଗ ଶ୍ରେଣୀର ଗ୍ରନ୍ଥମାନ ରହିଛି। ନଅଗୋଟି ବର୍ଗ ହେଲା: (୧) ବିନୟ - ଏହି ବର୍ଗର ସାତଗୋଟି ଗ୍ରନ୍ଥ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ନୀତିନିୟମ ଓ ଆଚାର ସଂପର୍କୀୟ। ଏଥିରେ ବୌଦ୍ଧ ମହାସମ୍ମିଳନୀ ସଂପର୍କୀୟ ବିବରଣୀ ମଧ୍ୟ ରହିଛି। (୨) ପ୍ରଜ୍ଞାପାରମିତା- ଏହି ବର୍ଗ ମଧ୍ୟରେ ଛତିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୩) ଅବତାଂଶକ - ଏହି ବର୍ଗରେ ମାତ୍ର ଗୋଟିଏ ଗ୍ରନ୍ଥ। (୪) ରତ୍ନକୂଟ - ଏଥିମଧ୍ୟରେ ନଅଗୋଟି ଗ୍ରନ୍ଥ ଅନ୍ତର୍ଭକ୍ତ। (୫) ସୂତ୍ରାନ୍ତ- ଏହି ବର୍ଗରେ ଦୁଇଶହ ଷାଠିଏ ଗୋଟି ଗ୍ରନ୍ଥ ରହିଛି। (୬) ତନ୍ତ୍ର-ତିବ୍ବତୀୟ ପରମ୍ପରା ମୁତାବକ ତନ୍ତ୍ର ହେଉଛି ବୁଦ୍ଧବଚନର ଅଂଶବିଶେଷ। ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ମୁଖ୍ୟ ପ୍ରବର୍ତ୍ତକ। ତିବ୍ବତୀୟ ବୌଦ୍ଧଧର୍ମରେ ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ବୁଦ୍ଧ। ଏହି ତନ୍ତ୍ର ଶ୍ରେଣୀରେ ଚାରିଶହ ଅଠଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୭) ପ୍ରାଚୀନ ତନ୍ତ୍ର-ଏଥିମଧ୍ୟରେ ସତର ଗୋଟି ଗ୍ରନ୍ଥ ରହିଛି ଏବଂ ଏଥିମଧ୍ୟରୁ କେତେକରେ ବୁଦ୍ଧଙ୍କ ପୂର୍ବକାଳର ପରମ୍ପରା ମଧ୍ୟ ଅନ୍ତର୍ଭୁକ୍ତ। (୮) କାଳଚକ୍ରତନ୍ତ୍ର - ଏହା କେବଳ ଗୋଟିଏ ମାତ୍ର ଶାସ୍ତ୍ର। (୯) ମନ୍ତ୍ର ସଂଗ୍ରହ - ଏହି ବର୍ଗରେ ଦୁଇଶହ ତେଷଠିଟି ଗ୍ରନ୍ଥ ରହିଛି ଏବଂ ଏହା ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ବିଶାଳ ମନ୍ତ୍ର ବର୍ଗର ସଂଗ୍ରହ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି



**ଭୁବନେଶ୍ୱର, ୧୨।୯ (ସମିସ):** ଅର୍ଚ୍ଚନା ନାଗଙ୍କ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଜି+୨ ଘର ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଶୁକ୍ରବାର ମଞ୍ଚେଶ୍ୱର ପୁଲିସ ସହାୟତାରେ ଇଡିର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ କରିବା ସହ କିଛି ସାମଗ୍ରୀକୁ ବାହାର କରିବା ପରେ ଆସବାବପତ୍ର ସହ ଘରକୁ ସିଲ୍ କରିଛି। ୨୦୦୨ ମନି ଲଣ୍ଡରିଂ ଆଇନ ଅନୁସାରେ ଗତ ୨୦୨୩ରେ ଅର୍ଚ୍ଚନାଙ୍କ ଘରକୁ ଇଡି ଆଟାଚ୍ କରିଥିଲା। ପୂର୍ବରୁ ଏହି ଘର ଛାଡ଼ିବା ପାଇ ଅଦାଲତ ଅର୍ଚ୍ଚନାଙ୍କୁ ନୋଟିସ୍ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅର୍ଚ୍ଚନା ଘର ନ ଛାଡ଼ିବାରୁ ଇଡି ଆଜି ତାଙ୍କ ଘର ସିଲ୍ କରିଛି।

ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ବ୍ଲାକ୍‌ମେଲିଂ କରିବା ନେଇ ନୂଆପଲ୍ଲୀ ଏବଂ ପରେ ଖଣ୍ଡଗିରି ଥାନାରେ ମାମଲା ରୁଜୁ କରାଯାଇଥିଲା। ୨୦୨୨ ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ତାଙ୍କ ସମ୍ପତ୍ତି ଓ ଆୟ ସମ୍ପର୍କରେ ଇଡ଼ି ତଦନ୍ତ କରିଥିଲା। ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରି ଥିଲେ। ଆଜି ଇଡି ଅର୍ଚ୍ଚନାଙ୍କ ଘରକୁ ସିଲ୍ କରିବା ଘଟଣାକୁ ସମାଲୋଚନା କରିଛନ୍ତି ତାଙ୍କ ବାପା। ସେ କହିଛନ୍ତି ଯେ ଜମିବାଡ଼ି ବିକି ସେ ଘର କରିବାକୁ ଝିଅକୁ ଟଙ୍କା ଦେଇଥିଲେ। ତେଣୁ ଘର ନ ଖୋଲିବା ଯାଏ ସେମାନେ ଘର ଆଗରେ ବସି ରହିବେ।

**ଭେନୁଗୋପାଳଙ୍କ ନେତୃତ୍ୱରେ ଓଡ଼ିଶାରେ ସଂସଦ ପବ୍ଲିକ୍ ଆକାଉଣ୍ଟସ କମିଟି**

## ଶନିବାର ପୁରୀରେ ହେବ ଷ୍ଟାଣ୍ଡିଂ କମିଟି ବୈଠକ



**ଭୁବନେଶ୍ୱର,୧୨।୯ (ସମିସ):** ସଂସଦର ପବ୍ଲିକ ଆକାଉଣ୍ଟ କମିଟି (ପିଏସି)ର ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଂଗଠନ ସମ୍ପାଦକ କେସି ଭେନୁଗୋପାଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ମଧ୍ୟ ଓଡ଼ିଶା ଗସ୍ତରେ ଆସିଛି। ସଂସଦର ପିଏସି ବୈଠକ ଶନିବାର ପୁରୀରେ ହେବା ନେଇ ସ୍ଥିର ହୋଇଛି। ଏହି ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନରେ ମଧ୍ୟ ଦଳୀୟ ସମୀକ୍ଷା କାର୍ଯ୍ୟକ୍ରମ ରଖିଛନ୍ତି। ଆସନ୍ତା ୧୪ ତାରିଖ

**ପିଏସି ବୈଠକ ପରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଭେନୁଗୋପାଳ**

ଅପରାହ୍ନ ୨ଟା ୩୦ରେ ସେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସାଂସଦ ଓ ସମସ୍ତ ବିଧାୟକ ମଧ୍ୟ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଆଜି ଶ୍ରୀ ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି, ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଦଳର ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

**କପାବାଡ଼ିରେ ବଜ୍ରପାତ**

## ୩ ଶ୍ରମିକ ମୃତ, ୨ ଗୁରୁତର



**ରାୟଗଡ଼,୧୨।୯ (ସମିସ):** ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଗୁଡା ଗାଁରେ ବଜ୍ରଘାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନରେ ବିଷ୍ଣୁଗୁଡା ଗାଁ ନିକଟରେ ଏକ କପା ବାଡ଼ିରେ ୫ଜଣ ଶ୍ରମିକ କାମ କରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ହୋଇଥିଲେ। ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରାୟଗଡ଼ା ବ୍ଲକ ପୀତାମହଲ ପଞ୍ଚାୟତର ବିଷ୍ଣୁଗୁଡ଼ା ଗ୍ରାମର ସମ୍ବାରୀ ପିଡ଼ିକା(୪୫)ଙ୍କ କୁଡେଶୁ ଗାଁ ପାହାଡ଼ ତଳେ ଥିବା କପାବାଡ଼ରେ ଏହି ୫ ଶ୍ରମିକ କାମ କରୁଥିଲେ। ବଜ୍ରପାତରେ ମୃତକମାନେ ହେଲେ ସମ୍ବାରୀ ପିଡିକା, ଲେଖପୁଟ ଗାଁର ଏମେଲ ମିଣିଆକା, ଝୁମୁକା ଗାଁର ଗିରିଆ ମିଣିଆକା। ଏଥିରେ ସମ୍ବାରୀଙ୍କ ବଡ଼ଭଉଣୀ ପାଣ୍ଡେ ପିଡ଼ିକା ଓ ହରିପୁର ଗାଁର ତୁଳସୀ ପିଡିକା ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଶେଷଖାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଶେଷଖାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ପ୍ରତି ବ୍ଲକ୍‌ରେ ଖୋଲିବ ଆଇଟିଆଇ

**ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ମିଳିବ। ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ କରାଯିବ। ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟରେ ଅନେକ ଆଇଟିଆଇ ଖୋଲାଯିବ। ୨୦୪୭ ସୁଦ୍ଧା ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଇଟିଆଇ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ ଧାର୍ଯ୍ୟ କରିଛନ୍ତି। ସମ୍ପ୍ରତି ହାରାହାରି ୪ଟି ବ୍ଲକ୍‌ରେ ଗୋଟିଏ ଆଇଟିଆଇରେ ଛାତ୍ରଛାତ୍ରୀମାନେ ତାଲିମ୍ ନେଉଛନ୍ତି। ଏହାକୁ ୨୦୩୬ ସୁଦ୍ଧା ଦୁଇଗୁଣା କରାଯିବ। ଭିଜନ୍ ଓଡ଼ିଶା-୨୦୩୬କୁ ଆଖିରେ ରଖି ପ୍ରତି ଦୁଇଟି ବ୍ଲକରେ ଗୋଟିଏ ସରକାରୀ ଆଇଟିଆଇ ଖୋଲିବାକୁ ଯୋଜନା ରହିଛି।

ଅନୁରୂପ ଭାବେ ଭିଜନ୍ ଓଡ଼ିଶା-୨୦୪୭କୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ୍‌ରେ ଆଇଟିଆଇ ଖୋଲିବାକୁ ଲକ୍ଷ ରହିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ବିଭିନ୍ନ ସମୟରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସରକାରୀ ଆଇଟିଆଇ ଖୋଲିବାକୁ ଅନୁରୋଧ କରିଛନ୍ତି।

## ବିଧାନସଭାରେ ସାଧାରଣ ଲୋକଙ୍କ ସ୍ୱର ପ୍ରତିଫଳିତ ହୁଏ: ସୁରମା



**ଭୁବନେଶ୍ୱର,୧୨।୯ (ସମିସ):** କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ "ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା: ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନା ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର ପବିତ୍ର ସ୍ଥାନ। ସେଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା, ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ। ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୧ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା, ବାଚସ୍ପତି ୟୁ ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗ ଦେଇଛନ୍ତି।

## ୬ମାସ ବଢ଼ିଲା ପିଏମ୍ କିଷାନ ଅବଧି

**ଭୁବନେଶ୍ୱର,୧୨।୯ (ସମିସ):** ପିଏମ୍ କିଷାନରୁ ବାଦ ପଡ଼ିଥିବା ଚାଷୀମାନଙ୍କ ପାଇଁ ପଞ୍ଜିକରଣ ଅବଧି ବୃଦ୍ଧି କଲେ କେନ୍ଦ୍ର ସରକାର। କେୱାଇସି ଅବଧିକୁ ଆଉ ୬ ମାସ ବୃଦ୍ଧି କରାଯାଇଛି। ୮ ସେପ୍ଟେମ୍ବରରୁ ଆଉ ୬ ମାସ ବୃଦ୍ଧି କରିଛନ୍ତି। ସିଏମ୍ କିଷାନ ପାଉଥିବା ହିତାଧିକାରୀ ପିଏମ୍ କିଷାନରେ କେୱାଇସି ଅପଡେଟ୍ କରି ସାମିଲ ହୋଇପାରିବେ। ଏବେ ସିଏମ କିଷାନରେ ୫୧ ଲକ୍ଷ ୫୪ ହଜାର ଥିବାବେଳେ ପିଏମ କିଷାନରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ସାମିଲ ଅଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଅଧିକ ୬ ଲକ୍ଷ ହିତାଧିକାରୀ ପିଏମ କିଷାନରେ ସାମିଲ ହୋଇଛନ୍ତି। ଅଧିକ ଚାଷୀଙ୍କୁ ଯୋଡିବାକୁ ସରକାର ଏହି ସ୍ୱତନ୍ତ୍ର ଅଭିଯାନ ଲାଗୁ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ମହଙ୍ଗା...

କିଲୋ ପିଛା ହାରାହାରି ୮୦ ଟଙ୍କାରୁ କମ୍ ନାହିଁ। ସାଧାରଣ କଖାରୁ କିଲୋ ୪୦ ଟଙ୍କାରୁ ୫୦ ଟଙ୍କା ହୋଇଯାଇଛି। ପୋଟଳ, ବିନ୍ସ, ସଜନା ଛୁଇଁ, କ୍ୟାପ୍ସିକମ୍ ମୂଲ୍ୟ କିଲୋ ପିଛା ୧୦୦ ଉପରେ। ମୁଦ୍ରାସ୍ଫୀତି ବାସ୍କେଟରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରର ଯୋଗଦାନ ପ୍ରାୟ ୫୦%, ତେଣୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଜୁଲାଇ ମାସରେ ୧.୧୮% ରହିଥିବାବେଳେ ଅଗଷ୍ଟରେ ଏହା ୧.୬୯%କୁ ବୃଦ୍ଧି ପାଇଛି। ଅନୁସରୂପ ଭାବରେ ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୧୦%ରୁ ୨.୪୭%କୁ ବୃଦ୍ଧି ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ମାସରେ ମୁଖ୍ୟ ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ପନିପରିବା, ମାଂସ ,ମାଛ, ଅଣ୍ଡା ,ତେଲ ଏବଂ ପର୍ସନାଲ କେୟାର ଉତ୍ପାଦ ମୂଲ୍ୟରେ ଅହେତୁକ ବୃଦ୍ଧି। ଏହି ସାମଗ୍ରୀଗୁଡିକର ମୂଲ୍ୟରେ ତୀବ୍ର ବୃଦ୍ଧି ଗ୍ରାହକଙ୍କ ବଜେଟ୍‌କୁ ପ୍ରଭାବିତ କରିଛି। ଏହା ସହ ପାର୍ବଣ ସମୟରେ ଲୋକମାନେ ବ୍ୟବହାର କରୁଥିବା ଡ୍ରାଏଫ୍ରୁଟ୍ସ ମୂଲ୍ୟ ପୁଣି ବଢ଼ିଛି । କାଜୁ ବାଦାମ, କସ୍‌ମିସ୍ ଏବଂ କେସର ଭଳି ଡ୍ରାଏ ଫ୍ରୁଟ୍ ମୂଲ୍ୟ ମହଙ୍ଗା ହେବାରେ ଲାଗିଛି। କାଶ୍ମୀର କେଶର ମୂଲ୍ୟ କିଲୋ ପିଛା ୧.୫ରୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ କେଶରର ବଜାର ୧୦-୧୫% ଅଧିକ ମହଙ୍ଗା ହୋଇଛି। ସେହିପରି କାଜୁ ବାଦାମ, ପିସ୍ତା ଏବଂ କିସ୍‌ମିସ୍‌ର ମୂଲ୍ୟ ୧୫-୨୦% ବୃଦ୍ଧି ପାଇଛି।

### ଘାରିଲାଣି ମିଛ...

ଏହି ସୁପାରିସ କମିଟି ବୈଠକରେ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସୂଚନା ଦେଇ ସେ ଏକ ମିଥ୍ୟା ଖବରର କ୍ଲିପ୍ ମଧ୍ୟ ଲଗାଇଛନ୍ତି, ଯେଉଁଥିରେ ମିଥ୍ୟା ଖବର ଜରିଆରେ ସରକାରୀ ଦଳକୁ ଟା ।ର୍ଗେଟ କରାଯାଇଛି। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବାର ଆବଶ୍ୟକତା ରହିଛି। ଦୁବେ 'ଏକ୍ସ'ରେ କହିଛନ୍ତି ଆହୁରି ଯେ ଭାରତକୁ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଥାଇଲାଣ୍ଡରେ ପରିଣତ ହେବାକୁ ଦିଆଯିବ ନାହିଁ। ଲୋକମାନଙ୍କୁ ବିଭ୍ରାନ୍ତ କରିବା ଲାଗି ଯେଉଁମାନେ ରାଷ୍ଟ୍ର-ବିରୋଧୀ ଏଜେଣ୍ଡା ଚଳାଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖବର ସତ୍ୟ ଉପରେ ଆଧାରିତ ହେବା ଜରୁରୀ।

ମିଳିଥିବା ରିପୋର୍ଟ ଅନୁଯାୟୀ ମିଥ୍ୟା ଖବର ପରିବେଶଣ କରୁଥିବା ଗଣମାଧ୍ୟମଗୁଡ଼ିକୁ ଏଥର ଜରିମାନା ଦେବାକୁ ହେବ। ଦେଶର ସମସ୍ତ ପ୍ରିଣ୍ଟ, ଇଲେକଟ୍ରୋନିକ ଏବଂ ଡିଜିଟାଲ ମିଡିଆ ପାଇଁ ଫାକ୍ଟ ଚେକିଂ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବାକୁ ସୁପାରିସ କରାଯାଇଛି। ସଂପାଦକ ଏବଂ ସଂପାଦକୀୟ ବିଭାଗର କଣ୍ଟେଣ୍ଟ ହେଡ୍‌ଙ୍କୁ ମିଥ୍ୟା ଖବର ପାଇଁ ଉତ୍ତରଦାୟୀ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଛି। ବିଫଳତା ପାଇଁ ସଂସ୍ଥାର ମାଲିକ ଓ ପ୍ରକାଶକଙ୍କୁ ମଧ୍ୟ ଦାୟୀ କରାଯାଉ। ସମ୍ବାଦପତ୍ର ଓ ଇଲେକଟ୍ରୋନିକ ଗଣମଧ୍ୟମ ଉପରେ ନଜର ରଖିବା ଲାଗି ଆଇନରେ ଆବଶ୍ୟକ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପ୍ରସ୍ତୁତ କେଣ୍ଟେଣ୍ଟକୁ ରୋକିବା ମଧ୍ୟ ଜରୁରି। ତେବେ ଗଣମାଧ୍ୟମ ଓ ଅନ୍ୟ ସଂସ୍ଥା ସହିତ ବ୍ୟାପକ ବିଚାର ଆଲୋଚନା କରାଯାଇ ସହମତି ଭିତ୍ତିରେ ଏଭଳି କଟକଣା କରାଯାଉ ବୋଲି ରିପୋର୍ଟରେ କୁହାଯାଇଛି।

### ଆମଦାନୀ ଗୁଣ୍ଡ ଦୁଗ୍ଧରେ...

ଜାତୀୟ ସ୍ତରରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୪୪୪ ଗ୍ରାମ୍ ଥିବାବେଳେ ଓଡ଼ିଶାରେ ଏହା ମାତ୍ର ୧୪୪ ଗ୍ରାମ୍ ରହିଛି। ନାବାର୍ଡର ଏକ ରିପୋର୍ଟ ଅନୁସାରେ, ୨୦୨୩ ସୁଦ୍ଧା ଓଡ଼ିଶାର ଜନସଂଖ୍ୟା ୪.୭୯ କୋଟି ହେବ ବୋଲି ଆକଳନ କରାଯାଇଥିବା ବେଳେ ରାଜ୍ୟର ଆବଶ୍ୟକତା ପୂରଣ ଲାଗି ଆଇସିଏମ୍ଆର୍ ସୁପାରିସ ଅନୁସାରେ ୫.୨୫ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକ। କିନ୍ତୁ ୨୦୨୨-୨୩ରେ ୨.୪୮ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି। ଏହା ମୋଟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ। ସେହିପରି ୨୦୩୩-୩୪ ସୁଦ୍ଧା ରାଜ୍ୟର ଜନସଂଖ୍ୟା ୫.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ସେହି ସମୟରେ ୪.୮୬ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକତ ହେବ। ସେହି ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବାର୍ଷିକ ୮.୯୮ ପ୍ରତିଶତ ହାରରେ ଆଗକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ରାଜ୍ୟର କ୍ଷୀର ଚାହିଦାକୁ ମେଣ୍ଟାଇବା ପାଇଁ କିଛି ଘରୋଇ ଡାଏରୀ ଅନ୍ୟ ରାଜ୍ୟରୁ ଗୁଣ୍ଡ କ୍ଷୀର ଆଣି ତାହାକୁ ଅପମିଶ୍ରଣ କରୁଥିବା ଏବଂ ଅନ୍ୟ ରାଜ୍ୟରୁ ଆମଦାନୀ ହେଉଥିବା ଅପମିଶ୍ରିତ କ୍ଷୀର ଓଡ଼ିଶା ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ବଜାରରେ ମିଳୁଥିବା ଅଧିକାଂଶ କ୍ଷୀରରେ ଟ୍ୟାପ୍ ପାଣି, ସୋଡିଅମ୍ ହାଇଡ୍ରକ୍ସାଇଡ, ଲୁଣ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। "ଫୁଡ୍ ସେଫ୍‌ଟି ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ'(ଏଫ୍‌ଏସ୍‌ଏସ୍‌ଏଆଇ)ର ନମୁନା ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଉତ୍ପାଦିତ ୪୧ ପ୍ରତିଶତ କ୍ଷୀରରେ ଶରୀର ଲାଗି ଆବଶ୍ୟକ ସ୍ନେହସାର ମଧ୍ୟ ନ ଥାଏ। ପାଖାପାଖି ୭ରୁ ୧୦ ପ୍ରତିଶତ କ୍ଷୀର ମଧ୍ୟ ଅପମିଶ୍ରିତ, ଯହିଁରେ ହାଇଡ୍ରୋଜେନ ପେରକ୍ସାଇଡ, ଡିଟରଜେଣ୍ଟ, ୟୁରିଆ ଇତ୍ୟାଦି ଭଳି ମାରାତ୍ମକ ରାସାୟନିକ ପଦାର୍ଥ ମଧ୍ୟ ମିଶାଯାଉଥିବା ଅଭିଯୋଗ ହୋଇଛି।

ଶରୀରକୁ କ୍ଷତି ପହଞ୍ଚାଇବା ଭଳି ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥଗୁଡ଼ିକୁ ଚିହ୍ନଟ ପାଇଁ ନା ସରକାରଙ୍କର ଆନ୍ତରିକତା ଅଛି, ନା ସରକାରୀ ଅଧିକାରୀମାନେ ଏହାପ୍ରତି କେବେ ମନଯୋଗୀ ହୋଇ ପାରୁଛନ୍ତି। ଯାହାଫଳରେ ଓଡ଼ିଶାରେ କ୍ଷୀର ବଜାର କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକ ଏହି ଅପମିଶ୍ରିତ କ୍ଷୀର ଖାଇ ରୋଗଗ୍ରସ୍ତ ହେଉଛନ୍ତି ଏବଂ ସାଧାରଣ ଉପଭୋକ୍ତା ମଧ୍ୟ ଠକେଇର ଶିକାର ହେଉଛନ୍ତି।

### ତହସିଲଦାର, ଶ୍ରମ ଅଧିକାରୀ...

ଦେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଡ୍ରାଇଭର ପି.ପ୍ରବୀଣ ଏବଂ ତହସିଲଦାର ଅଶ୍ୱିନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି। ଏହାପରେ ତହସିଲଦାରଙ୍କ ଭୁବନେଶ୍ୱର ମେ' ଫେୟାର ରୋଡରେ ଥିବା ଘର ଏବଂ ଅଫିସ ଚାମ୍ବର ଯାଞ୍ଚ କରିବା ପରେ ୪ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଅଶ୍ୱିନୀ ୨୦୧୯ ରେ ଓଡ଼ିଶା ସିଭିଲ ସର୍ଭିସେସ୍‌ରେ ଟପ୍ପର ହୋଇଥିଲେ। ଜଣେ ଟ୍ରେନିଂ ରିଜର୍ଭ ଅଫିସର (ଟିଆରଓ) ୨୦୨୧ ଡିସେମ୍ବର ୩୦ ତାରିଖରୁ ସରକାରୀ ଚାକିରି ଆରମ୍ଭ କରିଥିଲେ। ପରେ ୨୦୨୫ ଜୁଲାଇ ୧ ତାରିଖରେ ସେ ସମ୍ବଲପୁର ଜିଲ୍ଲା ବାମରାରେ ତହସିଲଦାର ଭାବେ ଯୋଗ ଦେଇଥିଲେ। ଯାଜପୁର ଧର୍ମଶାଳାର ଅଶ୍ୱିନୀ ପଣ୍ଡା ଇଞ୍ଜିନିୟର୍ ଡିଗ୍ରୀ ହାସଲ କରିବା ପରେ ଏଏସ୍‌ଓ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ୨୦୧୮ ମସିହା ଏଏସ୍‌ଓ ପରୀକ୍ଷାରେ ବିଫଳ ହେବା ପରେ ୨୦୧୯ ରେ ସେ ଓପିଏସ୍‌ସି ଟପ୍ପର ହୋଇଥିଲେ।

ସେହିପରି ୬ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଶ୍ରମ ଅଧିକାରୀ। ଶ୍ରମ କାର୍ଡ କରାଇଦେବା ପାଇଁ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ସେହିପରି ସରକାରୀ ଅର୍ଥ ହେରଫେର ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକ ଲୁହାଶିଳା ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ସେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହାର ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବା ପରେ ତାଙ୍କୁ ଆଜି ଗିରଫ କରାଯାଇଛି।


**AFFIDAVIT**

I, Vinith Patnaik, S/o Malaya Ranjan Pattanayak, Resident of Plot no. 939/6710 Sidheswar Nagar Jagamara, Po/Ps Khandagiri, Dist- Khordha Pin-751030, Odisha declare by this affidavit No. 6672 dtd.- 07/02/2025 that now onwards I shall be known as **Vinith Pattnaik** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 12/09/2025. I, **Reeta Rana,** D/O- Satya Rana, resident of Village At/Po- Belgaon, PS-Saintala, Dist- Balangir, Odisha, PIN-767032. That, the deponent actual name is **Reeta Rana** as per her School Certificate issued by BSE, Odisha vide No. 1902007010, Roll No. 030EG0042, but in the Aadhar Card vide No- 7834 3461 6335 her name has been wrongly mentioned as **Rita Rana.** Henceforth, **Reeta Rana** and **Rita Rana** is same and one person in the locality and I shall be known as **Reeta Rana** (new name), D/O- Satya Rana for all future purposes.

**Reeta Rana**

**AFFIDAVIT**

I, SMT. SASMITA KUMARI PANDA, W/o: Sujit Kumar Panigrahy, At: Puruna Post Office Sahi, Purushottampur, Po/P.S.: Purushottampur, Dist. Ganjam, declares by virtue of an affidavit Sl. No- 585. dated 03.09.2025 before Executive Magistrate, Purushottampur that in my Passport No: V7234959, in which my SPOUSE's name wrongly recorded as Sujit Panigrahy instead of SUJIT KUMAR PANIGRAHY. I need to be correct this. This is to be produced before the concerned authority.

**Notice**
**(Above 18 years of age)**

By virtue of an affidavit sworn before the Executive Magistrate, Udala, Mayurbhnaj, dated 04.09.2025 I, Sukulmani Soren, Address At- Andiatikira, Po-Dengam, Ps- Khunta, Dist-Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as **Thibu Murmu** for all purposes.

**Sukulmani Soren**

**AFFIDAVIT**

By virtue of an affidavit No. 5113 sworn before the Executive Magistrate, Champua on date-21/08/2025. I **KAMA NAIK,** resident of Vill/Po- Kashipal, Ps- Baria, Dist- Keonjhar, Odisha, Pin-758044 declare that I have changed my name from **Kamadev Naik** (old name) to **Kama Naik** (new name). Henceforth I shall be known as **Kama Naik,** S/o- Bana Naik for all future purpose.

**Sd/- KAMA NAIK**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 12.09.2025, I Aditya Singh, Address At-Sarbeswarpur, Po-Chandanpur, Ps-Badasahi, Dist-Mayurbhanj, State-Odisha, Pin-757017 declare that I have changed my name from Bapu Singh to Aditya Singh. Henceforth, I shall be known as **Aditya Singh** for all purposes.

**Aditya Singh**

**AFFIDAVIT**

I, Kandhu Khara, S/o- Late Miluku Khara resident of Vill.- Daba, Po.- Kasandi, Ps.- Nandapur, Dist.-Koraput, Odisha, Pin-764037 vide affidavit no.-82, dtd.12.09.2025 state that I have changed my name from **Kandhu Gayel** to **Kandhu Khara**. Henceforth I shall be known as **Kandhu Khara** for all purposes.

**AFFIDAVIT**

By virtue of an affidavit (CF No. 06) sworn before the Executive Magistrate, Padampur on dated- 11/09/2025. I, **Sunil Kumar Behera,** S/o Late Gunanidhi Behera, permanent resident of At- Padampur, PO-Padampur, Dist- Bargarh, PIN-768036, Odisha declare that I have changed my minor son's name from **Animesh Behera** (old name) to **Animesh Kumar Behera** (new name). Henceforth, I shall be known as **Animesh Kumar Behera** (new name) for all purposes.

**Sunil Kumar Behera**

L-63

**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, KEONJHAR**
AT/PO: MACHAPUR, DISTRICT: KEONJHAR-758001
E-mail ID: eeagril.kjr@gmail.com

**e-Procurement Notice: Dated 12.09.2025**
**Bid Identification No. EE(AGRIL)Keonjhar Division-01/2025-26**

The Executive Engineer (Agril.), Agril. Engg. Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website www.tendersodisha.gov.in, for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S. T) (Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03Nos (Three nos) Building works / Civil construction works/ PH Sanitary & Electrical works | Vary from Rs.11.87 lakh to Rs.15.01 lakh | Rs.6000.00 | 1% Of the Amount Put to Tender | C&D | 120Days |

1. Date & Time of availability of bid document in the portal :15.09.2025 at 10.00 AM to 22.09.2025, 5.30 PM
2. Last date / Time for receipt of bids in the portal :22.09.2025 upto 5.30 PM
3. Date of submission of original bid documents in Tender Box :15.09.2025,10.00 AM to 23.09.2025 up to 1.00 PM
4. Date & Time of opening of original Documents, Verification& Online bids– 24.09.2025 at 11.00 AM onwards

The Bidders have to participate in **ONLINE bidding only** in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders ,increase/decrease the quantities of works without assigning any reasons thereof.

Sd/- Executive Engineer (Agril.)
Agril. Engg. Division, Keonjhar

OIPR-01460/11/0007/2526

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬/୦୬/୧୯୫୬

ବିଜ୍ଞପ୍ତି ସଂଖ୍ୟା ୨୮୫୨ / ତାରିଖ ୧୦.୦୯.୨୦୨୫

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୨୬.୦୯.୨୦୨୫ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡ଼ର ରେଳୱେ ଷ୍ଟେସନ ରୋଡ଼, ଆର୍.ଏମ.ସି ମାର୍କେଟ ନିକଟସ୍ଥ "ଯଦୁମଣି ପ୍ରଧାନ ଅଡ଼ିଟୋରିୟମ୍" ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି: ଦ୍ର: - ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ବର୍ଷର ଅଡ଼ିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୪-୨୫ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୫. ୨୦୨୫-୨୬ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୬. ୩୧.୦୮.୨୦୨୫ ପର୍ଯ୍ୟନ୍ତ ବ୍ୟାଙ୍କର ଆୟ ଓ ବ୍ୟୟର ଅନୁମୋଦନ।
୭. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା/-
ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ

## ସ୍ୱେଚ୍ଛାସେବୀଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ



କୋଷାଗୁମୁଡା,୧୨।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ନୂତନ ସ୍ୱେଚ୍ଛାସେବୀ ମାନଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଶ୍ରୀମତୀ ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅଧ୍ୟାପକ ବିବେକ କୁମାର ମହାଲିକ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ରାୟ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀଙ୍କୁ ରେଡକ୍ରସର ଶପଥ ପାଠ କରାଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଯୁବ ରେଡ଼କ୍ରସ କାଉନସିଲର ଅଖିଳ କୁମାର ଭଞ୍ଜ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ସଂଯୋଜନା କରି ରେଡ୍‌କ୍ରସର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥଲେ। ମଞ୍ଚାସୀନ ଅତିଥି ରେଡ଼କ୍ରସର ଉତ୍ପତି, ଇତିହାସ, ଆଭିମୁଖ୍ୟ, ଓ ବିଭିନ୍ନ ଜନହିତକର ସେବା ସମ୍ବନ୍ଧରେ ସ୍ୱେଚ୍ଛାସେବୀ ମାନଙ୍କୁ ମାର୍ଗଦର୍ଶନ କରିବା ସହିତ ଅନୁଷ୍ଠାନର ଯୁବ ରେଡ଼କ୍ରସ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସିମାଞ୍ଚଳ ପଟ୍ଟନାୟକ, ଦେବକୀ ଦିଶାରୀ, ସସ୍ମିତା ପ୍ରଧାନ, ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି, ଉଦୟ ଚନ୍ଦ୍ର ନାୟକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

### ଜିଲ୍ଲା ଚିକିତ୍ସାଳୟ ଅସ୍ଥାୟୀ କର୍ମଚାରୀଙ୍କୁ ମିଳୁନି ବେତନ

# ଦରମା ପାଇଁ ଧାରଣା, ସେବା ବାଧାପ୍ରାପ୍ତ

ଜୟପୁର,୧୨।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଚିକିତ୍ସାଳୟର କାର୍ଯ୍ୟରତ ଅସ୍ଥାୟୀ ସଫେଇ ଏବଂ ସୁରକ୍ଷା କର୍ମୀମାନେ ଆଜି ପୂର୍ବାହ୍ନରେ ହଠାତ୍ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସେମାନଙ୍କୁ ଗତ ୨ ମାସରୁ ଅଧିକ ସମୟ ହେଲାଣି ମାସିକ ଦରମା ଠିକାସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇନଥିବା ନେଇ ଆନ୍ଦୋଳନ କରିଥିଲେ। ସେମାନେ କାର୍ଯ୍ୟବନ୍ଦ କରିବା ସହ ଚିକିତ୍ସାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଥିଲେ। କିନ୍ତୁ ନିୟମ ଅନୁଯାୟୀ ବିନା ନୋଟିସ ଏବଂ ସୂଚନାରେ ହଠାତ୍ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ବେଆଇନ ଅଟେ। ଜିଲ୍ଲା ଚିକିତ୍ସାଳୟ ରୋଗୀ ଯାତାୟାତ କରୁଥିବା ଯୋଗୁଁ ଏହି ପରିସରରେ ଧାରଣା ଦେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ଚିକିତ୍ସାଳୟ କର୍ତ୍ତୃପକ୍ଷ କାର୍ଯ୍ୟରେ ଯୋଗ ଦିଅନ୍ତୁ ଅନ୍ୟଥା ପରିସର ବାହାରେ ଧାରଣା ଦିଅନ୍ତୁ ବୋଲି କହିଥିଲେ। ଆନ୍ଦୋଳକାରୀ ମାନେ ସଦର ଥାନାରେ ପହଞ୍ଚି ଠିକାସଂସ୍ଥା ବିରୋଧରେ ଅଭିଯୋଗ କରିଥିଲେ। ସଦରଥାନା ପୁଲିସ ବୁଝାସୁଝା କରିବା ପରେ ସେମାନେ ଜିଲ୍ଲା ଚିକିତ୍ସାଳୟ ମୁଖ୍ୟଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ସଫେଇ କର୍ମଚାରୀ, ସେବିକା ଏବଂ ସୁରକ୍ଷା କର୍ମଚାରୀ ମାନେ ଯୋଗଦେଇଥିବା ବେଳେ ଠିକାସଂସ୍ଥା ପକ୍ଷରୁ ନିଯୁକ୍ତ ନର୍ସ ମାନେ ଏହି ଆନ୍ଦୋଳନରେ ସାମିଲ ହୋଇନାହାନ୍ତି। ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ମାନଙ୍କ ଗତ ୨ରୁ ୩ ମାସ ଦରମା ମିଳିନଥିବା ବେଳେ ସେବିକା ଓ ନର୍ସ ମାନଙ୍କ ୩ ମାସରୁ ଅଧିକ ସମୟ ହେଲାଣି ମାସିକ ଦରମା ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ସେହିପରି ଚାକିରି ପ୍ରଦାନ ପାଇଁ ନିଯୁକ୍ତି ପ୍ରଦାନ ବେଳେ ଠିକାସଂସ୍ଥା ପକ୍ଷରୁ କର୍ମଚାରୀ ମାନଙ୍କୁ ନିଯୁକ୍ତି ନାମରେ ୫୦ରୁ ୬୦ ହଜାର ଟଙ୍କା ବେଆଇନ ଭାବେ ନେଇଥିବା ନେଇ ଆନ୍ଦୋଳନକାରୀ ଅସ୍ଥାୟୀ କର୍ମଚାରୀ ମାନେ ଅଭିଯୋଗ କରିଥିଲେ। ଏହିପରି ସଂଧ୍ୟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ କର୍ମଚାରୀ ମାନେ



ଧାରଣା ଜାରି ରହିଥିଲା। ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନାକାରୀଙ୍କୁ ବୁଝାସୁଝା କରିଛନ୍ତି। ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଏବଂ ଆଜି ସଂଧ୍ୟା ସୁଦ୍ଧା ଧାରଣାରତ ଅସ୍ଥାୟୀ କର୍ମଚାରୀ ମାନଙ୍କ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି ଯେ, ଅସ୍ଥାୟୀ କର୍ମଚାରୀ ବିଭିନ୍ନ ସମସ୍ୟା ନେଇ ଆଜି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। କିନ୍ତୁ କୌଣସି ସ୍ୱାସ୍ଥ୍ୟ ବିଭାଗ ଏବଂ ଚିକିତ୍ସାଳୟର ଉଚ୍ଚ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନ କରିନାହାଁନ୍ତି। ଏହିପରି ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା ମନୋଭାବକୁ ନେଇ ଆନ୍ଦୋଳନକାରୀ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କ ଅନ୍ୟାନ୍ୟ ସମସ୍ୟା ଓ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ପ୍ରକାଶ କହିଛନ୍ତି ଯେ, ଅସ୍ଥାୟୀ ତଥା ଠିକା କର୍ମଚାରୀ ମାନେ ବିନା ସୂଚନାରେ ଆଜି ପୂର୍ବାହ୍ନରୁ ହଠାତ ଆନ୍ଦୋଳନ ଯୋଗୁଁ ଚିକିତ୍ସାଳୟ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। କିନ୍ତୁ ସ୍ଥାୟୀ କର୍ମଚାରୀ ମାନଙ୍କୁ ଦ୍ୱାରା ସଫେଇ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇ ପରିଚାଳନା କରାଯାଇଛି। ଆଜି ସଂଧ୍ୟା ସୁଦ୍ଧା ସେମାନଙ୍କ ଦରମା ପ୍ରଦାନ କରାଯିବା ନେଇ ଠିକାସଂସ୍ଥା ପକ୍ଷରୁ ପ୍ରକାଶ କରିଥିବା ସୂଚନା ଦେଇଛନ୍ତି। ପ୍ରକାଶଯେ, ଜିଲ୍ଲା ଚିକିତ୍ସାଳୟରେ ଠିକାସଂସ୍ଥା ଦ୍ୱାରା ନିଯୁକ୍ତ ସଫେଇ କର୍ମଚାରୀ ୮୦ ଜଣ, ସୁରକ୍ଷାକର୍ମୀ ୯୦ ଜଣ, ସେବିକା ୮୦, ନର୍ସ ୮୦, ଅକ୍ସିଜନ ପ୍ଲାଣ୍ଟ ପରିଚଳଣା କର୍ମଚାରୀ ୧୦, ହେଲ୍ପ ଡେସ୍କରେ ୧୬ ଜଣ, ଲିଫ୍ଟ ମ୍ୟାନ୍ ୪ଜଣ, ବିଦ୍ୟୁତ ମରାମତି ୪ଜଣ, ପାଇପ୍ ଲାଇନ ମରାମତି କର୍ମଚାରୀ ଭାବେ ୮ ଜଣ ସମୁଦାୟ ୩୮୧ ଜଣ ଅସ୍ଥାୟୀ କର୍ମଚାରୀ ଭାବେ ଠିକାସଂସ୍ଥା ପକ୍ଷରୁ ନିଯୁକ୍ତ ହୋଇଛନ୍ତି।

## ପାତ୍ରପୁଟ ଲୁହା ପୋଲରେ ଫସୁଛି ଟ୍ରକ୍

ବୈପାରୀଗୁଡ଼ା, ୧୨।୯ (ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ୩୨୬ନମ୍ବର ଜାତୀୟ ରାଜପଥ ମହୁଲି ପଞ୍ଚାୟତର କଟାଛକ ଓ ପାତ୍ରପୁଟ ମଝିରେ ଥିବା ଲୁହା ପୋଲରେ ଫସିଲା କେନ୍ଦୁପତ୍ର ବୋଝେଇ ଟ୍ରକ୍। ଲୁହା ପୋଲର ଉଭୟ ପାର୍ଶ୍ୱର୍ରେ ଘଣ୍ଟା ଘଣ୍ଟା କାଳ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ସନ୍ଧ୍ୟା ସମୟରେ ମାଲକାନଗିରି ଠାରୁ ଭୁବନେଶ୍ୱର ଏବଂ ଆନ୍ଧ୍ରକୁ ଯାଉଥିବା ବସ୍ ଏବଂ ଉକ୍ତ ଅଞ୍ଚଳର ଛୋଟ ବଡ଼ ଶତାଧିକ ଗାଡି ଘଣ୍ଟା ଘଣ୍ଟା କାଳ ଟ୍ରାଫିକ୍‌ରେ ଫସିଥିଲେ। ପ୍ରତିଦିନ



ଏଭଳି ସମସ୍ୟା ଘଟୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଟ୍ରକ୍‌ରେ ନିୟମ ଅନୁଯାଇ କେନ୍ଦୁପତ୍ର ଲୋଡ଼ କରିବା କଥା। କିନ୍ତୁ ଓଭର ଲୋଡ଼ ଯୋଗୁଁ ଏଭଳି ଲୁହା ପୋଲରେ ଫସୁଛି ଗାଡି। ଏନେଇ ବହୁବାର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ବ୍ରିଟିଶ ଅମଳରେ ନିର୍ମିତ ଏହି ପୋଲ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। କେତେବେଳେ କ'ଣ ଅଘଟନ ଘଟିବ ତାହା କହିହେବ ନାହିଁ। ଅମାନିଆ କେନ୍ଦୁପତ୍ର ବୋଝେଇ ଟ୍ରକ୍ ଲାଗି ପ୍ରତିଦିନ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ବନ ବିଭଗ ଏବଂ ପୋଲିସର ନଜର ରହିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

## ପୂର୍ଣ୍ଣାଙ୍ଗ ଶିକ୍ଷା ଓ ନୂତନ ଶିକ୍ଷା ନୀତି ଉପରେ କର୍ମଶାଳା

ସେମିଳିଗୁଡ଼ା,୧୨।୯ (ସମିସ): ଜାତୀୟ ଶିକ୍ଷା ସଂସ୍କାର ସହିତ ତାଲିମ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଏକଦିନିଆ କର୍ମଶାଳାର ଅନୁଷ୍ଠିତ ହୋଇଛି। ଏହି କର୍ମଶାଳା 'ଆମ କଲେଜ, ଆମ ଗୌରବ' ଅଧୀନରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଝାନ୍ସୀ ସିଂହ କର୍ମଶାଳାର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଭାତ କୁମାର ନାୟକ ପୂର୍ଣ୍ଣାଙ୍ଗ ଶିକ୍ଷାର ମୌଳିକ



ସିଦ୍ଧାନ୍ତଗୁଡିକୁ,ଓ ଶ୍ରୀଅରବିନ୍ଦଙ୍କ ଦର୍ଶନ ସହିତ ଉପସ୍ଥାପନା କରିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା, ବହୁବିଷୟକ ଶିକ୍ଷା, ବୃତ୍ତିଗତ ଏକୀକରଣ ଏବଂ ସମାଲୋଚନାଗକ ଚିନ୍ତନ ଉପରେ ଏନଇପିର ଗୁରୁତ୍ୱ ଦେଉଛି। ସମଗ୍ର ଦର୍ଶନର ଏକ ଆଧୁନିକ ପ୍ରତିଧ୍ୱନୀ। ଏହା ଆମଠାରୁ କେବଳ ଏକ ବୃତ୍ତି ନୁହେଁ, ବରଂ ଜୀବନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରି ସମଗ୍ର ବ୍ୟକ୍ତିତ୍ୱର ଶିକ୍ଷା କରିଥାଏ। ଏହି କାର୍ଯ୍ୟକ୍ରମରେ ଶିବାଶିଷ ପଟ୍ଟନାୟକ, ଦେବରାଜ ନାୟକ, ଶୁଭ୍ରାଂଶୁ ସୁନ୍ଦର ଦାସ, ରୋନାଲି ନାୟକ, ନିରଞ୍ଜନ ପୋଡ଼, ଚିତ୍ତରଞ୍ଜନ ଦାସ, ପିଙ୍କି ଗୋୟଲ, ଦିଗେଶ୍ୱରୀ, ଚନ୍ଦନ ପ୍ରସାଦ, ରମେଶ ମଲ୍ଲିକ, ବିଜୟଲକ୍ଷ୍ମୀ ଦଳେଇ, ମନିଶା ବେହେରା ଇତ୍ୟାଦି ଯୋଗ ଦେଇଥିଲେ। ଶେଷରେ ଡ. ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରାଶ୍ରୟ ବୃଦ୍ଧାଙ୍କୁ ଆଇନ ସହାୟତା

ରାୟଗଡ଼ା,୧୨।୯ (ସମିସ) : ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟା ଜଣେ ନିରାଶ୍ରୟ ବୃଦ୍ଧା ଏ. ଆପାରାଓଙ୍କୁ ପିଟିଲା ସାହି ଛକ ରାୟଗଡ଼ ପରିସରରେ ଠାବ କରି ତାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କର ଦ୍ୱାରସ୍ଥ କରିଥିଲେ। ତାପରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହଯୋଗରେ ସେହି ବୃଦ୍ଧାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଏହାପରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟାଙ୍କ ସହାୟତାରେ ବୃଦ୍ଧାଙ୍କୁ ରାୟଗଡ଼ା ସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ, କୋଡାପେଟା, ରାୟଗଡ଼ାରେ ଅବସ୍ଥାପିତ କରାଯାଇଛି।

## 'ସକାଳ' ପ୍ରତିନିଧିଙ୍କ ପିତୃ ବିୟୋଗ

କୋରାପୁଟ,୧୨।୯ (ସମିସ): ଦଶମନ୍ତପୁର ବ୍ଲକର 'ସକାଳ' ପ୍ରତିନିଧି ଯୁବ ସାମ୍ବାଦିକ ମଣ୍ଟୁ ଭତ୍ରାଙ୍କ ବାପା ଦିଲୀପ ଭତ୍ରାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୩ ପୁଅ ଏବଂ ଅନ୍ୟ ସମ୍ପର୍କୀୟ ମାନେ ଉପସ୍ଥିତ ରହିଥିଲେ। ବଙ୍ଗଳାଗୁଡାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। କୋରାପୁଟ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ଭବାନୀ ଶଙ୍କର ମିଶ୍ର, ରଞ୍ଜନ ଦାସ୍, ସତ୍ୟଜିତ ମହାନ୍ତି, କରୁଣା ମହାନନ୍ଦିଆ, ଅମିତ ହୋତା,ମଦନ ମୋହନ ସାହୁ, ପବିତ୍ର ମୋହନ ସେଠୀ, ଉତ୍ତମ ନାୟକ ପ୍ରମୁଖ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଜୟପୁର ସକାଳ ପରିବାର ପକ୍ଷରୁ ସଂସ୍କରଣ ମୁଖ୍ୟ ରାକେଶ ପାଢ଼ୀ, ଜିଲ୍ଲା ପ୍ରତିନିଧି ସୁବୋଧ ଚେଟ୍ଟି, ପ୍ରସାରଣ ବିଭାଗ ନିର୍ବାହୀ ସୁଧୀର ମାଦଳା, ବିଜ୍ଞାପନ ବିଭାଗର ସୟଦ ହବିବୁଲ, କୋରାପୁଟ ସହର ପ୍ରତିନିଧି ସୁଶାନ୍ତ ମିଶ୍ର, ଜୟପୁର ସହର ପ୍ରତିନିଧି ସୁପ୍ରୀତ ପୂଜାରୀ ଓ ଅନ୍ୟମାନେ ଦୁଃଖିତ ପରିବାରକୁ ସମବେଦନା ଜଣାଇଛନ୍ତି।

## 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୨।୯ (ସମିସ): ଜିଲ୍ଲାରେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆସନ୍ତା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରୋଗ ଚିହ୍ନଟ କାରଣ ଓ ସଚେତନତା ଶିବିର ଅନୁଷ୍ଠିତ ହେବ। ଏହି ଅଭିଯାନରେ ନାରୀମାନଙ୍କ ଏବଂ ଶିଶୁ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ସବୁ ବୟସର ଝିଅମାନଙ୍କର ମଧ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମାଧ୍ୟମରେ କରାଯିବ ଓ ଏଥିସହିତ ରକ୍ତ ପରୀକ୍ଷା, ଅଣସଂକ୍ରମକ ରୋଗ ପରୀକ୍ଷା, ରକ୍ତହୀନତା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା,



ରକ୍ତ ଶର୍କରା ପରୀକ୍ଷା ଇତ୍ୟାଦି ଭିଏଚଏସଏନଡି, ଟୀକାକରଣ ପାଇଁ ଧାର୍ଯ୍ୟ ଗ୍ରାମରେ, ସ୍କୁଲ ମାଙ୍କରେ ଏବଂ ୧୦୦୦ରୁ ଅଧିକ ଜନସଂଖ୍ୟା ଥିବା ଗ୍ରାମମାନଙ୍କରେ ଆୟୋଜନ କରାଯିବ। ଏହି ଶିବିର ଜିଲ୍ଲାର ସମସ୍ତ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୮ ୯ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଅନଷ୍ଠିତ ହେବ। ଏତତ୍‌ବ୍ୟତିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଗୋଟିଏ ଲେଖାଏଁ କରାଯିବ। ସମସ୍ତ ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ଜିଲ୍ଲାପାଳ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସିଡିଏମଓଡ ସନ୍ତୋଷ ପଣ୍ଡା, ଡିଏସଡବ୍ଲୁଓ ଦ୍ରୌପଦୀ କହଁର, ଏଡିପିଏଚଓ ଡ.ମଳୟ ତ୍ରିପାଠୀ, ଡିପିମ ଏନ୍ଏଚ୍ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ।

## କଳା ଶିକ୍ଷକ ସମୀର ବାରିକ ପୁରସ୍କୃତ

ଦାମନଯୋଡ଼ି,୧୨।୯ (ସମିସ): ପଶ୍ଚିମବଙ୍ଗର ବୀରେନ୍ଦ୍ର ମେମୋରିଆଲ ଫାଇନ ଆର୍ଟ ଏବଂ କଲଚର ପକ୍ଷରୁ ଇଣ୍ଡିଆନ୍ ଆଇକନ ଆର୍ଟିଷ୍ଟ ଆୱାଡର୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ମାସରେ ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନଙ୍କ ଠାରୁ ସେମାନଙ୍କର ଚିତ୍ର ସଂଗ୍ରହ କରଯାଇଥିଲା। ଏଥିରେ ଭାରତ ସହିତ ବିଭିନ୍ନ ଦେଶରୁ ୫୬୦ଜଣ ଅଂଶ ଗ୍ରହଣ କରିଥିଲେ। ଏହାର ପୁରସ୍କାର ବିତରଣ ଓ ଚିତ୍ରକଳା ପ୍ରଦର୍ଶନୀ ତ୍ରିପୁରାର ଅଗରତାଲା ସ୍ଥିତ ସିଟି ସେଣ୍ଟର ଆର୍ଟ ଗ୍ୟାଲେରୀ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ



ଅଂଶଗ୍ରହଣ କରିଥିବା ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ)ର କଳାଶିକ୍ଷକ ସମୀର କୁମାର ବାରିକଙ୍କୁ ନିଜର ଚିତ୍ରକଳା ପାଇଁ ଇଣ୍ଡିଆନ ଆଇକନ୍ ଆର୍ଟିଷ୍ଟ ଆୱାଡର୍-୨୦୨୫ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅନୁପସ୍ଥିତ ଥିବା ସମୀର ସାରଙ୍କୁ ଡାକଯୋଗେ ମାନପତ୍ର,ଫଳକ ଓ ଉପଢ଼ୌକନ ମିଳିଛି। ପ୍ରତିଯୋଗିତା ପାଇଁ କଳାଶିକ୍ଷକ ସମୀର ସାର କ୍ୟାନ୍‌ଭାସରେ ମଧ୍ୟମ ଧରଣ ଏକ୍ରିଲିକ ଯୋଗେ ଧ୍ୟାନ ମୁଦ୍ରାରେ ଥିବା ଭଗବାନ ବୁଦ୍ଧଙ୍କ ଚିତ୍ର ପ୍ରେରଣ କରିଥିଲେ। ଦେଶବିଦେଶର ମୋଟ ୫୬ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପାଇ ଡିପିଏସ ପାଇଁ ଗୌରବ ଆଣିଥିବା ସମୀର ସାରଙ୍କୁ ସ୍କୁଲ ଅଧକ୍ଷା ସୁଶ୍ରୀ ସୁଜାତା ପାଣି ସମ୍ବର୍ଦ୍ଧିତ କରିଥିଲେ।

## ପଥର କ୍ୱାରୀ ଲିଜ୍‌କୁ ବିରୋଧ, ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୨।୯ (ସମିସ): ଗ୍ରାମ ଉପକଣ୍ଠ ପାହାଡ଼ରେ ଥିବା ପଥର କ୍ୱାରୀ ଖନନ ପାଇଁ ଟେଣ୍ଡର ନ କରିବା ଦାବିରେ ତିନିଖଣ୍ଡ ଗ୍ରାମର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମିଳିଗୁଡା ବ୍ଲକ ପିତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପେଟକଣା, ଜାଗମଗୁଡ଼ା ଏବଂ ଜାନିଗୁଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉପରୋକ୍ତ ଗ୍ରାମ ଗୁଡ଼ିକ ନିକଟରେ ଥିବା ସୁଲିଆ ଡଙ୍ଗର ଓ ପାଟିଆ ଡଙ୍ଗର ଉପରେ ଗ୍ରାମବାସୀ ଏବଂ ସେମାନଙ୍କ ଗୃହ ପାଳିତ ପ୍ରାଣୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଜଙ୍ଗଲ ଭରା ଉକ୍ତ ଦୁଇଟି ପାହାଡ଼ରେ ସେମାନେ ଗୋରୁ ଗାଈ ଚରାଇବା ସହିତ ବିଭିନ୍ନ ପ୍ରକାର ଔଷଧୀୟ ଗଛରୁ ଚେର ମୂଳି ଆଣି ଚିକିତ୍ସିତ ହୋଇ ଥାଆନ୍ତି। କିନ୍ତୁ ସେମିଳିଗୁଡା ତହସିଲଦାର ସେହି ଦୁଇଟି ପାହାଡ଼ରେ ଥିବା ପଥର କ୍ୱାରୀ ଗୁଡ଼ିକୁ ନିଲାମ କରିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି। ଯାହା ଫଳରେ ତିନି ଗ୍ରାମବାସୀ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ଗୃହ ପାଳିତ ପ୍ରାଣୀ ଚରାବୁଲା ପାଇଁ ଜାଗା ଟିକେ ପାଇବେ ନାହିଁ। ତେଣୁ ଉକ୍ତ ଟେଣ୍ଡର ଆହ୍ୱାନ ବାତିଲ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୀତାରାମ ଦୋରା, ସନିଆ ଦେଉଳ ପାଡ଼ିଆ, ରତ୍ନ ହନ୍ତାଳ, ମଙ୍ଗଳା ଚପାଡ଼ି, ମଦନ ମାଝି, ଶୁକ୍ର ଆୟାଲ, ରମେଶ ହନ୍ତାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସେମିଳିଗୁଡା ତହସିଲଦାରଙ୍କୁ ମଧ ଏକ କିତା ନକଲ ଦେଇଛନ୍ତି।

## ସାପକାମୁଡ଼ାରେ ମହିଳା ଗୁରୁତର

ପଦ୍ମପୁର,୧୨।୯ (ସମିସ):ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାପଦର ଗ୍ରାମରେ କ୍ଷେତରେ କାମ କରୁଥିବା ସମୟରେ ସାପକାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ସାରଦା ଶବର (୬୫)। ସାପ କାମୁଡ଼ାବା ପରେ ତାଙ୍କର ରକ୍ତ ବାନ୍ତି ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସିଦ୍ଧାର୍ଥ ଦାସ ଚିକିତ୍ସା କରିଥିବା ବେଳେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନହେବାରୁ ତାଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରି ପଦ୍ମପୁର ଥାନାରେ ଏକ ଏମ୍ଏଲ୍‌ସି କେସ୍ ଦାୟର କରାଯାଇଥିବା ଜଣାପଡିଛି।

## ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଦୀକ୍ଷା ଆରମ୍ଭ ସମାରୋହ




କୋରାପୁଟ,୧୨।୯ (ସମିସ): ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ନୂତନ ଭାବେ ନାମଲେଖାଇ ଥିବା ପିଲାମାନଙ୍କୁ ନେଇ ତିନିଦିନିଆ ଦୀକ୍ଷା ଆରମ୍ଭ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୭ ବ୍ୟାଚ୍‌ରେ ୯୭ ଜଣ ପିଲା ନାମ ଲେଖାଇଛନ୍ତି। ଜିଲ୍ଲାରୁ ଓଡ଼ିଶାର ଭୂସ୍ୱର୍ଗ କୋରାପୁଟରେ ପଢିବାର ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସମାହାରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦାର, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ ପ୍ରାଧ୍ୟାପିକା କଲେଜର ନିୟମାବଳୀ ପରୀକ୍ଷା ବ୍ୟବସ୍ଥା, ଛାତ୍ରାବାସ, ମହିଳା ନିର୍ଯ୍ୟାତନ ନିରାକରଣ, ପାଠ୍ୟକ୍ରମ ସମ୍ପର୍କରେ ପିଲା ମାନଙ୍କୁ ଅବଗତ କରାଯାଇଥିଲା। ଉଦଯାପନୀ ସଭାରେ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତରୁଣ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପିଲାଙ୍କ ନିମନ୍ତେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଚଳିତ ବର୍ଷ ରାଷ୍ଟ୍ରପତି ପୁରସ୍କାର ପାଇଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଡକ୍ଟର ଭାରତୀ ଜାନି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚକ୍ରଧର ବେହେରା ଏବଂ ପ୍ରଜ୍ଞା ପାରମିତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ସଫଳତା ପାଇଁ ସହଯୋଗ କରିଥିଲେ।

## ଜୋନ୍‌ସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗିତା

ଡାବୁଗାଁ, ୧୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡାବୁଗାଁ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜୋନାଲସ୍ତରୀୟ ଦୌଡ ଓ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛଇ। ଏଥିରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବ ଡିଆଁ, ସର୍ଟପୁଟ, ଡିସ୍‌କସ ଥ୍ରୋ ଖେଳାଯାଇ ୧ମ, ୨ୟ ଓ ୩ ୟ ହୋଇଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ୧୭



ବର୍ଷରୁ କମ୍ ଖୋଖୋ, ଭଲିବଲ, ହ୍ୟାଣ୍ଡ ବଲ, ଫୁଟବଲ ଓ କ୍ରିକେଟ ପ୍ରତିଯୋଗୀତାରେ ଖେଳାଳି ଚୟନ କରଯାଇଥିଲା। ଏହି ଚୟନ ହୋଇଥିବା ଖେଳାଳି ମାନଙ୍କୁ ନେଇ ଦଳ ଗଠନ ହୋଇ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ଏହି ପ୍ରତିଯୋଗୀତାକୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନୌଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ, ତ୍ରିନାଥ ବାରିକ, ପୁରୋହିତ ବାଗ, ସୁକାନ୍ତି ସାହୁ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ମେହେରା, ଶେଖର ଚନ୍ଦ୍ର ସାହୁ, ଖୁଲେଶ୍ୱର ମାଝି ଓ ଶିକ୍ଷୟତ୍ରୀ ଇତିଶ୍ରୀ ବର୍ଷାରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହାସହ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଜୁନାପାଣି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଶବାଳା ଜେନା, ଡାବୁଗାଁ ଓ ଜୁନାପାଣି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ଯୋଗ ଦେଇଥିଲେ।

## ସହରର ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି



ନବରଙ୍ଗପୁର,୧୨।୯ (ସମିସ): ନବରଙ୍ଗପୁର ବରିଷ୍ଠ ନାଗରିକ ସଂଘ ନିର୍ବାହୀ କମିଟି ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଙ୍କୁ ଭେଟି ଉତ୍ତରୀୟ ପ୍ରଦାନ କରି ସମ୍ମାନ ଜଣାଇବା ପରେ ନବରଙ୍ଗପୁର ସହରର ବିଭିନ୍ନ ସମସ୍ୟା ନେଇ ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ଗୁଡ଼ିକ ମଧ୍ୟରେ ନବରଙ୍ଗପୁର ଶ୍ମଶାନ ନବୀକରଣ ସହିତ ସହରର ରାସ୍ତା ଉନ୍ନତିକରଣ ଏବଂ ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ମୁତ୍ରାଶୟ ନିର୍ମାଣ, ସହର ମୁଖ୍ୟ ରାସ୍ତାରେ ଯାନବାହାନ ସଂଚାଳନ ନିୟନ୍ତ୍ରଣ. ଆମିଷ ବଜାର ସ୍ୱଚ୍ଛତା ଉପରେ ପଦକ୍ଷେପ, ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ଏବଂ ଯାନବାହାନ ଚଳାଚଳ ସଂକେତ ପଦ୍ଧତି ଲାଇଟ୍‌ର ବ୍ୟବସ୍ଥା ଭଳି ୭ ଦଫା ଦାବିପତ୍ର ପ୍ରଦାନ କରିବା ସହିତ ଉକ୍ତ ବିଷୟ ମାନଙ୍କ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ସଭାପତି ରାଧାନାଥ ବେହେରା, ଉପ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ ସାଧାରଣ ସମ୍ପାଦକ ବି. ରାମ ମୂର୍ତ୍ତି ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ତଥା ସଂଘର କୋଷାଧକ୍ଷ ଜଗନ୍ନାଥ ମହାପାତ୍ର ଓ ବରିଷ୍ଠ ନାଗରିକ ସୁବାସ ଚନ୍ଦ୍ର ସୁର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଏ ନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଉକ୍ତ ସମସ୍ୟା ଗୁଡ଼ିକର ନିଶ୍ଚିତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଡ. ସ୍ୱାଇଁ ପ୍ରତିଶ୍ରୁତି ଦେଇଥିବା ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ସୂଚନା ଦେଇଛନ୍ତି।

### ତିନି ବର୍ଷହେଲା ସରୁନି ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ

# ରାସ୍ତାରେ ରହୁଛି ବସ୍, ଯାତାୟାତରେ ଅସୁବିଧା

ମାଲକାନଗିରି,୧୨।୯ (ସମିସ):

ଦୀର୍ଘ ତିନି ବର୍ଷହେଲା ଶେଷ ହେଉନି ୬କୋଟି ୧୩ ଲକ୍ଷ ଟଙ୍କାର ନୂତନ ବସଷ୍ଟାଣ୍ଡ ଟର୍ମିନାଲ ନିର୍ମାଣ କାର୍ଯ୍ୟ। ବସ୍‌ଷ୍ଟାଣ୍ଡ ଭିତରକୁ ଆସୁଥିବା ଓ ଯାଉଥିବା ବସ୍ ଗୁଡିକ ରସ୍ତାରେ ଠିଆ ହେବା ଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେଉଛି। ଏହା ବ୍ୟତୀତ ନିର୍ମାଣ ପାଇଁ ଇଟା ବାଲି ଗଦା ହୋଇ ରହିବାରୁ ଅପରିଷ୍କାର ପରିବେଶ ସହ ମରଣଯନ୍ତା ପାଲଟିଛି ମାଲକାନଗିରି ଠାରେ ଥିବା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ। ମାଲକାନଗିରି ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନୂତନ ଅଫିସ ଓ ବସ୍‌ଷ୍ଟାଣ୍ଡ ଟର୍ମିନାଲ ନିର୍ମାଣ ପାଇଁ ଗତ ୨୦୨୨ ମସିହାରୁ ୬କୋଟି ୧୩ ଲକ୍ଷ ଟଙ୍କା ଟେଣ୍ଡର ହୋଇ ୨୦୨୩ ମସିହାରୁ କାମ ଚାଲିଥିଲେ ମଧ ତିନି ବର୍ଷ ହେଲା ସରୁନି କାମ। ମାଲକାନଗିରି ଜିଲ୍ଲାରେ ଥିବା ଆନ୍ତରାଜ୍ୟ ବସ୍‌ଷ୍ଟାଣ୍ଡ ଏବେ ମରଣଯନ୍ତା ପାଲଟିଛି। ଏହି ଆନ୍ତଃରାଜ୍ୟ ବସ ଷ୍ଟାଣ୍ଡ ଉପରେ ଓଡିଶା, ଆନ୍ଧ୍ରପ୍ରଦେଶ ଛତିଶଗଡ, ତେଲାଙ୍ଗାନା ଚାରି ରାଜ୍ୟର ଯାତ୍ରୀ ମାନେ ନିର୍ଭର କରୁଛନ୍ତି। ବସ୍‌ଷ୍ଟାଣ୍ଡରେ ଲଗା



ଯାଇଥିବା ଫ୍ୟାନ ଗୁଡିକ ଅଚଳ ହୋଇ ଯାଇଥିବାରୁ ଯାତ୍ରୀ ମାନେ ଅସହ୍ୟ ଗରମରେ ସମସ୍ୟା ଭୋଗୁଛନ୍ତି। ଯାତ୍ରୀଙ୍କ ବସିବା ପାଇଁ ଥିବା ଚେୟାର ଗୁଡିକ ମଧ ଭାଙ୍ଗିଗଲାଣି। ଏହି ବସଷ୍ଟାଣ୍ଡରେ ସରକାରୀ ଓ ଘରୋଇ ଶତାଧିକ ବସ୍ ଦୈନିକ ବିଭିନ୍ନ ଅଞ୍ଚଳକୁ ଯାତାୟତ କରିଥାଏ। ବସ୍ ଷ୍ଟାଣ୍ଡଟିର ଆୟତନ କମ୍ ଥିବାରୁ ବସ୍ ଗୁଡିକ ଗେଞ୍ଜା ଗେଜିଂ ହୋଇ ରହିଥିବାରୁ ବସ୍ ଭିତରକୁ ପ୍ରବେଶ ଓ ପ୍ରସ୍ଥାନ କଲାବେଳକୁ ଅନ୍ୟବସ୍‌ରେ ଧକ୍କା ଲାଗି ଅନେକ ଥର ଛୋଟବଡ଼ ଦୁର୍ଘଟଣା ଘଟିଥାଏ। ଗତ ୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ମାଲକାନଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୨ ମସିହାରେ ପ୍ରାୟ ଦୁଇକୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇ ଏହି ଜିଲ୍ଲାସ୍ତରୀୟ ବସଷ୍ଟାଣ୍ଡଟି ନିର୍ମାଣ ହୋଇଥିଲା। ଏହା ୪ଟି ରାଜ୍ୟର ସୀମାନ୍ତରେ ଥିବାରୁ ମାଲକାନଗିରି ଜିଲ୍ଲା ବସଷ୍ଟାଣ୍ଡକୁ ଆନ୍ତରାଜ୍ୟ ବସଷ୍ଟାଣ୍ଡ ମାନ୍ୟତା ଦିଆଯିବାର ଅବଶ୍ୟକତା ରହିଛି। ଏହା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ହୋଇଥିଲେ ମଧ ବସଷ୍ଟାଣ୍ଡର ନାମଫଳକ ଲଗାଯାଇ ନଥିବାରୁ ବାହାରୁ ଆସୁଥିବା ଲୋକେ, କେଉଁଠି ବସ୍‌ଷ୍ଟାଣ୍ଡ ଅଛି ଜାଣିପାରୁ ନାହାନ୍ତି। ଏଠାରୁ ଓଡିଶାର ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଆସିକା, ଭବାନିପାଟଣା, ନୟାଗଡ, ସମ୍ବଲପୁର, କଳାହାଣ୍ଡି, କୋରାପୁଟ, ନବରଙ୍ଗପରୁ, ରାୟଗଡା, ସହିତ ଆନ୍ଧ୍ରପ୍ରଦେଶର ବିଜୟନଗରମ, ବିଶାଖାପାଟଣା, ଖମାମ, ଭଦ୍ରାଚଳମ, ହାଇଦ୍ରାବାଦ, ଛତିଶଗଡ ରାଜ୍ୟର ସୁକୁମା, ଜଗଦଲପୁର, ରାଇପୁର, ଆଦି ୩୧ଟି ସ୍ଥାନକୁ ଦୂରଗାମୀ ଓ ଆଞ୍ଚଳିକ ବସ୍ ଗୁଡିକ ଯାତାୟତ କରିଥାଏ। ହେଲେ ଏହି ବସଷ୍ଟାଣ୍ଡଟି ଏବେ ନର୍କପୁରୀ ସହ ମରଣଯନ୍ତା ପାଲଟିଛି। ବସଷ୍ଟାଣ୍ଡ ଭିତରେ ବଡବଡ ଖାଲ ହୋଇ ବର୍ଷା ପାଣି ଜମି ରହୁଛି। ବସଷ୍ଟାଣ୍ଡ ଭିତରେ ଯାତ୍ରୀଙ୍କ ବିଶ୍ରାମ ସ୍ଥଳ ଓ ଚେୟାର ଗୁଡିକ ମଧ ଭଙ୍ଗିଗଲାଣି। ଡଷ୍ଟବିନ ନାହିଁ। ପାନୀୟ ଜଳ ବ୍ୟବସ୍ଥା ନାହିଁ। ଯାତ୍ରୀ ମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ଶୌଚାଳୟ ଅବ୍ୟସ୍ଥାକଥା ନକହିଲେ ଭଲ। ବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ମାତ୍ର ଦେୟ ଯୁକ୍ତ ଶୌଚାଳୟ ଥିବାରୁ ଅନେକ ସମୟରେ ଭିଡ ହୋଇଥାଏ। ମହିଳା ଯାତ୍ରୀ ମାନେ ବହୁତ ହଇରାଣ ହୋଇଥାନ୍ତି। ଏହି ବସ ଷ୍ଟାଣ୍ଡ କୁ ପ୍ରତିଦିନ ନିୟମିତ ଭାବେ ଘରୋଇବସ ୪୦ ଟି, ସରକାରୀ ବସ ୧୦ଟି ଓ ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ ୩୬ଟି ବସ ଚଳାଚଳ କରିଥାଏ। ବସ୍‌ଷ୍ଟାଣ୍ଡରେ ବସ ରହିବା ପାଇଁ ସ୍ଥାନ ନ ନଥିବା ବେଳେ ଭଙ୍ଗା ଅଚଳ ସରକାରୀ ବସ ଗୁଡିକ ରଖା ଯାଇଛି। ବସ ଗୁଡିକ ମରାମତି ପାଇଁ ଏକ ସ୍ୱତନ୍ତ୍ର ଗ୍ୟାରେଜର ଆବଶ୍ୟକ ରହିଛି। ତୁରନ୍ତ ମାଲକାନଗିରି ଜିଲ୍ଲା ସଦର ମହାକୁମାର ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡଟିର ନବୀକରଣ କରାଯାଇ ଯାତ୍ରୀ ମାନଙ୍କ ସୁବିଧା କରିବା ପାଇଁ ଜିଲ୍ଲାବାସୀ ଦାବି କରିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଅଟକ

ଗୁଣୁପୁର, ୧୨।୯ (ସମିସ): ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ରଞ୍ଜିତା ତ୍ରିପାଠୀ। ସେ ଡମ୍ବସରା ପଞ୍ଚାୟତର ନାଏବ ସରପଞ୍ଚ ଅଛନ୍ତି। ମହିଳା ଜଣକ ନିଜ ଘର ପଦ୍ମପୁର ବ୍ଲକ୍ ପେରୁପାଙ୍ଗ ଗ୍ରାମ ରହିଥିବା ବେଳେ ଗୁଣୁପୁର ବ୍ଲକ୍ ଡମ୍ବସରା ପଞ୍ଚାୟତର ଆପନାଗୁଡା ଗ୍ରାମରେ ନରସିଂହ ତ୍ରିପାଠୀକୁ ବିବାହ କରିଥିଲେ। ସ୍ୱାମୀକୁ ଅଟକ ରଖି ଗୁଣୁପୁର ପୁଲିସ୍ ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ମରଣାନ୍ତକ ମାଡ଼ ମାରୁଥିଲେ। ଗତ ଅପରାହ୍ନରେ ମୃତ ମହିଳାଙ୍କ ଝିଅ ତାଙ୍କ ମାମୁଁଙ୍କୁ ମୃତ୍ୟୁ ଖବର ଜଣାଇଥିଲେ। ମହିଳାଙ୍କ ଭାଇ ଶବକୁ ଦେଖି ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ନିର୍ଯାତନା ଦିଆଯାଇଥିବା ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ତାର ତଦନ୍ତ କରିବା ପାଇଁ ଲିଖିତ ଅଭିଯୋଗ ହୋଇଛି।

## ବଜ୍ରାଘାତରେ ଜଣେ ମୃତ



ମାଲକାନଗିରି, ୧୨।୯ (ସମିସ): ମାଲକାନଗିରି ଜିଲ୍ଲାରେ ବଜ୍ରାଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଳପଦର ଗ୍ରାମର ଉଙ୍ଗା କାର୍ତ୍ତମି (୪୫) ନିଜ ପତ୍ନୀ ଗାଙ୍ଗୀ ଓ ପୁଅ ଦେବା ସହ ଜମିକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ଘଡଘଡି ଓ ବିଜୁଳି ମାରିଥିଲା। ତେବେ ଉଙ୍ଗା ପରିବାର ସହ ଜମି ନିକଟରେ ଥିବା ଏକ କୁଡ଼ିଆକୁ ଚାଲି ଯାଇଥିଲେ। ଏହି ସମୟରେ ବଜ୍ରାଘାତ ହୋଇଥିବା ବେଳେ ଏଥିରେ ଉଙ୍ଗା ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ପରିବାର ଲୋକେ ସାମନ୍ୟ ଆହତ ହୋଇଥିଲେ। ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉଙ୍ଗାଙ୍କ ମରଶରୀରକୁ ଉଦ୍ଧାର କରି ଘରକୁ ଆଣିଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଏନେଇ ମାଲକାନଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ପରିତ୍ୟକ୍ତ କାରରୁ ଗଞ୍ଜେଇ ଜବତ

କୋରୁକୋଣ୍ଡା,୧୨।୯ (ସମିସ):

ମାଲକାନଗିରି କିଲ୍ଲା କୋରୁକୋଣ୍ଡା ସଦର ନୂଆଗୁଡା ଗ୍ରାମ ନିକଟ ରାସ୍ତା ପାଶ୍ୱର୍ରେ ଦୀର୍ଘ ଦୁଇଦିନ ଧରି ଗାଡି ନମ୍ବର -ସିଜି -୦୪-ହେଚସି -୯୯୨୯ ଲେଖାଥିବା ଏକ ଧଳା ରଙ୍ଗର କାର ପରିତ୍ୟକ୍ତ ଅବସ୍ଥାରେ ଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ଏନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ କେହି ଅଜଣା ବ୍ୟକ୍ତି ଏ ସମ୍ପର୍କରେ କୋରୁକୋଣ୍ଡା ପୋଲିସକୁ ଶୁକ୍ରବାର ଅପରାହ୍ନ ୧ଟା ସମୟରେ ଜଣାଇଥିଲେ। ସୂଚନା ପାଇବା ପରେ ଥାନା ଅଧକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଁଞ୍ଚି କାରଟିକୁ ଯାଞ୍ଚ କରିଥିଲେ। ଉକ୍ତ କାର ଭିତରେ ୫ଟି ଜରି ବସ୍ତାରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୋଲିସ ଉକ୍ତ କାର ସହ ଗଞ୍ଜେଇକୁ ଜବତ କରି ଥାନାକୁ



ଆଣିଥିଲେ। ପୁଲିସର ଅନୁରୋଧ କ୍ରମେ ମାଜିଷ୍ଟ୍ରେଟ ଭାବେ ମାଲକାନଗିରି ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଆଜି ସନ୍ଧ୍ୟାରେ କୋରୁକୋଣ୍ଡା ଥାନାରେ ପହଞ୍ଚିଥିଲେ। ଜବତ ହୋଇଥିବା ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଓଜନ କରାଯାଇଛି। ତେବେ ଜବତ ହୋଇଥିବା ଗଞ୍ଜେଇ ମୋଟ ୧୩୫ କିଲୋ ଥିବା ଜଣାପଡିଛି। ତେବେ ଏହି କାରର ନମ୍ବର ପ୍ଲେଟରେ ଲେଖାଯାଇଥିବା ନମ୍ବର ନକଲି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଉକ୍ତ ଗାଡିଟି କାହାର ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏହି ଘଟଣାରେ କେଉଁ ମାନଙ୍କର ସମ୍ପୃକ୍ତି ରହିଛି ତାହା ମଧ ଜଣା ପଡିପାରିନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଜାରି ରହିଥିବା କୋରୁକୋଣ୍ଡା ଥାନା ଅଧିକାରୀ ଶ୍ରୀ ବାରିକ କହିଛନ୍ତି।

# ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

କୋରୁକୋଣ୍ଡା/ବାଲିମେଳା, ୧୨।୯ (ସମିସ)

ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୨୬ କିଲୋ ଗଞ୍ଜେଇ ସମେତ ଗୋଟିଏ ବାଇକ୍ ଏବଂ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ନିଳାକାମ୍ବେରୁ ଗ୍ରାମ ନିକଟସ୍ଥ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ଯାଞ୍ଚ ନିମନ୍ତେ ଗୁରୁବାର ମଧ୍ୟାହ୍ନ ସମୟରେ ପଠାଇଥିଲେ। ଗୋଟିଏ ବାଇକ୍ ଏମଭି-୧୨୦ ଗ୍ରାମ ପଟୁ ଦ୍ରୁତ ଗତିରେ ଆସୁଥିବା ଦେଖି ପୁଲିସ ଟିମ୍ ଅଟକାଇଥିଲେ। ବାଇକ୍‌ରେ ବସିଥିବା ୨ ଯୁବକ ଏକ ବସ୍ତା ନେଇ ଆସୁଥିବା ବେଳେ ବସ୍ତାରେ କଣ ଅଛି ବୋଲି ପୁଲିସ ପଚାରିବାରୁ ଦୁହିଁଙ୍କ କଥାରେ ତାଳମେଳ ଖାଇନଥିଲା। ଯାଞ୍ଚ ପରେ ଉକ୍ତ ବସ୍ତାରେ ୨୬ କିଲୋ ଗଞ୍ଜେଇ ଥିବା ପୁଲିସ ଦେଖିବାକୁ ପାଇଥିଲେ।



ପରେ ଦୁହିଁଙ୍କୁ ଓରକେଲ ଥାନାକୁ ନିଆଯାଇଥିଲା। ତେବେ ସେମାନେ ଏହି ଗଞ୍ଜେଇକୁ ଚିତ୍ରକୋଣ୍ଡା ଅଞ୍ଚଳରୁ ମାଲକାନଗିରିକୁ ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ମନୋହର ସାହୁ କହିଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ସମୀର କିରସାନି(୨୦) ଏବଂ ଆକାଶ କିରସାନି(୨୩)। ଦୁହେଁ ମାଲକାନଗିରି ଥାନା ଅନ୍ତର୍ଗତ ଭେଜାଗୁଡା ଗ୍ରାମର ବୋଲି ଜଣାପଡିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ହେବା ସହ ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଚୋରକୁ ୨ବର୍ଷ ଜେଲଦଣ୍ଡ

ରାୟଗଡ଼ା,୧୨।୯ (ସମିସ): ରାୟଗଡ଼ା ସହରର ବାଲାଜୀ ମେଡିକାଲ ଷ୍ଟୋରରୁ ଚୋରି ମାମଲାରେ ଅଭିଯୁକ୍ତକୁ ୨ବର୍ଷ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି ରାୟଗଡ଼ା ଏସଡିଜେଏମ ଜଜ୍ ବର୍ଷା ଦାସ। ଏ ନେଇ ମିଳିଥିବା ସୂଚନା ପ୍ରକାରେ ଚଳିତ ବର୍ଷ ଗତ ଜୁନ ମାସ ୨୬ ତାରିଖରେ ରାୟଗଡ଼ା ସହରର ମୁଖ୍ୟ ରାସ୍ତା ସ୍ଥିତ ବାଲାଜି ମେଡିକାଲ ଷ୍ଟୋର ସର୍ଟର ତାଡି ଚୋରିକୁ ନେଇ ଦୋକାନ ମାଲିକ ସିଏଚ. ସୁନୀଲ କୁମାର ରାୟଗଡ଼ା ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଆଧାର କରି ଥାନା ଅଧିକାରୀ ଥାନା କେସ ନଂ ୨୧୫/୨୫,ଦଫା ୩୩୧(୩)/୩୦୫ବିଏନଏସରେ ଚୋରି ମାମଲା ରୁଜୁ କରି ଏସଆଇ ମନୋଜ ଜେନାଙ୍କୁ ତଦନ୍ତ ଭାର ପ୍ରଦାନ କରିଥିଲେ। ଏହି ଘଟଣାକୁ ତଦନ୍ତ କରି ତିନି ଜଣ ଅଭିଯୁକ୍ତ ବି.ହେମନ୍ତ କୁମାର ରାଓ, ଶେଖ୍ ବାସା ଓ ଭି.ଭେଙ୍କେଟେଶକୁ ଗିରଫ କରିବା ସହ ସେମାନଙ୍କ ପାଖରୁ ନଗଦ ୧୫,୫୦୦ଟଙ୍କା ଜବତ କରି କୋର୍ଟ ଚାଲାଣ କରିଥିଲେ। ଏହି କେସରେ ମୋଟ ୪ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ସେମାନଙ୍କ ସାକ୍ଷ୍ୟ ଆଧାରରେ ଏସଡିଜେଏମ ଜଜ୍ ବର୍ଷା ଦାସ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଦଫା ୩୩୧(୪)ରେ ୨ବର୍ଷ ସହ ୧୦ ହଜାର ଟଙ୍କା, ଦଫା ୩୦୫(ଏ)ରେ ୧ବର୍ଷ ୫ ହଜାର ଟଙ୍କା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ଏହି ମାମଲା ପରିଚାଳନା କରୁଥିଲେ।

## ସେମିଳିଗୁଡା ସ୍କୁଲ ପରିସରରେ ଚାରାରୋପଣ

କୋରୁକୋଣ୍ଡା,୧୨।୯ (ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅଧିନସ୍ଥ ସେମିଳିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ନାୟକ ଓ ସହକାରୀ ଶିକ୍ଷକ ପ୍ରବୀର ମଣ୍ଡଳଙ୍କ ସମେତ ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ସେଠୀ ଏବଂ ଗଣେଷ ଚନ୍ଦ୍ର ଜେନା ଅବସରପ୍ରାପ୍ତ ଦୁଇଜଣ ବରିଷ୍ଠ ଶିକ୍ଷକ ଯୋଗ ଦେଇଥିଲେ। ପିଲାମାନଙ୍କୁ ବିଭିନ୍ନ ପ୍ରକାର ଫଳ ଗଛ ଓ ଔଷଧୀୟ ବୃକ୍ଷର ଉପକାରିତା ସମ୍ବନ୍ଧରେ ବୁଝାଇ କହିଥିଲେ। ପରେ ବିଦ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ଅଁଳା, ପିଜୁଳି ଭଳି ବିଭିନ୍ନ ପ୍ରକାର ଚାରା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ରୋପଣ କରାଯାଇଥିଲା।

## ଯବାନଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୧୨।୯ (ସମିସ):

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଥିବା ସହ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନେସନାଲ ପାର୍କ ଜଙ୍ଗଲରେ ଏସଟିଏଫ, ଡିଆରଜି ଓ ସିଆରପିଏଫ ଯବାନଙ୍କ ମିଳିତ ଦଳ ମାଓ ଦମନ ତଲାସି ଅଭିଯାନ କରୁଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଅନେକ ସମୟ ଧରି ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଥିବା ବେଳେ ଏଥିରେ ମାଓବାଦୀ ମାନେ ଯବାନଙ୍କ ସାମ୍ନା କରିନପାରି ଛତ୍ର ଭଙ୍ଗ ଦେଇଥିଲେ। ଏହାପରେ ଯବାନ ମାନେ ଅଞ୍ଚଳରେ ପୁନଃ ଅଞ୍ଚଳରେ ତଲାସି ଅଭିଯାନ ବେଳେ ଦୁଇ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସହ ଘଟଣା ସ୍ଥଳରୁ ଦୁଇଟି ବନ୍ଧୁକ ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ତେବେ ବର୍ତ୍ତମାନ ମଧ ଯବାନଙ୍କ ଅପରେସନ ଜାରି ରହିଥିବା ବେଳେ ଏଥିରେ ଅନେକ ମାଓବାଦୀ ମୃତାହତ ହୋଇଥିବା ଅନୁମାନ କରାଯାଉଛି।

## 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ




ଗୁଡାରୀ,୧୨।୯ (ସମିସ):

ଗୁଡାରି ବ୍ଲକ୍ ପରିସରରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଛି। ଶିଶୁ ବିକାଶ ଅଧିକାରୀ ଅନିତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଶ୍ରୀମତି ସୁଚିସ୍ମିତା ବେହେରା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ,ଡ. ସ୍ୱାଗତ ସ୍ୱାଇଁ, ଜିଲ୍ଲା ସଂଯୋଜକ ଦିବାକର ପରିଛା ଓ ବ୍ଲକ ଅଧକ୍ଷା ଶ୍ରୀମତି ଲକ୍ଷ୍ମୀ ଶବର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏସଏଜି ମହିଳା, ଏଏନଏମ ଓ ଗୁଡାରି ବ୍ଲକର ବିଦ୍ୟାଳୟ ମେଟ୍ରୋ ୱାର୍ଡେନ ମାନେ ଉପସ୍ଥିତ ଥିଲେ।

## ଶୋଇଥିବା ବେଳେ ଗଳାକାଟି ହତ୍ୟା

ମାଥିଲି,୧୨।୯ (ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ କୁରୁମପାଲ୍ଲୀ ଗ୍ରାମରେ ଜଣକୁ ଗଳା କାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଗୁଣିଗାରେଡି ସନ୍ଦେହରେ ଏହି ହତ୍ୟା ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ଦୁର୍ବୃତ୍ତମାନେ ଗାଁର ଟ୍ରାନ୍ସଫର୍ମରରୁ ତାର କାଟି ଅନ୍ଧାର କରିବା ପରେ ଶୋଇଥିବା ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ନେବାରୁ କୁରୁମପାଲ୍ଲୀ ଗାଁର ନିରଞ୍ଜନ ଠାକୁର ଘର ବାହାରେ ଶୋଇଥିବା ବେଳେ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ମାଥିଲି ଥାନା ପୋଲିସ ପହଞ୍ଚିବା ପରେ ସନ୍ଧାନୀ କୁକୁର ଓ ସାଇଣ୍ଟଇଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବ ଜବତ କରିବା ସହିତ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ।

### ଗୋସେଇଁ ଗୁଲୁମୁଣ୍ଡାରେ କୃଷିଭିତ୍ତିକ ବାଲିଯାତ୍ରା

# ନିଆଁରେ ଚାଲିଲେ, କଣ୍ଟାରେ ଝୁଲିଲେ

ରାମନାଗୁଡା, ୧୨।୯(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଗୋସାଇଁ ଗଲୁମୁଣ୍ଡାଠାରେ କୃଷିଭିତ୍ତିକ ପର୍ବ ତଥା ମାଁ ମଝିଘରିଆଣୀଙ୍କ ପ୍ରସିଦ୍ଧ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ଶୁକ୍ଳ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ପୂଜାର୍ଚ୍ଚନା କରାଯାଇଛି। ପୂଜକ ନିଆଁରେ ଚାଲିବା ସହ କଣ୍ଟା ଦୋଳିରେ ଝୁଲିଛନ୍ତି। ଏହାକୁ ଦେଖିବାକୁ ଶତାଧିକ ଲୋକଙ୍କ ଗହଳି ହୋଇଥିଲା। ମାଁ ମଝିଘରିଆଣୀଙ୍କ ଖଣ୍ଡା ଧରି ପୂଜକ ଗ୍ରାମ ପରିକ୍ରମା କରିଥିଲେ। କଣ୍ଟା ଦୋଳିରେ ଝୁଲିବା ପରେ ନିଆଁରେ ଚାଲିଥିଲେ। ମା'ଙ୍କ ନିକଟରେ ଶୃଙ୍ଖଳା ଭୋଗ କରାଯାଇଥିଲା। ଏଥିରେ ପୂଜକ ଭାବେ କୋଲନରା ଶିବେଶ୍ୱର ନେମାଲପୁରୀ,



ରାଜକୁମାର ହୁଇକା, ବେଣୁଧର କଣ୍ଡାଗରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ନାଗରିକ ଗୋବିନ୍ଦ ସେନାପତି, ରାମାରାଓ ପାଲକା, ବିଶିକେଶନ ରଥ, ଭାସ୍କର ରଥ, ମାଧବ ସେନାପତି, ସମ୍ବିତ ସେନାପତି, ପଦ୍ମ ସେନାପତି, ଡମ୍ବରୁଧର ସେନାପତି, ଦୁର୍ଗାପ୍ରସାଦ ମିଶ୍ର ସନ୍ତୋଷ ତ୍ରିପାଠୀ, ନିଖିଳ ରଥ, ସାହିଲ ରଥ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା ଭାର ବିଶ୍ୱନାଥ ସେନାପତି, ତୁଲାଇଥିଲେ। ଦୀର୍ଘ ୪୫ ବର୍ଷହେଲା ଯାତ୍ରା ପାଳିତ ହୋଇଆସୁଛି। ସତେବେଳେ କେବଳ ନିଆଁ ଉପରେ ପୂଜକ ଚାଲୁଥିଲେ।ଏବେ ଆଧୁନିକ ଢାଞ୍ଚାରେ ଯାତ୍ରା ହେଉଛି। ବାଲିଯାତ୍ରା ଲୋପ ପାଇ ଆସୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ବଞ୍ଚି ରହିଛି। ନିଆଁ ମଡ଼ା କାର୍ଯ୍ୟକ୍ରମ ହୋଇଥିବାରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପରମ୍ପରା ବଞ୍ଚାଇ ରଖିବାକୁ ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବା ଦରକାର ବୋଲି କୁହାଯାଉଛି। କିଶୋର ଚନ୍ଦ୍ର ରଥ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ରାୟଗଡ଼ା,୧୨।୯ (ସମିସ): ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ ଗତ ୯ ତାରିଖରେ ବିଜୁ ପରିବାରରୁ ଅଲଗା ହେବାର ତିନି ଦିନ ପରେ ଆଜି ବିଜେଡି ରାୟଗଡ଼ ପୌର ଉପାଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ପୌର ଅଧ୍ୟକ୍ଷଙ୍କ ସମେତ ୧୯ ଜଣ କାଉନସିଲର। ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାୟଗଡ଼ା ବିଜୁ ସ୍ୱାଭିମାନ ମଞ୍ଚ ଆବାହକ ଏନ୍ ଭାସ୍କର ରାଓ ବିଜେଡି ଦଳ ଛାଡିବା ପରେ ଏହି ଅନାସ୍ଥା ଅଣାଯାଇଥିବା ଚର୍ଚ୍ଚା ଜୋର ଧରିଛି। ବର୍ତ୍ତମାନ ରାୟଗଡ଼ ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆସିଛି। ୨୪ ଗୋଟି ୱାର୍ଡକୁ ନେଇ ରାୟଗଡ଼ ପୌର ପରିଷଦ ଗଠନ ହୋଇଥିବା ବେଳେ ଏଥିରୁ ୨୧ଟି ୱାର୍ଡରେ ବିଜେଡିର ୨୧ ଜଣ କାଉନସିଲର ରହିଛନ୍ତି । ଆଜି ୨୧ଜଣଙ୍କ ମଧ୍ୟରୁ ୧୯ ଜଣ କାଉନସିଲର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଲିଖିତ ଭାବେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଛନ୍ତି। ଜିଲ୍ଲାପାଳ ଏହାକୁ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିବା ନେଇ ୱାର୍ଡ ନଂ ୧୫ର କାଉନ୍‌ସିଲର ସନ୍ତୋଷ କୁମାର ଦଳେଇ କହିଛନ୍ତି। ଏହି ଘଟଣାରେ ପରେ ରାୟଗଡ଼ା ରାଜନୀତି ପୁଣି ସରଗରମ ହୋଇଛି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବରେ ଦୀର୍ଘ ୩ବର୍ଷ ଧରି ଉପାଧ୍ୟକ୍ଷା ଶ୍ରୀମତୀ ପଣ୍ଡା କାଉନସିଲରମାନଙ୍କୁ କୌଣସି ପ୍ରକାର ସହଯୋଗ




କରୁ ନ ଥିବା ଏବଂ ପ୍ରତିଟି କ୍ଷେତ୍ରରେ ଅଣଦେଖା କରୁଥିବା ଭଳି ଅଭିଯୋଗ ଉଲ୍ଲେଖ କରାଯାଇଛି। ଏ ନେଇ ଉପାଧ୍ୟକ୍ଷା ଶ୍ରୀମତୀ ପଣ୍ଡା ନିଜ ପ୍ରତିକ୍ରିୟାରେ ଗଣ ମାଧ୍ୟମକୁ କହିଛନ୍ତି ଯେ, ସମସ୍ତଙ୍କ ସହ ମୋର ଭଲ ସମ୍ପର୍କ ରହିଆସିଛି। କିନ୍ତୁ ରାୟଗଡ ବିଜେଡିର ଯିଏ ମୁଖ୍ୟ ଥିଲେ ସେ ନିକଟରେ ନିଜ ସ୍ୱାର୍ଥ ସାଧନା ପାଇଁ ଦଳ ଛାଡିବା ପରେ ଏବଂ ଗତ ପୌର ନିର୍ବାଚନରେ କାଉନସିଲର ମାନଙ୍କୁ ସହଯୋଗ କରିବା ସହ ଉକ୍ତ ଦିନରୁ କାଉନସିଲରମାନଙ୍କୁ ଏକ ପ୍ରକାର ପ୍ରତାରଣା କରି ଆସୁଥିଲେ। ଯେହେତୁ ସେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ଗୋଷ୍ଠୀରେ ରହିଛନ୍ତି, ତେଣୁ ଆକ୍ରୋଶମୂଳକ ଭାବେ ଉପାଧ୍ୟକ୍ଷା ପଦରୁ ତାଙ୍କୁ ହଟାଇବା ପାଇଁ କାଉନସିଲରମାନଙ୍କୁ ଜୋର ଜବରଦସ୍ତ କରି ତାଙ୍କ ମାଧ୍ୟମରେ ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୪୯ ● ପାଉଣ୍ଡ ୧୧୯.୬୧
- ୟୁରୋ ୧୦୩.୮୭ ● ୟେନ୍ ୦.୬୨


**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୨,୦୦୦ (ଭୁବନେଶ୍ୱର)
- ରୁପା : ୧,୪୨,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୯୦୪.୦୦
- ନିଫ୍ଟି ୨୫,୧୧୪.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ସରକାରଙ୍କ ନୂଆ ଯୋଜନା**

# ବଢ଼ିଲା ପୁରୁଣା ଗାଡ଼ିର ଫିଟ୍‌ନେସ୍ ଟେଷ୍ଟ ଫି'



**୨୦ ବର୍ଷ ପୁରୁଣା ହେଲେ ୨୬୦୦ ଟଙ୍କା**
**ବସ୍, ଟ୍ରକ୍ ପାଇଁ ୨୫ ହଜାର ଟଙ୍କା**
**କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ରଖିଛି ପ୍ରସ୍ତାବ**

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଯଦି ଆପଣଙ୍କର ୨୦ ବର୍ଷରୁ ଅଧିକ ପୁରୁଣା କାର ଅଛି, ତେବେ ଆପଣଙ୍କୁ ଏହାର ଫିଟନେସ୍ ପରୀକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ପୁରୁଣା ଗାଡ଼ିର ନବୀକରଣ ଶୁଳ୍କ ବୃଦ୍ଧି କରିବାର କିଛି ସପ୍ତାହ ପରେ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟ ୨୦ ବର୍ଷରୁ ଅଧିକ ପୁରୁଣା ଘରୋଇ ଗାଡ଼ି ଏବଂ ୧୫ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ପାଇଁ ଫିଟନେସ୍ ପରୀକ୍ଷା ଶୁଳ୍କରେ ଏକ ବିରାଟ ବୃଦ୍ଧି ପ୍ରସ୍ତାବ ଦେଇଛି। ଏବେ ଯଦି ଆପଣଙ୍କର ୨୦ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଅଛି, ତେବେ ଆପଣଙ୍କୁ ଫିଟନେସ୍ ପରୀକ୍ଷା ପାଇଁ ୨୬୦୦ ଟଙ୍କା ଦେବାକୁ ପଡିବ। ସେହି ସମୟରେ, ଟ୍ରକ୍ ଏବଂ ବସ୍ ପାଇଁ ଏହି ଶୁଳ୍କ ୨୫,୦୦୦ ଟଙ୍କା ହେବ।

ଏକ ସୂତ୍ର ଅନୁସାରେ ସରକାର ପୁରୁଣା ଗାଡ଼ିରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି। ଏଥିପାଇଁ, ୧୫ ବର୍ଷ ପୁରୁଣା ଘରୋଇ ଗାଡ଼ି ପାଇଁ ମଧ୍ୟ ଫିଟନେସ୍ ପରୀକ୍ଷା ବାଧ୍ୟତାମୂଳକ କରିବାକୁ ବିଚାର କରୁଛନ୍ତି। ପ୍ରଚଳିତ ବ୍ୟବସ୍ଥାରେ ଆର୍‌ଟିଓରେ ଲୋକମାନେ ଘରୋଇ ଗାଡ଼ିକୁ ଠିକ୍ ଭାବରେ ଦେଖନ୍ତି ନାହିଁ ଏବଂ ଫିଟନେସ୍ ପ୍ରମାଣପତ୍ର ଦିଅନ୍ତି ନାହିଁ। ସେମାନେ ଗାଡ଼ିର ପରୀକ୍ଷା କରନ୍ତିନାହିଁ। ସୂତ୍ର ଅନୁଯାୟୀ ମନ୍ତ୍ରଣାଳୟ ବିଚାର କରୁଛି ଯେ, ବାଧ୍ୟତାମୂଳକ ସ୍ୱୟଂଚାଳିତ ବୈଷୟିକ ପରୀକ୍ଷା ଧୀରେ ଧୀରେ ଆରମ୍ଭ କରାଯିବା ଉଚିତ କି ନାହିଁ। ଅର୍ଥାତ୍, ଯାନବାହାନଗୁଡ଼ିକୁ ମେସିନ୍ ଦ୍ୱାରା ପରୀକ୍ଷା କରାଯିବା ଉଚିତ କି। ଏହି ବ୍ୟବସ୍ଥାକୁ କାରଠାରୁ ଆରମ୍ଭ କରାଯିବ ଏବଂ ପରେ ଏହାକୁ ଅନ୍ୟ ସମସ୍ତ ଯାନବାହାନ କ୍ଷେତ୍ରରେ ଲାଗୁ କରାଯିବ।

ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ଚିଠା ନିୟମ ଅନୁଯାୟୀ, ବାଣିଜ୍ୟିକ ଯାନବାହାନ ପାଇଁ ଭିନ୍ନ ଭିନ୍ନ ଫି'ସ୍ଲାବ୍ ସୃଷ୍ଟି କରିବାର ପ୍ରସ୍ତାବ ରହିଛି। ଏହି ସ୍ଲାବ୍ ୧୦,୧୩,୧୫ ଏବଂ ୨୦ ବର୍ଷରୁ ପୁରୁଣା ଯାନବାହାନ ପାଇଁ ହେବ। ବର୍ତ୍ତମାନ, ୨୦ ବର୍ଷରୁ ପୁରୁଣା ବାଣିଜ୍ୟିକ ଯାନବାହାନ ପାଇଁ ପରୀକ୍ଷା ଶୁଳ୍କ ୧୫ ବର୍ଷରୁ ପୁରୁଣା ଯାନବାହାନ ସହିତ ସମାନ। ସରକାର ୨୦ ବର୍ଷରୁ ପୁରୁଣା ଯାନବାହାନ ପାଇଁ ଫିଟନେସ୍ ପ୍ରମାଣପତ୍ର ପାଇଁ ଶୁଳ୍କ ଦ୍ୱିଗୁଣିତ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ମୋଟର ଯାନ ନିୟମ ଅନୁଯାୟୀ, ପ୍ରଥମ ୮ ବର୍ଷରେ ପ୍ରତି ଦୁଇ ବର୍ଷରେ ଏବଂ ତା'ପରେ ପ୍ରତି ବର୍ଷ ବାଣିଜ୍ୟିକ ଯାନବାହାନର ଫିଟନେସ୍ ପରୀକ୍ଷା ବାଧ୍ୟତାମୂଳକ। ଘରୋଇ ଯାନ କ୍ଷେତ୍ରରେ, ପଞ୍ଜିକରଣ ନବୀକରଣ ସମୟରେ ଅର୍ଥାତ୍ ୧୫ ବର୍ଷ ପରେ ଏବଂ ତା'ପରେ ପ୍ରତି ୫ ବର୍ଷରେ ଏହି ପରୀକ୍ଷା ଆବଶ୍ୟକ। ଦିଲ୍ଲୀର ପୂର୍ବତନ ଡେପୁଟି ଟ୍ରାନ୍ସପୋର୍ଟ କମିଶନର ଅନିଲ ଛିକାରା କହିଛନ୍ତି, ୧୦ ବର୍ଷ ପରେ ଘରୋଇ ଯାନ ପାଇଁ ମଧ୍ୟ ଫିଟନେସ୍ ପରୀକ୍ଷା ବାଧ୍ୟତାମୂଳକ କରାଯିବା ଉଚିତ। ଏହା ଏକ ଘରୋଇ ଯାନ ହେଉ କିମ୍ବା ବାଣିଜ୍ୟିକ ଯାନ, ଫିଟନେସ୍ ପ୍ରାଥମିକତା ହେବା ଉଚିତ।

**ନେପାଳ ହିଂସା**

# ଘାଟାରେ ଭାରତୀୟ ଏଫ୍‌ଏମ୍‌ସିଜି କମ୍ପାନୀ



**ଡାବରଠାରୁ ବ୍ରିଟାନିଆ ପର୍ଯ୍ୟନ୍ତ ସବୁ କମ୍ପାନୀର ଉତ୍ପାଦନ ବନ୍ଦ**

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ନେପାଳରେ ହିଂସା ଉଗ୍ର ରୂପ ନେଇଛି। ଦେଶର ଅନେକ ସ୍ଥାନରେ, ବିଶେଷକରି ରାଜଧାନୀ କାଠମାଣ୍ଡୁରେ ସଂଘଟିତ ଘଟଣା ପରେ ସେନା ସମଗ୍ର ଦେଶର ନିୟନ୍ତ୍ରଣ ନିଜ ହାତକୁ ନେଇଛି। ଏହାପରେ ପରିସ୍ଥିତିରେ ଟିକିଏ ଉନ୍ନତି ହୋଇଛି। ଏହି ହିଂସାର ସିଧାସଳଖ ପ୍ରଭାବ ଭାରତର ବ୍ୟବସାୟ ଉପରେ ମଧ୍ୟ ପଡୁଛି। ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଡାବର ଏବଂ ବ୍ରିଟାନିଆର ଉତ୍ପାଦନ ସେଠାରେ ବିଶେଷ ଭାବେ ଭାବରେ ପ୍ରଭାବିତ ହୋଇଛି। ହିଂସାକୁ ଦୃଷ୍ଟିରେ ରଖି, ବ୍ରିଟାନିଆ ଉତ୍ପାଦନ ବନ୍ଦ କରିଦେଇଛି, ଯେତେବେଳେ ଡାବରର ଉତ୍ପାଦନ ଆଂଶିକ ଭାବରେ ପ୍ରଭାବିତ ହୋଇଛି। କର୍ମଚାରୀଙ୍କ ସୁରକ୍ଷାକୁ ଉଦ୍ଧୃତ କରି, କମ୍ପାନୀଗୁଡ଼ିକ ବର୍ତ୍ତମାନ ପାଇଁ କାମ ବନ୍ଦ କରିଦେଇଛନ୍ତି। ନେପାଳରେ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକର ଉପସ୍ଥିତିକୁ ଦୃଷ୍ଟିରେ ରଖି, ଏହି ଅଶାନ୍ତି ଚାହିଦାକୁ ମଧ୍ୟ ପ୍ରଭାବିତ କରିପାରେ।

ନେପାଳରେ ଚାଲିଥିବା ହିଂସାକୁ ଦୃଷ୍ଟିରେ ରଖି, ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଏହାର ଉତ୍ପାଦନ ବନ୍ଦ କରିଦେଇଛି। ଏହାର କାରଣ କମ୍ପାନୀ ପକ୍ଷରୁ ଏହାର କର୍ମଚାରୀଙ୍କ ସୁରକ୍ଷା ବୋଲି ଦର୍ଶାଯାଇଛି। ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍‌ର କାରଖାନା ନେପାଳର ବାରନ୍ ଜିଲ୍ଲାରେ ଅଛି। କମ୍ପାନୀ କହିଛି ଯେ ଆମର ପ୍ରାଥମିକତା ହେଉଛି ଆମର କର୍ମଚାରୀଙ୍କ ସୁରକ୍ଷା। ଏଥିପାଇଁ ଆମେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ନିଷ୍ପତ୍ତି ନେଇଛୁ। ଗୁଡ୍ ଡେ, ମେରୀ ଗୋଲ୍ଡ ଏବଂ ଟାଇଗର ଭଳି ବ୍ରାଣ୍ଡର ମାଲିକ ଥିବା ଏହି କମ୍ପାନୀ କହିଛି, ଆମେ ସ୍ଥାନୀୟ ସେନାଙ୍କ ପ୍ରତି ମଧ୍ୟ କୃତଜ୍ଞ ଯେଉଁମାନେ ହସ୍ତକ୍ଷେପ କରି ସୁରକ୍ଷା ପ୍ରତି କର୍ମଚାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛନ୍ତି। ନେପାଳର ବୀରଗଞ୍ଜରେ ଅବସ୍ଥିତ ଡାବର ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ ହୋଇଯାଇଛି। କମ୍ପାନୀ କହିଛି ଯେ ହିଂସା ଯୋଗୁଁ ଅନେକ କର୍ମଚାରୀ ପ୍ଲାଣ୍ଟରେ ପହଞ୍ଚି ପାରୁନାହାଁନ୍ତି। ଏହି କାରଣରୁ କାମ ଖରାପ ଭାବରେ ପ୍ରଭାବିତ ହୋଇଛି। ଡାବରର ମୋଟ ବିକ୍ରୟରେ ନେପାଳର ଅବଦାନ ପ୍ରାୟ ୩%। କମ୍ପାନୀ କହିଛି, ଆମେ ନେପାଳର ପରିବର୍ତ୍ତିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ। ଆମେ କାଠମାଣ୍ଡୁର ସମସ୍ତ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଛୁ ଏବଂ ବିକ୍ରୟ ଦଳଗୁଡ଼ିକୁ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ସ୍ଥାନୀୟ କର୍ଫ୍ୟୁର ନିର୍ଦ୍ଦେଶ ପାଳନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ହିଂସା ପରେ ସେନା କମାଣ୍ଡ ଗ୍ରହଣ କଲା: ନେପାଳରେ ହିଂସା ସବୁଠି ତାଣ୍ଡବ ସୃଷ୍ଟି କରିଛି। ପ୍ରଦର୍ଶନକାରୀମାନେ ନେତାଙ୍କ ଘର ଏବଂ ସେମାନଙ୍କ ସରକାରୀ ବାସଭବନକୁ ଟାର୍ଗେଟ କରିଥିଲେ। ଏହା ସହିତ, ଦେଶର ସଂସଦକୁ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା। ହିଂସାରେ ଏପର୍ଯ୍ୟନ୍ତ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ପୋଡ଼ାଜଳା ଏବଂ ଭଙ୍ଗାରୁଜା ଘଟଣା ପରେ, ମଙ୍ଗଳବାର ରାତିରୁ ସେନା ସୁରକ୍ଷା ଦାୟିତ୍ୱ ନେଇଛି। ସେବେଠାରୁ ପରିସ୍ଥିତିରେ କିଛି ପରିମାଣରେ ଉନ୍ନତି ଆସିଛି। ତଥାପି, ପ୍ରତ୍ୟେକ କ୍ଷେତ୍ରରେ ସେନା ମୁତୟନ କରାଯାଇଛି।

# ଗଠନ ହେଲା ଓଡ଼ିଶା ଡେଭଲପର୍ସ ଫେଡେରେସନ୍




**ପ୍ରଥମ ସାଧାରଣ ପରିଷଦ ବୈଠକରେ ଲୋଗୋ ଉନ୍ମୋଚିତ**

ଭୁବନେଶ୍ୱର, ୧୨।୯ (ସମିସ): ରାଜ୍ୟର ଅଧିକାଂଶ ଡେଭଲପର୍ସ କେନ୍ଦ୍ରୀୟ କ୍ରେଡାଇ ଭୁବନେଶ୍ୱର ଶାଖାରୁ ଅଲଗା ହୋଇ ଏକ ନୂତନ ସଂଗଠନ ନିର୍ମାଣ କରିଛନ୍ତି। ଯାହାର ନାମ ରଖାଯାଇଛି ଓଡ଼ିଶା ଡେଭଲପର୍ସ ଫେଡେରେସନ(ଓଡିଫେଡ)। ରାଜ୍ୟର ଡେଭଲପର୍ସ ମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏହା ଏକ ସ୍ୱତନ୍ତ୍ର ଏବ ସ୍ୱାଧୀନ ସଂଗଠନ। ଏହି ସଂଗଠନ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଏକ ସ୍ୱଚ୍ଛତା ବଜାୟ ରଖିବା। ଯାହା ଓଡ଼ିଶା ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ କାମ କରିବ। ଅନୈତିକ ଅପରେଟରମାନଙ୍କୁ ହଟାଇବା ଦିଗରେ ତଥାକଥିତ କେନ୍ଦ୍ରୀୟ କ୍ରେଡାଇର ନିରୁତ୍ସାହଜନକ ମନୋଭାବ ଏବଂ ରେରା ପଞ୍ଜୀକୃତ ହୋଇ ନ ଥିବା ବିଲଡରମାନଙ୍କୁ ମଧ୍ୟ ଆସୋସିଏସନ୍‌ରେ ରଖିବା ନିଷ୍ପତ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଓଡିଫେଡ ପକ୍ଷରୁ କୁହାଯାଇଛି।

ଏହି ସଂଗଠନ ରାଜ୍ୟର ସମସ୍ତ ସମ୍ପତ୍ତି କ୍ରେତାଙ୍କ ବିଶ୍ୱାସ ଜିତିବା ପାଇଁ ବ୍ୟବସାୟ ଏବଂ ସଦସ୍ୟମାନଙ୍କ ମଧ୍ୟରେ ନୈତିକ ଅଭ୍ୟାସ ପ୍ରଚାର ଜାରି ରଖିବାକୁ ଲକ୍ଷ୍ୟ ରଖିଛି। ସଦସ୍ୟମାନଙ୍କର ଗତ ସାଢ଼େ ତିନି ଦଶନ୍ଧି ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ ଟ୍ରାକ୍ ରେକର୍ଡ ରହିଛି। ଓଡ଼ିଶା ଡେଭଲପର୍ସ ଫେଡେରେସନର ଶୁଭାରମ୍ଭ ଭୁବନେଶ୍ୱର ସ୍ଥିତ ହୋଟେଲ ସ୍ୱାଣ୍ଡି ଟାୱାରରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସାଧାରଣ ପରିଷଦ ବୈଠକରେ ଫେଡେରେସନର ଲୋଗୋ ଉନ୍ମୋଚନ ହୋଇଥିଲା। ଉଦ୍‌ଘାଟନ ଅବସରରେ ଓଡିଫେଡର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ କହିଛନ୍ତି ସାରା ରାଜ୍ୟରେ ରିଅଲ୍ ଇଷ୍ଟେଟ୍ ଡେଭଲପର୍ସଙ୍କ ପାଇଁ ଏକ ସାମୂହିକ ସ୍ୱର ଭାବରେ କାର୍ଯ୍ୟ କରିବ। ଓଡିଫେଡର ସମ୍ପାଦକ ଉମେଶ ପଟ୍ଟନାୟକ କହିଛନ୍ତି ଓଡ଼ିଶା ଡେଭଲପର୍ସ ଫେଡେରେସନ୍ ରାଜ୍ୟର ବିକାଶ ପ୍ରକ୍ରିୟାରେ ଏକ ପ୍ରମୁଖ ଅଂଶୀଦାର ହେବାକୁ ଯାଉଛି। ରିଅଲ୍ ଇଷ୍ଟେଟ୍ ଡେଭଲପର୍ସ ଜେଡ୍ ଇଷ୍ଟେଟ୍, ଜଗନ୍ନାଥ ପ୍ରମୋଟର୍ସ ଆଣ୍ଡ ବିଲ୍ଡର୍ସ, ଉତ୍କଳ ବିଲ୍ଡର୍ସ, ହର୍ଷପ୍ରିୟା କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଓଡ଼ିଶାର ଅନ୍ୟାନ୍ୟ ୬୫ ଜଣ ଡେଭଲପର୍ସ ଏହି ଓଡ଼ିଶା ଡେଭଲପର୍ସ ଫେଡେରେସନରେ ଯୋଗ ଦେଇଛନ୍ତି। ଏହି ଅବସରରେ ଆସୋସିଏସନର ନୂତନ ପରିଚାଳନା ପରିଷଦ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦକ ସତ୍ୟଜ୍ୟୋତି ମହାନ୍ତି।

# ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ ନାଲ୍‌କୋ ଫାଉଣ୍ଡେସନ-ଏସ୍‌ଡିଆଇ ଭୁବନେଶ୍ୱର ଏମ୍‌ଓୟୁ

ଭୁବନେଶ୍ୱର,୧୨।୯ (ସମିସ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ଭାରତ ସରକାର ଅଧୀନରେ ଥିବା ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ), ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନାଲକୋ ଫାଉଣ୍ଡେସନ ସହାୟତାରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ଦ୍ୱାରା କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକ ଯୁବତୀମାନଙ୍କ ପାଇଁ ଏକ ଆବାସିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ତଥା ନିର୍ଦ୍ଦେଶକ(ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ମାଧ୍ୟମରେ, ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ନାଲକୋର ମାଇନ୍ସ ଆଣ୍ଡ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଯୋଡ଼ି ଏବଂ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପରିପାର୍ଶ୍ୱିକ ଗ୍ରାମରୁ ପ୍ରାଥମିକ ପର୍ଯ୍ୟାୟରେ ସମୁଦାୟ ୬୦ ଜଣ ଯୁବକ ଯୁବତୀଙ୍କୁ ତିନି ମାସିଆ ଆବାସିକ ଦକ୍ଷତା ତାଲିମ ପ୍ରଦାନ କରାଯିବ।



# ଟ୍ରୋନିକ୍ସୱେର ପକ୍ଷରୁ 'ଚେକ୍‌ଡ ହେଲଥ୍ କେୟାର ଆପ୍' ଉନ୍ମୋଚିତ

ଭୁବନେଶ୍ୱର,୧୨।୯ (ସମିସ): ପ୍ରଯୁକ୍ତିବିଦ୍ୟା କମ୍ପାନୀ ଟ୍ରୋନିକ୍ସୱେର ପକ୍ଷରୁ ଅତ୍ୟାଧୁନିକ ଆପ୍ଲିକେସନ୍ ଫ୍ରେମୱାର୍କ ଷ୍ଟେ-ଚେକ୍ଡ୍ ଆପ୍‌ର ଶୁଭାରମ୍ଭ ହୋଇଛି। ଏହି ଆପ୍ ପାଇଁ କମ୍ପାନି ୩ ବର୍ଷର ଗବେଷଣା କରିଥିବା ବେଳେ ଏହା ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରାଯାଇଥିବା ବେଳେ ଏହି ପ୍ଲାଟଫର୍ମ ଏକ ଏକୀକୃତ ଡିଜିଟାଲ୍ ଇକୋସିଷ୍ଟମ୍ ମଧ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ଇଣ୍ଟେଲିଜେଣ୍ଟ ଆସିଷ୍ଟାଣ୍ଟ (ଆଇଏ) ମଡେଲ୍ ଦ୍ୱାରା ସଶକ୍ତ ଏହି କମ୍ପାନୀ ସ୍ୱାସ୍ଥ୍ୟସେବା ଯାତ୍ରାରେ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁଗମ ଅଭିଜ୍ଞତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆପ୍ ପ୍ରଚଳନ କରିଛି। ବର୍ତ୍ତମାନ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଡାଉନଲୋଡ୍ କରାଯାଇପାରିବ। ଏହାଦ୍ୱାରା ଡାକ୍ତରମାନଙ୍କ ସ୍ଲଟ୍ ଏବଂ ସମୟ ପରିଚାଳନା, ନିଯୁକ୍ତି ସମୟ ନିର୍ଦ୍ଧାରଣ, ପୂର୍ବ ମେଡିକାଲ୍ ରେକର୍ଡ, ଡିଜିଟାଲ୍ ପ୍ରେସକ୍ରିପସନ୍ ଜେନେରେସନ୍ ଆଦି ଉପଲବ୍ଧ ରହିବ। ଏହାସହ ତୁରନ୍ତ ଆପଏଣ୍ଟମେଣ୍ଟ ବୁକିଂ ସହ ପରିବାର ସଦସ୍ୟଙ୍କ ପ୍ରୋଫାଇଲ୍ ଯାହାକି ଗୋଟିଏ ଆକାଉଣ୍ଟ ସହିତ ସମଗ୍ର ପରିବାର ପାଇଁ ସ୍ୱାସ୍ଥ୍ୟସେବା ପରିଚାଳନା କରାଯାଇପାରିବ। ଏହି ଅବସରରେ ଷ୍ଟେ-ଚେକ୍ଡ୍‌ର ପ୍ରତିଷ୍ଠାତା ଅସିତ୍ କେ. ଧଳ କହିଛନ୍ତି ଯେ, ଏହା କେବଳ ଏକ ଆପ୍ ନୁହେଁ, ଏହା ସ୍ମାର୍ଟ, ସଂଯୁକ୍ତ ଏବଂ ସଂପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଦିଗରେ ଏକ ଆନ୍ଦୋଳନ। ପ୍ରତ୍ୟେକ ରୋଗୀ ସୁଗମ, ସୁବିଧା ଚିକିତ୍ସା ସୁବିଧା ପାଇବେ। ଏପର୍ଯ୍ୟନ୍ତ ଏଥିରେ ପ୍ରାୟ ୫୦ କ୍ଲିନିକ୍‌କୁ ସାମିଲ କରାଯାଇଥିବା ବେଳେ ଭୁବନେଶ୍ୱର ଏବଂ କଟକର ୨୫୦ରୁ ଅଧିକ ଡାକ୍ତରଙ୍କୁ ସଂଯୋଗ କରାଯାଇଛି।

# ତନେଇରାର ଫେଷ୍ଟିଭ୍ କଲେକ୍ସନ 'ମିଆରା'



ଭୁବନେଶ୍ୱର,୧୨।୯ (ସମିସ): ହାଉସ୍ ଅଫ୍ ଟାଟାର ମହିଳା ଏଥେନିକ୍ ୱେର୍ ବ୍ରାଣ୍ଡ ତନେଇରା ଏହାର ଫେଷ୍ଟିଭ୍ କଲେକ୍ସନ 'ମିଆରା' ସହିତ ପାର୍ବଣକୁ ସ୍ୱାଗତ କରିଛି । ସଂସ୍କୃତ ଶବ୍ଦ 'ମାୟା'ରୁ ଅନୁପ୍ରାଣିତ ଯାହାର ଅର୍ଥ ଭ୍ରମ ତଥା ଯାଦୁଗରୀ, 'ମିଆରା' ଆକର୍ଷଣୀୟ ଡିଜାଇନ୍ ଏବଂ ମୋଟିଭ୍ ମାଧ୍ୟମରେ ସ୍ୱପ୍ନ, ପରିବର୍ତ୍ତନ ଏବଂ କାଳ୍ପନିକ ଜଗତକୁ ପରିକଳ୍ପନା କରେ। ରେଶମ, ସୂତା, ଟସର ଏବଂ ବିବିଧ ବୟନ ପରମ୍ପରାର ମିଶ୍ରଣରେ ପ୍ରସ୍ତୁତ ଏହି କଲେକ୍ସନ ସୁଲଭ ମୂଲ୍ୟରେ ବହୁବିଧ ଡ୍ରେପ୍ ପ୍ରଦାନ କରେ, ଯାହା ପ୍ରତ୍ୟେକ ଉତ୍ସବ ଅବସର ପାଇଁ ଉପଯୁକ୍ତ। ଉତ୍ସବର ଯୋଶ୍ କୁ ବଢ଼ାଇବା ପାଇଁ ତନେଇରା ପରମ୍ପରା ଏବଂ ଚିନ୍ତାଶୀଳତାକୁ ମିଶ୍ରଣ କରୁଥିବା ସଙ୍କେତ ଭାବେ ଡିଜାଇନ୍ କରାଯାଇଥିବା ଅଫରଗୁଡ଼ିକୁ ଉନ୍ମୋଚନ କରିଛି । ଷ୍ଟୋରରେ ୧୦,୦୦୦ ଟଙ୍କା କିମ୍ବା ଅଧିକ ବ୍ୟୟ କରୁଥିବା ଗ୍ରାହକ ପ୍ରତି ୧୦,୦୦୦ ଟଙ୍କାର ବ୍ୟୟ ଉପରେ ୧,୦୦୦ ଟଙ୍କାର ଗିଫ୍ଟ ଭାଉଚର ପାଇବେ । ଏହା ପରବର୍ତ୍ତୀ କ୍ରୟ ସମୟରେ ରିଡିମ୍ ହେବ। ଏହାସହିତ ୫୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ମୂଲ୍ୟର କ୍ରୟ କରୁଥିବା ଗ୍ରାହକ ପାଇବେ ୦.୨ ଗ୍ରାମର ଏକ ତନିସ୍କ ଗୋଲ୍ଡ କଏନ୍ । ସେପ୍ଟେମ୍ବର ୫ରୁ ଏ ଅଫର ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ବୈଧ, ଯାହା ସମୃଦ୍ଧି ଏବଂ ଉତ୍ସବର ଆନନ୍ଦକୁ ପ୍ରତିଫଳିତ କରୁଛି। ଏହି ଅଫରଗୁଡ଼ିକ ତତ୍କାଳ ଆନନ୍ଦ ଆଣିଛି । ତନେଇରା ଏଭଳି ସମ୍ପତ୍ତି ତିଆରି କରିବାରେ ବିଶ୍ୱାସ କରେ, ଯାହା ସମୟ ସହିତ ବୃଦ୍ଧି ପାଇଥାଏ ବୋଲି ଟାଇଟନ କମ୍ପାନି ଲିମିଟେଡ୍ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହ ଗୌରବ କ୍ରିଷ୍ଣା କହିଛନ୍ତି।

# ଡେଲିଭରି ବେଗ ଦୁଇ ଗୁଣରୁ ଅଧିକ କରିବ ଆମାଜନ୍

ଭୁବନେଶ୍ୱର,୧୨।୯ (ସମିସ): ଆସନ୍ତା ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ପୂର୍ବରୁ ଆମାଜନ ଇଣ୍ଡିଆ ଓଡିଶାରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା, ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ, ବେଗ ଓ ଚୟନ ଆଣିବା ପାଇଁ ପ୍ରସ୍ତୁତ ହୋଇଛି। ଏହାର ଭିତିଭୂମିକୁ ସୁଦୃଢ଼ କରି ଆମାଜନ ଇଣ୍ଡିଆ ଭୁବନେଶ୍ୱରରେ ଏକ ନୂଆ ଫୁଲ୍‌ଫିଲମେଣ୍ଟ ସେଣ୍ଟର ସହିତ ଏହାର ଅପରେଶନ୍ସ ନେଟ୍‌ୱର୍କକୁ ସମ୍ପ୍ରସାରଣ କରିଛି, ଯାହା ରାଜ୍ୟର ୧୭୦୦୦ରୁ ଅଧିକ ସେଲରମାନଙ୍କୁ ଅଧିକ ଦ୍ରୁତ ବେଗରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ସଶକ୍ତ କରିଛି, ଏଥିସହିତ ଏହା ଅଂଚଳରେ ଶତାଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହାସହିତ ରାଜ୍ୟରେ ଆମାଜନର ପରିଚାଳନା ନେଟ୍‌ୱର୍କରେ ଏବେ ଆଉ ଏକ ନୂଆ ଫୁଲଫିଲମେଂଟ ସେଂଟର, ଏକ ସର୍ଟେଶନ ସେଂଟର, ୨୫୦ରୁ ଅଧିକ ଆଇ ହାଭ୍ ସ୍ପେଶ (ଆଇଏଚଏସ) ଷ୍ଟୋର ଓ ୬୦ରୁ ଅଧିକ ଡେଲିଭରି ଷ୍ଟେସନ ସାମଲ ହୋଇଛି। ଏହି ନିବେଶଗୁଡିକ ଆମାଜନକୁ ଭୁବନେଶ୍ୱରର ଗ୍ରାହକଙ୍କୁ ସମାନ ଓ ପରବର୍ତୀ ଦିନ ୨ ଗୁଣ ଅଧିକ ଉତ୍ପାଦ ଡେଲିଭର କରିବାକୁ ସକ୍ଷମ କରିବା ସହିତ ବାର୍ଷିକ ଆଧାରରେ ସେମ୍-ଡେ ଡେଲିଭରି ୧୯୦%ରୁ ଅଧିକ ବୃଦ୍ଧି ପାଇବ ଏବଂ ନେକ୍ସଟ ଡେ ଡେଲିଭରି ୧୨୦%ରୁ ଅଧିକ ବୃଦ୍ଧି ହେବ ବୋଲି ଆମାଜନ ପ୍ରାଇମର ସିନିଅର ମ୍ୟାନେଜର ପଲ୍ଲବୀ ସିଂହ କହିଛନ୍ତି।




# ଟ୍ରମ୍ପଙ୍କ ଶୁଳ୍କ ଭାରତକୁ କ୍ଷତି ପହଞ୍ଚାଉଛି : ଶଶି ଥରୁର୍



**ଲୋକେ ହରାଉଛନ୍ତି ଚାକିରି**

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଆମେରିକା ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଭାରତକୁ ପ୍ରଭାବିତ କରିଛି ଏବଂ ଲୋକମାନେ ଚାକିରି ହରାଉଛନ୍ତି। ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଶୁକ୍ରବାର ଏହା କହିଛନ୍ତି। ଥରୁର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ସେ ସ୍ୱଭାବତଃ ଅସ୍ଥିର ଏବଂ କୂଟନୈତିକ ଆଚରଣର ପାରମ୍ପରିକ ମାନଦଣ୍ଡକୁ ସମ୍ମାନ କରୁନାହାଁନ୍ତି। ଆମେରିକା ଭାରତରୁ ଆମଦାନି ହେଉଥିବା ରୁଷୀୟ ତେଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି। ଏଥିରେ ରୁଷୀୟ ତେଲ କିଣିବା ପାଇଁ ଲାଗୁ ହୋଇଥିବା ୨୫ ପ୍ରତିଶତ ଜରିମାନା ମଧ୍ୟ ଅନ୍ତର୍ଭୁକ୍ତ।

ଥରୁର କହିଛନ୍ତି ଯେ ଭାରତକୁ ଶୁଳ୍କର ପ୍ରଭାବ ହ୍ରାସ କରିବା ପାଇଁ ରପ୍ତାନି ବଜାରକୁ ବିବିଧ କରିବାକୁ ପଡିବ। ସେ କହିଛନ୍ତି ଯେ ସୁରଟରେ ରତ୍ନ ଏବଂ ଅଳଙ୍କାର ବ୍ୟବସାୟ, ସାମୁଦ୍ରିକ ଖାଦ୍ୟ ଏବଂ ଉତ୍ପାଦନ କ୍ଷେତ୍ରରେ ୧.୩୫ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଟ୍ରମ୍ପ ଜଣେ ଅତ୍ୟନ୍ତ ଚଞ୍ଚଳ ବ୍ୟକ୍ତି ଏବଂ ଆମେରିକୀୟ ବ୍ୟବସ୍ଥା ରାଷ୍ଟ୍ରପତିଙ୍କୁ ବହୁତ ସୁଯୋଗ ଦିଏ ଭାରତର ରିଅଲ ଇଷ୍ଟେଟ୍ କ୍ଷେତ୍ରର ସର୍ବୋଚ୍ଚ ଶିଳ୍ପ ସଂସ୍ଥା କ୍ରେଡାଇ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଭାରତ-ଆମେରିକା ସମ୍ପର୍କ ଏବଂ ଶୁଳ୍କ ଲାଗୁ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଥରୁର କହିଛନ୍ତି। ଟ୍ରମ୍ପଙ୍କ ବିଷୟରେ ନିଜର ମତ ଜାରି ରଖି ଥରୁର କହିଛନ୍ତି, "ଯଦିଓ ତାଙ୍କ ପୂର୍ବରୁ ୪୪ କିମ୍ବା ୪୫ ଜଣ ରାଷ୍ଟ୍ରପତି ହୋଇସାରିଛନ୍ତି, କିନ୍ତୁ ହ୍ୱାଇଟ୍ ହାଉସ୍ ପକ୍ଷରୁ କେହି ଏହି ପ୍ରକାରର ଆଚରଣ ଦେଖି ନାହାଁନ୍ତି। କଂଗ୍ରେସ ନେତା ଟ୍ରମ୍ପଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ଅସାଧାରଣ ରାଷ୍ଟ୍ରପତି ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ନିଶ୍ଚିତ ଭାବରେ କୂଟନୈତିକ ଆଚରଣର ପାରମ୍ପରିକ ମାନଦଣ୍ଡକୁ ସମ୍ମାନ କରନ୍ତି ନାହିଁ। ଆପଣ କେବେ କୌଣସି ବିଶ୍ୱ ନେତାଙ୍କୁ କହିବାର ଶୁଣିଛନ୍ତି କି ଯିଏ ମୂଳତଃ କହିଥିଲେ ଯେ ଭାରତ ଏବଂ ରୁଷର ଅର୍ଥନୀତି ମରୁଡ଼ି ପଡ଼ିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏପରି ଭାଷା କୌଣସି ସରକାର ମୁଖ୍ୟଙ୍କଠାରୁ କେବେ ଶୁଣି ନାହାଁନ୍ତି। ତେଣୁ ଟ୍ରମ୍ପ୍ ଅସ୍ୱାଭାବିକ ଏବଂ ମୁଁ ଆପଣଙ୍କୁ ଅନୁରୋଧ କରିବି ଯେ ତାଙ୍କ ଆଚରଣ ଦ୍ୱାରା ଆମର କାର୍ଯ୍ୟଦକ୍ଷତା ବିଚାର କରନ୍ତୁ ନାହିଁ, କଂଗ୍ରେସ ନେତା କହିଛନ୍ତି। ଶୁଳ୍କର ପ୍ରଭାବ ବିଷୟରେ ଥରୁର କହିଛନ୍ତି ଯେ ସତ୍ୟ ହେଉଛି ଶୁଳ୍କର ଭାରତ ଉପରେ ବହୁତ ନକାରାତ୍ମକ ପ୍ରଭାବ ପଡ଼ିଛି। «ଲୋକମାନେ ପୂର୍ବରୁ ଚାକିରି ହରାଉଛନ୍ତି। ସୁରଟରେ, ରତ୍ନ ଏବଂ ଅଳଙ୍କାର ବ୍ୟବସାୟରେ ୧.୩୫ ଲକ୍ଷ ଲୋକଙ୍କୁ ଛଟେଇ କରାଯାଇଥିବା ସେ କହିଛନ୍ତି। ସାମୁଦ୍ରିକ ଖାଦ୍ୟ ଏବଂ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଚାକିରି ଯିବାର ଆଶଙ୍କା ରହିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନେବାକୁ ଭୁଲନ୍ତୁନି। ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ବ୍ୟବସାୟଜଡ଼ିତ କଥାକୁ ଗୋପନୀୟ ରଖନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ସାମାନ୍ୟ ବିତର୍କ ହୋଇପାରେ। ଦୂର ଯାତ୍ରା ଯୋଗ ଅଛି। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ପ୍ରୋଜେକ୍ଟରେ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ସ୍ୱପ୍ନ ସାକାର କରିବାକୁ କଠିନ ପରିଶ୍ରମ କରିବେ। ଅଚାନକ ଦୁଃଖଦ ଖବର ମିଳିପାରେ। ମନକୁ ସ୍ଥିର ରଖିବା ଭଲ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଅଟକିଥିବା କାର୍ଯ୍ୟ ପୂରା ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଘରେ ସୁଖ ଶାନ୍ତି ମାହୋଲ ରହିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତିତ ରହିପାରନ୍ତି। ବିବାଦୀୟ ମାମଲାରୁ ଦୂରେଇ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ।

**ଧନୁ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରିବା ଭଲ। ଲୋକ ସମ୍ପର୍କ ବଢ଼ିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଅତିଥି ସତ୍କାର କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**ମକର:** କଠିନ ପରିଶ୍ରମ କରିବାକୁ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଧୈର୍ଯ୍ୟ ଧରନ୍ତୁ। ଉଚ୍ଚଶିକ୍ଷାପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଘରେ ଶୁଖ ଶାନ୍ତି ବଜାୟ ରଖିବେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବୈବାହିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ।

**ମୀନ:** ମନ ଖୁସି ରହିବ। ପରିବାର ସହିତ ଅଧିକ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେଇପାରେ।

## ଆଜିର ଇତିହାସ

- ୧୯୪୦- ଇଟାଲୀ ମିଶର ଉପରେ ଆକ୍ରମଣ କଲା।
- ୧୯୪୫- ଭିଏତ୍‌ନାମରେ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୧- ବିଶ୍ୱ ହକି ସଂଘର ଗଠନ କରାଗଲା।
- ୨୦୦୨- ଇସ୍ରାଏଲ୍ ଗାଜା ପଟ୍ଟି ଉପରେ ଆକ୍ରମଣ କଲା।
- ୨୦୦୮ - ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଞ୍ଚଥର ବିସ୍ଫୋରଣ ଯୋଗୁଁ ପାଖାପାଖି ୩୦ ଲୋକଙ୍କ ମୃତ୍ୟୁ, ଶହେରୁ ଅଧିକ ଆହତ।

# ଇମ୍ରାନ୍‌ଙ୍କ ନାୟିକା ହେବେ ଦିଶା

ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ଓଜି'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। କିଛି ଦିନ ପୂର୍ବରୁ ଏହି ଫିଲ୍ମରେ ଇମ୍ରାନ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା, ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଇମ୍ରାନ୍‌ଙ୍କ ଆଉ ଏକ ଫିଲ୍ମକୁ ନେଇ ଖବର ଆସିଛି। ଇମ୍ରାନ୍‌ଙ୍କ ଆଗାମୀ ଫିଲ୍ମ 'ଆୱାରାପନ୍ ୨'ର ନାୟିକା ଫାଇନାଲ ହୋଇ ଯାଇଛନ୍ତି। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ଦେଖାଯିବେ। ଇମ୍ରାନ୍‌ଙ୍କ ଜନ୍ମଦିନରେ 'ଆୱାରାପନ୍-୨' ବିଷୟରେ ଘୋଷଣା କରାଯାଇଥିଲା। ଏଥିରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଗୀତ ରହିବ ବୋଲି ଇମ୍ରାନ୍ କହିଥିଲେ। ୨୦୦୭ରେ ମୋହିତ୍ ସୂରୀଙ୍କ ନିର୍ଦ୍ଦେଶିତ 'ଆୱାରାପନ୍' ଆସିଥିଲା। ଏଥିରେ ଇମ୍ରାନ୍ ହାସ୍‌ମୀ, ଶ୍ରିୟା ସରନ୍, ମୃଣାଳିନୀ ଶର୍ମା, ଆଶୁତୋଷ ରାଣା ନଜର ଆସିଥିଲେ। ତେବେ 'ଆୱାରାପନ୍ ୨' ମୂଳ ଫିଲ୍ମ 'ଆୱାରାପନ୍'ର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଇମ୍ରାନ୍ ପୁଣି ଥରେ ଶିବମ୍ ପଣ୍ଡିତ ଭୂମିକାରେ ପରଦାକୁ ଫେରିବେ। ନିତିନ୍ କକ୍କଡ଼ ଏହାର ନିର୍ଦ୍ଦେଶନା ଦେବେ। ଏହାର ସୁଟିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏପ୍ରିଲ୍ ୩, ୨୦୨୬ରେ ଏହା ରିଲିଜ୍ ହେବ। ତେବେ ପ୍ରଥମ ଥର ପାଇଁ ଇମ୍ରାନ୍ ଓ ଦିଶା ଏହି ଫିଲ୍ମ ମାଧ୍ୟମରେ ଏକାଠି ବଡ଼ ପରଦାରେ ନଜର ଆସିବେ।





# ମହାକାଶରେ ପୋଷାକ ସଫା କରିବ ୱାଶିଂ ମେସିନ୍

ୱାଶିଂମେସିନ୍ ମହିଳାମାନଙ୍କ ପୋଷାକ ଧୁଆ କାମକୁ ବେଶ୍ ସହଜ କରି ଦେଇଛି। ଏଥିରେ ବହୁତଗୁଡ଼ିଏ ପୋଷାକ ଖୁବ୍ କମ୍ ସମୟ ମଧ୍ୟରେ ସଫା ହୋଇଯାଏ। ୱାଶିଂ ମେସିନ୍‌ରେ ପୋଷାକ ସଫା କରିବା ସମୟରେ ଡିଟରଜେଣ୍ଟ ଆବଶ୍ୟକ ହୋଇଥାଏ। ହେଲେ ଏବେ ବିନା ଡିଷ୍ଟରଜେଣ୍ଟରେ ବି ୱାଶିଂମେସିନ୍‌ରେ ପୋଷାକ ସଫା ହୋଇପାରିବ। ତେବେ ଏହି ୱାଶିଂ ମେସିନ୍ ମହାକାଶଚାରୀଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଇଛି। ଚୀନ୍‌ର 'ଆଷ୍ଟ୍ରୋନଟ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର' ଏମିତି ଏକ ନିଆରା ୱାଶିଂ ମେସିନ୍ ତିଆରି କରିଛି। ଏହା ମହାକାଶରେ ମହାକାଶଚାରୀଙ୍କ ପୋଷାକ ଧୋଇବା ପାଇଁ ବ୍ୟବହାର କରାଯିବ। ଏହି ୱାଶିଂ ମେସିନ୍ ସୁଟ୍‌କେସ୍ ଆକୃତିର ହୋଇଥିବାବେଳେ ଏହାର ଓଜନ ୧୨ କେଜି। ଏହା ଡିଟରଜେଣ୍ଟ ବଦଳରେ ଜଳୀୟ ବାଷ୍ପ ଓ ଓଜୋନ୍ ଗ୍ୟାସ୍‌ର ବ୍ୟବହାର କରିଥାଏ। ମହାକାଶରେ ପୋଷାକ ଧୋଇବାରେ ପାଣି କମ୍ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଡିଜାଇନ୍ କରାଯାଇଛି। ଏହି ମେସିନ୍ ଥରକରେ ୮୦୦ ଗ୍ରାମ୍ ପୋଷାକ ଧୋଇପାରିବ। ଏଥିପାଇଁ ୪୦୦ ମିଲିଲିଟର(ଏକ ଛୋଟ ଗ୍ଲାସ୍‌ରୁ କମ୍) ପାଣିର ଆବଶ୍ୟକତା ରହିଛି। ଏଥିରେ ପ୍ରଥମେ ପୋଷାକରେ ପାଣିକୁ ବାଷ୍ପ ଭଳି ସ୍ପ୍ରେ କରାଯାଏ। ଏହାପରେ ଏହି ମେସିନ୍ ୟୁଭି ଲାଇଟ୍ ଦ୍ୱାରା ଓଜୋନ ଗ୍ୟାସ୍ ତିଆରି କରିଥାଏ। ଏହି ଗ୍ୟାସ୍ ପୋଷାକରୁ ଧୂଳି, ମଳି ଜୀବାଣୁ ସଫା କରିଦିଏ। ଏହାପରେ ଗରମ ହାୱା ପୋଷାକକୁ ଶୁଖାଇଦିଏ। ମୋଟାମୋଟି ୩୦ ମିନିଟ୍‌ରେ ଏହି ପ୍ରକ୍ରିୟାରେ ପୋଷାକ ସଫା ହୋଇଯାଏ। ସବୁଠୁ ବଡ଼ କଥା ହେଲା ଏହି ମେସିନ୍‌ରେ ସଫା ହେବା ପରେ ପୋଷାକକୁ ଅନ୍ତତଃ ପାଞ୍ଚଥର ନ ଧୋଇ ପିନ୍ଧି ହେବ। ତେବେ ମେସିନ୍‌ରୁ ଗ୍ୟାସ୍ ନ ଲିକ୍ ହେବା ପାଇଁ ସ୍ୱତନ୍ତ୍ର ସେନସର୍ ଲାଗିଛି। ସ୍ପେସ୍ ମିଶନ ପାଇଁ ଏହି ୱାଶିଂ ମେସିନ୍ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

# ଧୂଆଁରୁ ବଞ୍ଚିବାର ଉପାୟ

ଘରେ ହୋମ ଯଜ୍ଞ ଆଦି କରିବା ସମୟରେ ପରିବେଶ ଧୂଆଁମୟ ହୋଇଯାଏ। ଏହି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ପୋଡ଼ାଜଳା ହୁଏ। ଏପରିକି ଆଖିରୁ ଲୁହ ବୁହେ ଏବଂ ମୁହଁ ବି ନିଆଁ ତାତିର ସଂସ୍ପର୍ଶରେ ଆସିଥାଏ। ଅବଶ୍ୟ ଏହାକୁ ଲୋକେ କଷ୍ଟେମଷ୍ଟେ ସହ୍ୟ କରିଥାନ୍ତି। ଏହି କ୍ରମରେ ଜଣେ ବାଳକ ଏହାର ସ୍ମାର୍ଟ ସମାଧାନ ବାହାର କରିଛନ୍ତି ଯାହାକି ଏବେ



ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଘଟଣାଟି ହେଉଛି ଗଣେଶ ପୂଜା ସମୟର। ଘରେ ଗଣେଶ ପୂଜା ହେବା ବେଳେ ବାଳକ ଜଣକ ପରିବାର ଲୋକଙ୍କ ସହିତ ପୂଜାରେ ବସିଛନ୍ତି। ସେହିପରି ସମସ୍ତଙ୍କ ଧ୍ୟାନ ହୋମ ଉପରେ ହିଁ ରହିଛି। ଘିଅ ଓ ନିଆଁରେ ହୋମ କାଠ ଜଳି ସେଥିରୁ ଧୂଆଁ ବାହାରୁଛି। ହେଲେ ବାଳକ ଜଣକ ନିଆଁ ତାତି ଓ ଧୂଆଁକୁ ସାମ୍ନା ନ କରିବା ଲାଗି ମୁହଁରେ ଆଇରନ ମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ସେ ହଳଦିଆ କୁର୍ତ୍ତା ପିନ୍ଧିଥିବା ବେଳେ ଧୂଆଁ ଏବଂ ତାତିରୁ ନିଜ ମୁହଁକୁ ରକ୍ଷା କରିବା ଲାଗି ସେ ଏହି ସୁପରମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ତା'ସହ ଏହାକୁ ପିନ୍ଧି ସେ ଶାନ୍ତିରେ ପରିବାର ସହିତ ପୂଜା କରୁଥିବା ଦେଖାଯାଉଛି। ସେହିପରି ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେବା ସହ ବାଳକର ବୁଦ୍ଧିକୁ ବି ପ୍ରଶଂସା କରିବାକୁ ପଛାଇ ନାହାନ୍ତି। କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ଜେନ୍ ଆଲ୍‌ଫା ଏବେବି ଅପରାଜିତ। ସେହିପରି ଆଉ କିଛି ଜଣ ଲେଖିଛନ୍ତି, 'ଏହି ପିଢ଼ି ଅଲଗା ପ୍ରକାରେ ତିଆରି ହୋଇଛନ୍ତି।'

## ଶିଳ୍ପୀ ବିଶ୍ୱକର୍ମା



କନ୍ୟା ସଂକ୍ରାନ୍ତିରେ ଶିଳ୍ପୀ ବିଶ୍ୱକର୍ମା
ହୋଇଥିଲେ ଆବିର୍ଭୂତ-
ମାତା ଯୋଗସିଦ୍ଧା ପିତା ପ୍ରଭାସଙ୍କ
ଥିଲେ ସେ ସୁଯୋଗ୍ୟ ସୁତ,
ବ୍ରହ୍ମାଙ୍କର ନାଭି କମଳୁ ସେ ଯାତ
କହିଥାନ୍ତି କେହି କେହି-
ତାଙ୍କ ନିରିଦେଶେ ସାରା ଜଗତକୁ
ହାତେ ଗଢ଼ିଛନ୍ତି ସେହି,
ଶିଳ୍ପୀମାନଙ୍କର କୂଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା-
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା,
ସେ ନବ କିଶୋର ଅତୀବ ସୁନ୍ଦର
ନୁହଁନ୍ତି କେ ତାଙ୍କ ପରି-
କନ୍ଦର୍ପଙ୍କ ସମ ତାଙ୍କ ଅଙ୍ଗେ ଥିଲା
ଦିବ୍ୟ ଆକର୍ଷଣ ଭରି,
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ-
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ,
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁ ତ ତାଙ୍କ ସରି-
ସରଗଧାମର ଅମରାବତୀ ଯେ
ତାଙ୍କ ଶ୍ରେଷ୍ଠ କାରିଗରୀ,
ଦେବଦେବୀଙ୍କର ଅସ୍ତ୍ର ଶସ୍ତ୍ର ସାଥେ
ରହିଛି ଯେତେ ବିମାନ-
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ,
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ-
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ,
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ-
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ। ■

କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର



ପ୍ରଦୀପ୍ତ କୁମାର ଦାସ

## ପ୍ରହେଳିକା

- ଆକାରରେ ସିନା ଫୁଲଟି ସାନ
  ବାସନାରେ ଜିଣେ ସବୁରି ମନ
  ସଞ୍ଜରେ ଫୁଟି
  ସକାଳକୁ ଯାଏ ମାଟିରେ ଲୋଟି
  ଅଳପ ଆୟୁଷ ଜୀବନ ତା'ର
  ଫୁଲ ନାଆଁ ଗୋଟି ପାଞ୍ଚଅକ୍ଷର
  ବୁଦ୍ଧି ଖଟେଇକି ଦିଅ ଉତ୍ତର ।

  ଉତ୍ତର-ଗଙ୍ଗଶିଉଳି

- ନଈପଠାରେ ଉଆସ ତୋଳି
  ମନ ଇଛାରେ ଖେଳୁଛି ଦୋଳି
  ସୁନ୍ଦରୀ ଝିଅଟିଏ
  ପିନ୍ଧିଛି ଧଳାଶାଢ଼ି ଛଟକି
  ପଥିକ ପାଦ ଯାଏ ଅଟକି
  ନାଆଁ କହିଦେବ ଯିଏ
  ବୁଦ୍ଧିମାନ ପିଲା ସିଏ ।

  ଉତ୍ତର- କାଶତଣ୍ଡି

- ଶରତ ଆକାଶେ ଜହ୍ନକୁ ଦେଖିଲେ
  ସରସୀରେ ଫୁଟେ ଯେଉଁ ଫୁଲଟି
  ରୂପରେ ରଙ୍ଗରେ ମନ ଚୋରି କରେ
  କହିଦବ ଯିଏ ତାଆ ନାମଟି
  ଶରଧାରେ ତାକୁ ବୁଲେଇ ନେବି ମୁଁ
  ପୁରୀ ଧାମଟି।

  ଉତ୍ତର- କଇଁ ଫୁଲ

ଜଗଦୀଶ ସାହୁ
ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬



## ଏକରୁ ଦଶ ପର୍ଯ୍ୟନ୍ତ ଗଣନ ଶିକ୍ଷା



ଭୋଜରାଜ ବୁଡ଼େକ

ସୂର୍ଯ୍ୟ ଏକ ଚନ୍ଦ୍ର ଏକ ଏକ ଧ୍ରୁବତାରା,
ପିତା ଏକ ମାତା ଏକ ଏକ ପ୍ରଭୁ ପରା।
ଦୁଇ ଆଖି ଦୁଇ କାନ ଦୁଇ ଆମ ହାତ,
ଦୁଇ ଗୋଡ଼େ ଠିଆ ଆମେ ହେଉ ଆତଯାତ
ତିନି ଦିଅଁ ତିନି ରଥେ ଶ୍ରୀଗୁଣ୍ଡିଚା ଦିନ
ତିନି ଭୁବନ ଦେଖିବାକୁ ମନ ଛନଛନ।
ଚାରିବେଦ ଚାରିଯୁଗ ଚାରି ଆମ ଧାମ,
ଚାରିଗୋଡ଼ିଆ କୁକୁର ଛୁଆ ଜଗେ ଘରଆମ
ପାଞ୍ଚ ଆଙ୍ଗୁଠି ପ୍ରତି ହାତରେ ପ୍ରତି
ପ୍ରତି ଗୋଡ଼ରେ ପାଞ୍ଚ,
ପାଞ୍ଚରେ ପାଞ୍ଚ ମିଶିଲେ ଦଶ
ହେବ କି ମନେ ପାଞ୍ଚ।
ଛଅଋତୁ ଛପିଛପି ଆସନ୍ତି ଜଗତେ,
ଛଅ ସୁର ଏକ ହେଲେ କେତେ ମିଠା ସତେ
ସପ୍ତାହରେ ରହିଥାଏ ସାତଗୋଟି ବାର,
ସାତରଥୀ ମାରିଥିଲେ ଅଭିମନ୍ୟୁ ବୀର।
ଆଠ ଧାତୁ ନେଇ ସିନା ନାନା ଅଳଙ୍କାର,
ଆଠ ପାଟରାଣୀ ଥିଲେ ନନ୍ଦକୁମରର।
ନଅଗ୍ରହ ଚକ ପରି ସୂର୍ଯ୍ୟ ଚାରିପଟେ,
ଘୂରୁଛନ୍ତି ସବୁବେଳେ ନ ଗୋଟି ବାଟେ।
ଦଶଦିଗ ହସିଉଠେ ଶରତ କାଳରେ,
ଦଶଟି କାଠିରେ ବିଡ଼ା ବାନ୍ଧିଥାନ୍ତି ପିଲେ। ■

ମାଣ୍ଡୋସିଲ, ବରଗଡ଼
ମୋ- ୬୩୭୧୯୮୭୫୪୨

## ସୁମନ

# ମାଛର ବୁଦ୍ଧି



ବଗଟିଏ ଜଳାଶୟ ନିକଟରେ ଛିଡ଼ା ହୋଇଥାଏ। ତାକୁ ପ୍ରବଳ ଭୋକ। ପାଣି ଭିତରୁ କିଛି ଖାଦ୍ୟ ପାଇଲେ ଭୋକ ମେଣ୍ଟାଇବା ପାଇଁ ଏକ ଧ୍ୟାନରେ ଜଗିଥାଏ। ସେତେବେଳକୁ ଜଳ ଭିତରେ ପହଁରୁ ଥିବା ଏକ ମାଛ ତା' ନଜର କୁ ଆସିଲା। ବଗ ଜଳ ଭିତରୁ ମାଛଟିକୁ ଧରି ଆଣିଲା। ମାଛଟି ଆଉ କ'ଣ କରିବ। ତା'ର ଦୁଃଖର କଥା ଜଣାଇବାପାଇଁ ଚାହିଁଲା। ସେ କାକୁତି ମିନତି ହୋଇ କହିଲା, ଆମ ପରିବାରର ସମସ୍ତେ ଶିକାର ହୋଇ ସାରିଲେଣି। ଜଳାଶୟ ଦିନକୁ ଦିନ ଶୁଖିବାରେ ଲାଗିଛି। କେବଳ ମୁଁ ହିଁ ବଞ୍ଚିଛି। ମତେ ଯଦି ମାରି ଖାଇଦେବ, ମାଛମାନଙ୍କର ବଂଶ ବୁଡ଼ିଗଲେ ଜଗତ ଚଳିବ କେମିତି ! ଦୟା କରି ମୋତେ ଛାଡି ଦିଅ। ତା ବଦଳରେ ମୋ ପାଖରେ ଥିବା ଏକ ସୁନାର ମୁଦି ତୁମକୁ ଦେବି। ଯାହାର ମୂଲ୍ୟ ଖୁବ୍ ବେଶୀ। ବଗ କିଛି ସମୟ ଭାବିଲା। ପରେ ମାଛର କଥାରେ ବଗ ସନ୍ତୋଷ ହେଲା ଏବଂ ବଦଳରେ ସୁନାର ମୁଦି ଧରି ଆସିଲା। ସୁନା ମୁଦିକୁ ନେଇ ବଗ କ'ଣ କରିବ। ତାକୁ ତ ସେ ଖାଇ ପାରିବ ନାହିଁ। ତା ମନକୁ ଏକ ବୁଦ୍ଧି ଜୁଟିଲା। ବଗ ଏକ ମାଛ ଧରାଳି ସହିତ ସାଙ୍ଗ ହୋଇଥାଏ। ସେ ତା ପାଖକୁ ଗଲା। ଏ ସବୁକଥା ତାକୁ ଗୋଟି ଗୋଟି କରି କହିଲା। ବହୁ ମୂଲ୍ୟ ମୁଦିଟି ଦେଖି ତାର ମନରେ ଲୋଭ ହେଲା। ସେ ମୁଦିଟି ନେବା ପାଇଁ ଚାହିଁଲା। ମାଛ ଧରାଳିକୁ ବଗ ସେହି ମୁଦିଟି ଦେଲା। ବଦଳରେ ମାଛ ଧରାଳି ପ୍ରତିଦିନ ଏକ ବଡ଼ ମାଛ ତାକୁ ଖାଇବାକୁ ଦେବା ପାଇଁ ପ୍ରତିଶ୍ରୁତି ଦେଲା। ବଗ ମାଛ ଧରାଳି କଥାରେ ଖୁସି ହେଲା। ମାଛ ଧରାଳି ପରଦିନ ମୁଦିଟିକୁ ବିକିବାପାଇଁ ବଜାରକୁ ଗଲା। ମାତ୍ର ବହୁମୂଲ୍ୟ ଦେଇ ସୁନାମୁଦୀକୁ କିଣିବା ପାଇଁ ଲୋକ ବାହାରିଲେ ନାହିଁ। ବହୁ ବାର ଚେଷ୍ଟା କଲା ସତ୍ତ୍ୱେ ମୁଦିଟିକୁ ମାଛଧରାଳି ବିକିପାରିଲା ନାହିଁ। ତେଣେ କଥାଟା ରାଜ୍ୟ ସାରା ପ୍ରଘଟ ହୋଇଗଲା। ଲୋକେ ସବୁ ଆଡ଼େ ମୁଦି କଥାକୁ ଆଲୋଚନା କରିବାକୁ ଲାଗିଲେ । ଶେଷରେ କଥାଟି ରଜାଙ୍କ କାନକୁ ଗଲା। ରାଜା ମାଛ ଧରାଳିକୁ ଡକାଇଲେ। ମାଛ ଧରାଳି ପାଖରୁ ସବୁ କଥା ଶୁଣିଲେ। ସେ ମୁଦିଟିକୁ ରାଜାଙ୍କୁ ଦେଲା। ନିରୀକ୍ଷଣ କଲାପରେ ମୁଦିକୁ ରାଜା ଚିହ୍ନି ପାରିଲେ। ଅତ୍ୟନ୍ତ ଖୁସି ହେଲେ। ମୁଦିଟି ନେଇ ଅଲିଅଳ ଝିଅକୁ ଦେଖାଇଲେ। ଏତେ ଦିନ ପରେ ଝିଅ ହଜିଲା ମୁଦିକୁ ପାଇ ଖୁସିରେ ନାଚି ଉଠିଲେ। କହିଲେ ମୁଁ ଗାଧୋଉଥିବା ବେଳେ ଏ ମୁଦି ତ ଜଳାଶୟରେ ଖସି ପଡିଥିଲା, ଆଉ ମିଳି ନ ଥିଲା। ଅତ୍ୟନ୍ତ ଖୁସି ହୋଇ ରାଜା ମାଛ ଧରାଳି ସହିତ ଜଳାଶୟ ନିକଟକୁ ଗଲେ। ବିଚରା ମାଛ ନିକଟରୁ ସବୁ କଥା ଶୁଣି ରାଜା ଅତ୍ୟନ୍ତ ଦୁଃଖିତ ହେଲେ। ଉଚ୍ଚ ହିଡ଼ ଦେଇ ଜଳାଶୟ କୁ ଆହୁରି ଗଭୀର କରି ଜଳ ଭର୍ତ୍ତି କରାଇଲେ। ଜଳାଶୟ ଚର୍ତୁପାର୍ଶ୍ୱରେ ଗଛ ଲତା ଲଗାଇ ଆକର୍ଷଣୀୟ କରାଇଦେଲେ। ମାଛର ଖୁସି କହିଲେ ନସରେ। ଜଳାଶୟବାସୀ ଆନନ୍ଦରେ ରାଜାଙ୍କର ଜୟ ହେଉ ବୋଲି କହିଲେ। ଜଳାଶୟରେ ବାସ କରୁଥିବା ସମସ୍ତ ଜୀବଜନ୍ତୁ ପୁଣି ଥରେ ସୁଖରେ ବାସକଲେ। ମାଛର ଉପସ୍ଥିତ ବୁଦ୍ଧି ପାଇଁ ଏସବୁ ସମ୍ଭବ ହୋଇ ପାରିଲା। ■




ଗୋପୀନାଥ ଦାଶ
ବରପାଲିପଡ଼ା, ବଲାଙ୍ଗିର

## ଛୋଟ ଆଙ୍ଗୁଳି ଚିତ୍ର






ରୁଦ୍ରାଣ୍ୟ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ






ସାନଭିକା ସ୍ୱାଇଁ
ପ୍ରଥମ ଶ୍ରେଣୀ
ବଚପନ ସ୍କୁଲ
ନିମାପଡ଼ା






ଗୌରବ ଦାସ
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ







ସାଇ ଶ୍ରେୟାଂଶ
ପଞ୍ଚମ ଶ୍ରେଣୀ
ଅମିତ ଇଣ୍ଟର ନାସନାଲ ସ୍କୁଲ
ନୂଆଦିଲ୍ଲୀ

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

**ଏସିଆ କପ୍ କ୍ରିକେଟ୍: ପାକିସ୍ତାନ ୧୮ ମ୍ୟାଚରୁ ହାରିଛି ୧୦**

# ଭାରତ ସପକ୍ଷରେ ରେକର୍ଡ

ଦୁବାଇ, ୧୨।୯ (ଏଜେନ୍ସି)



ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯିବ। ଦୁବାଇରେ ହେବାକୁ ଥିବା ଏହି ମହାମୁକାବିଲାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି। ଏକାଧିକ କାରଣ ଲାଗି ଅବଶ୍ୟ ଏହି ମ୍ୟାଚର ଟିକଟ୍ ବିକ୍ରି ବର୍ତ୍ତମାନ ସୁଦ୍ଧା ବଳକା ରହିଛି। କିନ୍ତୁ ମ୍ୟାଚକୁ ନେଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ସମେତ ସୋସିଆଲ୍ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଯାହାକି ଲଢ଼େଇ ପୂର୍ବରୁ ଏହି ମ୍ୟାଚର ଉଷ୍ମତାକୁ ବଢ଼ାଇ ଦେଇଛି।

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ଚଳିତ ଏସିଆ କପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ପ୍ରଥମ ମ୍ୟାଚରେ ୯ ୱିକେଟ୍‌ରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ସେହିଭଳି ପାକିସ୍ତାନ ଦଳ ଶୁକ୍ରବାର ପ୍ରଥମ ମ୍ୟାଚରେ ଦୁର୍ବଳ ଓମାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ତେଣୁ ଉଭୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରବିବାର ପଡ଼ିଆକୁ ଓହ୍ଲାଇବେ। ତେବେ ଏସିଆ କପ୍ ଇତିହାସ ଉପରେ ନଜର ପକାଇଲେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ୧୯୮୪ରୁ ଏସିଆ କପ୍ ଆରମ୍ଭ ହୋଇଥିବାବେଳେ ଗତ ୨୦୨୩ ସଂସ୍କରଣ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧୮ଥର ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୦ ମ୍ୟାଚରେ ବିଜୟୀ ହୋଇ ଆଗରେ ରହିଛି। ୬ଟି ମ୍ୟାଚରେ ପାକିସ୍ତାନ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ। ଏହି ୧୮ଟି ମ୍ୟାଚ୍ ମଧ୍ୟରୁ ଦିନିକିଆ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ୧୫ଥର ପରସ୍ପର ବିପକ୍ଷରେ ଖେଳିଛନ୍ତି। ଏଥିରେ ଭାରତ ୮ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଛି। ସେହିଭଳି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିନାହିଁ। ସେହିଭଳି ବିଭିନ୍ନ କାରଣ ଲାଗି ଏସିଆ କପ୍ ୨୦୨୩ ସୁଦ୍ଧା ଦୁଇଥର ଟି-୨୦ ଫର୍ମାଟରେ ଖେଳାଯାଇଥିଲା। ଏହି ଫର୍ମାଟ୍‌ରେ ଉଭୟ ଦେଶ ୩ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୨ଥର ଓ ପାକିସ୍ତାନ ଥରେ ଜିତିଛି। ତେଣୁ ଉଭୟ ଫର୍ମାଟ୍‌ରେ ମଧ୍ୟ ରେକର୍ଡ ଭାରତ ସପକ୍ଷରେ ରହିଛି।

**ଏସିଆ କପ୍‌ରେ ଭାରତ-ପାକିସ୍ତାନ**

| | |
|---|---|
| ସାମ୍ନାସାମ୍ନି | - ୧୮ଥର |
| ଭାରତ ଜିତିଛି | - ୧୦ଥର |
| ପାକିସ୍ତାନ ଜିତିଛି | - ୬ଥର |
| ବିନା ଫଳାଫଳ | - ୨ଟି |

**ସ୍ମରଣୀୟ ଲଢ଼େଇ**

**୨୦୧୦** : ଶ୍ରୀଲଙ୍କାର ଦାମ୍ବୁଲାରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୬୮ ରନର ଲକ୍ଷ୍ୟକୁ ଭାରତ ୪୯.୫ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ହରଭଜନ ସିଂ ୪୯ତମ ଓଭରର ପ୍ରଥମ ବଲରେ ସୋଏବ ଅଖତରଙ୍କୁ ଛକା ଏବଂ ଅନ୍ତିମ ଓଭରର ୫ମ ବଲରେ ମହମ୍ମଦ ଅମୀରଙ୍କୁ ଛକା ମାରି ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ।

**୨୦୧୪** : ବାଂଲାଦେଶର ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୮ ରନ କରିଥିଲା। ଜବାବରେ ପାକିସ୍ତାନ ୪୯ ଓଭରରେ ୮ ୱିକେଟ୍‌ରେ ୨୩୬ ରନ କରିଥିଲା। ଶେଷ ଓଭରରେ ଜିତିବା ଲାଗି ୧୦ ରନ ଆବଶ୍ୟକ ହେଉଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ଆସିଥିଲେ। ପ୍ରଥମ ବଲରେ ସଇଦ ଆଜମଲ ଆଉଟ୍ ହୋଇଥିଲେ। କିନ୍ତୁ ୩ୟ ଓ ୪ର୍ଥ ବଲ୍‌ରେ କ୍ରମାଗତ ଛକା ମାରି ସାହିଦ ଆଫ୍ରିଦୀ ୧ ୱିକେଟ୍‌ରେ ରୋମାଞ୍ଚକ ଭାବେ ଦଳକୁ ଜିତାଇଥିଲେ।

**୨୦୧୨** : ବିରାଟ କୋହଲିଙ୍କ ଦମ୍‌ଦାର ୧୮୩ ରନ ବଳରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନର ଲକ୍ଷ୍ୟକୁ ଭାରତ ୧୩ ବଲ୍ ଓ ୬ ୱିକେଟ୍ ବଳକା ଥାଇ ଜିତିଥିଲା। ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ କୋହଲି ୧୪୮ ବଲରେ ୨୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

**୨୦୦୮**: ଏସିଆ କପ୍‌ର ୨୦୦୮ ସଂସ୍କରଣରେ ଭାରତ ଓ ପାକିସ୍ତାନ ଗ୍ରୁପ୍ ଓ ସୁପର୍-୪ ପର୍ଯ୍ୟାୟରେ ଥରେ ଲେଖାଏ ସାମ୍ନାସାମ୍ନି ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରାୱଲପିଣ୍ଡିରେ ବୀରେନ୍ଦ୍ର ସେହ୍ୱାଗ (୧୧୯)ଙ୍କ ଶତକ ବଳରେ ଭାରତ ୩୦୦ ରନର ଟାର୍ଗେଟ୍‌କୁ ୪୨.୧ ଓଭରରେ ୪ ୱିକେଟରେ ହାସଲ କରିନେଇଥିଲା। କିନ୍ତୁ ସୁପର୍-୪ରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୦୯ ରନର ଲକ୍ଷ୍ୟକୁ ଘରୋଇ ପାକିସ୍ତାନ ୨ ୱିକେଟ୍‌ରେ ବିଜୟୀ ହୋଇଥିଲା। ୟୁନିସ ଖାନ ଅପରାଜିତ ୧୨୩ ରନ କରିଥିଲେ।

# ମହମ୍ମଦ୍ ହାରିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ଦୁବାଇ,୧୨।୯ (ଏଜେନ୍ସି): ଚଳିତ ଏସିଆ କପ୍‌ର ୪ର୍ଥ ମୁକାବିଲାରେ ଶୁକ୍ରବାର ପାକିସ୍ତାନ ଓ ଓମାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୦ ରନ ସଂଗ୍ରହ କରିଛି। ୱିକେଟ୍‌ରକ୍ଷକ ମହମ୍ମଦ ହାରିସ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୪୩ ବଲର ପାଳିରେ ହାରିସ ୭ଟି ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିବଜାଦ ଫରହାନ ୨୯, ମହମ୍ମଦ ନୱାଜ ୧୯ ଓ ଫଖର ଜମାନ ଅପରାଜିତ ୨୩ ରନ କରିଥିଲେ। ଓପନର ସମିମ ଆୟୁବ ଓ ଅଧିନାୟକ ସଲମନ ଆଘା ଖାତା ଖୋଲିବାରେ ବିଫଳ ହୋଇଥିଲେ। ଓମାନ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିବାରୁ ପାକିସ୍ତାନ ଏହି ମ୍ୟାଚରେ ଏକ ବଡ଼ ସ୍କୋର ଠିଆ କରାଇବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଦୁଇ ବାମହାତୀ ବୋଲର ଆମିର କଲିମ ଓ ଶାହ ଫୈଜଲ ୩ଟି ୱିକେଟ୍ ନେଇ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଓମାନ ଶେଷ ଖବର ସୁଦ୍ଧା ୧୧ ଓଭରରେ ୭ ୱିକେଟ୍ ହରାଇ ୫୦ ରନ ସଂଗ୍ରହ କରିଛି। ଓପନର ଆମିର କଲିମ ୧୩, ଅଧିନାୟକ ଜତିନ୍ଦର ସିଂହ ୧ ଓ ମହମ୍ମଦ ନଦୀମ ୩ ରନ କରି ଆଉଟ୍ ହୋଇଥିଲେ। ଶନିବାର ଗ୍ରୁପ୍-ବି'ରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଖେଳାଯିବ।

**ଆଜିର ମ୍ୟାଚ୍** (DP WORLD ASIA CUP 2025)

**ବାଂଲାଦେଶ-ଶ୍ରୀଲଙ୍କା**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

● **ଦୁଲୀପ୍ ଟ୍ରଫି ଫାଇନାଲ: ପାଟିଦାର, ରାଠୋଡଙ୍କ ଶତକ**

# ଦୃଢ଼ସ୍ଥିତିରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ ଦୁଇ ଦୁଇଟି ଶତକୀୟ ପାଳି ବଳରେ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୦୪ ଓଭରରେ ୫ ୱିକେଟ୍ ହରାଇ ୩୮୪ ରନର ବିଶାଳ ସ୍କୋର କରିଛି। ଖେଳ ଶେଷବେଳକୁ ୟଶ ରାଠୋଡ ୧୩୭ ଓ ସାରାଂଶ ଜୈନ ୪୭ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର୍ ଅସମାପ୍ତ ୬ଷ୍ଠ ୱିକେଟ୍ ଭାଗୀଦାରିରେ ୧୧୮ ରନ ଯୋଡ଼ିଛନ୍ତି। ସେହିଭଳି ଅଧିନାୟକ ରଜତ ପାଟିଦାର ମଧ୍ୟ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ୧୧୨ ବଲ୍‌ର ଏହି ପାଳିରେ ରଜତ ୧୨ ଚୌକା ଓ ୨ଟି ଛକା ମାରିଥିଲେ। ଆଉଟ୍ ହୋଇଥିବା ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଓପନର୍ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଦକର ୨୨, ଶୁଭମ ଶର୍ମା ୬ ଓ ଉପେନ୍ଦ୍ର ଯାଦବ ୫ ରନ କରିଥିଲେ। ବୋଲିଂରେ ଗୁର୍‌ଜାପନୀତ ସର୍ବାଧିକ ୩ଟି ୱିକେଟ୍ ସଫଳତା ପାଇଥିଲେ। କେନ୍ଦ୍ରାଞ୍ଚଳ ବର୍ତ୍ତମାନ ସୁଦ୍ଧା ପ୍ରଥମ ପାଳିରେ ୨୩୫ ରନର ଅଗ୍ରଣୀ ହାସଲ କରିଛି। ହାତରେ ଆହୁରି ୫ ୱିକେଟ୍ ବଳକା ଥିବାରୁ କେନ୍ଦ୍ରାଞ୍ଚଳ ଏକ ବୃହତ୍ ଅଗ୍ରଣୀ ନେବ ବୋଲି ଆକଳନ କରାଯାଉଛି।



● **ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ**

# ସେମିରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଚାରି କୋଟି ୪୧ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଏବଂ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ଓ ଆୟୂଷ ସେଟ୍ଟୀଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଲକ୍ଷ୍ୟ ୨୧-୧୬, ୧୭-୨୧, ୨୧-୧୩ ଗେମରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲେ। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟର ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୪, ୨୦-୨୨, ୨୧-୧୬ ଗେମରେ ମାଲେସିଆର ଆରିଫ ଜୁନୈଦ ଓ ରୟ କିଙ୍ଗ ୟାପ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଉଭୟଙ୍କୁ ଏକ ଘଣ୍ଟା ୪ ମିନିଟ୍ ସମୟ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଡବଲ୍ସରେ ଓଡ଼ିଶାର ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରି-କ୍ୱାର୍ଟରରେ ହାରି ଅଭିଯାନ ଶେଷ କରିଥିଲେ।

■ **ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା**

# କ୍ୟାପ୍‌ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୨।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବିତ ବିଶ୍ୱାଳ |

# କିଟ୍‌ରେ ସିବିଏସ୍‌ଇ ନ୍ୟାସନାଲ୍ ହକି ଆରମ୍ଭ



ଭୁବନେଶ୍ୱର,୧୨।୯ (ସମିସ): ସିବିଏସ୍‌ଇ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ନ୍ୟାସନାଲ ହକି ଚାମ୍ପିଅନସିପ୍‌ର ବାଳିକା ବିଭାଗରେ ଖେଳ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ କିଟ୍ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୬ଟି ଟିମ୍ ଓ ୪୦୦ ଖେଳାଳି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ଏହି ୨୬ଟି ମଧ୍ୟରୁ ୧୪ ଓ ୧୭ ବର୍ଷରୁ କମ୍ ବିଭାଗରେ ୯ଟି ଲେଖାଏଁ, ୧୯ ବର୍ଷରୁ କମ୍ ବିଭାଗରେ ୮ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ପ୍ରତିଯୋଗତାକୁ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ହକି ଖେଳାଳି ଅମିତ ରୋହିଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସିବିଏସ୍‌ଇର ଦୁଇ ପର୍ଯ୍ୟବେକ୍ଷକ ଭୀମସିଂ ତ୍ୟାଗୀ ଓ ରିଣ୍ଟୋ ଟିକେ, କିଟ ୟୁଭର୍ସିଟି କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିବିଏସ୍‌ଇ ବାଳିକା ହକିରେ ପ୍ରତିଯୋଗିତା ତୀବ୍ର ହେବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

# ମାଛ ବେପାରୀଙ୍କ ଝିଅ ମୌସୁମୀ ଟପ୍ ସୁଟର୍



ଭୁବନେଶ୍ୱର,୧୨।୯ (ସମିସ): ସଫଳତା ହାସଲ ଲାଗି ଅର୍ଥ କେବେ ଅନ୍ତରାୟ ସୃଷ୍ଟି କରିପାରିନାହିଁ। ମାତାପିତାଙ୍କ ସ୍ୱଳ୍ପ ରୋଜଗାର ସତ୍ତ୍ୱେ ପାରଳାଖେମୁଣ୍ଡିର ଜଣେ ୧୪ ବର୍ଷୀୟା ବାଳିକା ମୌସୁମି ସିମଲାଇ ଜାତୀୟ ସ୍ତରୀୟ ଏନ୍‌ସିସି କ୍ୟାମ୍ପରେ ଟପ୍ ସୁଟର ହେବାର ସଫଳତା ଲାଭ କରିଛନ୍ତି। ଦେଶର ୧୫୦୦ କ୍ୟାଡେଟ୍‌ଙ୍କୁ ନେଇ ସର୍ବଭାରତୀୟ ସ୍ଥଳ ସୈନିକ କ୍ୟାମ୍ପ-୨୦୨୫ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୧୨୦୦ କ୍ୟାଡେଟ ରାଇଫଲ ସୁଟିଂରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ୍‌ର ୯ମ ଶ୍ରେଣୀରେ ପଢ଼ୁଥିବା ମୌସୁମୀ ଦେଶର ଟପ୍ ସ୍କୁଲରୁ ଆସିଥିବା କ୍ୟାଡେଟ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବର ୨ରୁ ୧୧ ଯାଏ ଅନୁଷ୍ଠିତ ଏହି କ୍ୟାମ୍ପରେ ଦେଶର ୧୭ଟି ଏନ୍‌ସିସି ନିର୍ଦ୍ଦେଶାଳୟରୁ ୧୫୪୬ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ମୌସୁମିଙ୍କ ମାତା ମାଣିକ ଓ ପିତା ବଳାଇ ଚାନ୍ଦ ପାରଳାଖେମୁଣ୍ଡିରେ ମାଛ ବେପାର କରି ପେଟ ପୋଷନ୍ତି। ସ୍ୱଳ୍ପ ରୋଜଗାର ସତ୍ତ୍ୱେ ଝିଅକୁ ଉଚ୍ଚ ଶିକ୍ଷିତ କରାଇବା ସହ ରାଜ୍ୟ ତଥା ଦେଶର ନାମ ରଖନ୍ତୁ ବୋଲି ମାଣିକ ଓ ବଳାଇ ଆଶା ରଖିଛନ୍ତି। ଏମାନେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସଞ୍ଜୟ ଗାନ୍ଧି କଲୋନୀରେ ମାଛ ବେପାର କରି ଗୁଜରାଣ ମେଣ୍ଟାଇଥାନ୍ତି।

**ଆଜିଠୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍**

# ନଜରରେ ନୀରଜ, ଅନିମେଶ





ଟୋକିଓ, ୧୨।୯ (ଏଜେନ୍ସି): ବିଶ୍ୱ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପର ୨୦ତମ ସଂସ୍କରଣ ଶନିବାରଠାରୁ ଜାପାନର ରାଜଧାନୀ ଟୋକିଓରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୯୮ ଦେଶର ପାଖାପାଖି ୨୨୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମୋଟ୍ ଉପରେ ୪୯ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ୧୯ ଜଣିଆ ଆଥ୍‌ଲେଟ୍ ଦଳ ଅଂଶଗ୍ରହଣ କରିବ। ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଟୋକିଓ ଗସ୍ତ କରିଥିବା ଭାରତୀୟ ଦଳରେ ୧୪ଜଣ ପୁରୁଷ ଓ ୫ଜଣ ମହିଳା ଆଥଲେଟ୍ ରହିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ୧୫ ଗୋଟି ଇଭେଣ୍ଟରେ ଭାଗନେବେ। ଦୁଇଜଣ ଆଥଲେଟ୍ ଗୁଲ୍‌ବୀର ସିଂହ ଓ ପୂଜା କେବଳ ୨ଟି ଇଭେଣ୍ଟରେ ଟ୍ରାକ୍‌କୁ ଓହ୍ଲାଇବେ। ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ସଂସ୍କରଣରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେଣୁ ଏଥର ସେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ୨୦୨୧ରେ ଏଠାରେ ଆୟୋଜିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଜାଭେଲିନ ଥ୍ରୋ'ରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ଚାରି ବର୍ଷ ପରେ ନୀରଜ ସମାନ ଭେନ୍ୟୁରେ ପୁଣିଥରେ ତାଙ୍କ ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇବେ ବୋଲି ଭାରତୀୟ କ୍ରୀଡ଼ାପ୍ରେମୀ ଆଶାବାଦୀ ରହିଛନ୍ତି। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ଭାଗନେବେ। ଅନିମେଶଙ୍କ ଇଭେଣ୍ଟ ସେପ୍ଟେମ୍ବର ୧୭ରେ ଆରମ୍ଭ ହେବ। ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଇତିହାସରେ ଭାରତ ଆଜି ପର୍ଯ୍ୟନ୍ତ ମାତ୍ର ୩ଟି ପଦକ ଜିତିବାରେ ସମର୍ଥ ହୋଇଛି। ୨୦୦୩ରେ ଅଞ୍ଜୁ ବବି ଜର୍ଜ ପ୍ରଥମ ଭାରତୀୟ ଭାବେ ପଦକ (ରୌପ୍ୟ) ବିଜୟୀ ହୋଇଥିଲେ। ଏହାପରେ ୨୦୨୨ରେ ନୀରଜ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ମାର୍ଶାଲ ଆର୍ଟରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୯ (ସମିସ)

ଜାତୀୟସ୍ତରରେ ଅନୁଷ୍ଠିତ ରୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସ୍‌କୁ ବିଶେଷ ସଫଳତା ମିଳିଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କ୍ରୀଡ଼ାରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ଏମାନେ ଓଡ଼ିଶା ପୁଲିସ୍‌ର ଗୌରବ ବଢ଼ାଇଛନ୍ତି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି। ଏମାନଙ୍କ ମଧ୍ୟରୁ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ବର୍ଷା ନାଥ ଓ ବିଶ୍ୱଜିତ ରାଉତ। ଓଆଇଏସ୍‌ଏଫ୍ ଭୁବନେଶ୍ୱରରେ କାର୍ଯ୍ୟକରୁଥିବା ବର୍ଷା ରୋଭିନାମ ମାର୍ଶାଲ ଆର୍ଟ ବିଭାଗରେ ଓ ବିଶ୍ୱଜିତ ୮୧ କେଜିରୁ ଊର୍ଦ୍ଧ୍ୱ ଜାତୀୟ ରୋଭିନାମ୍ ମାର୍ଶାଲ ଆର୍ଟ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଅସିଚାଳନାରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। କନଷ୍ଟେବଲ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଉଦ୍ଧ୍ୱର୍ ରୋଭିନାମ ମାର୍ଶାଲ ଆର୍ଟ ସିନିୟର କାଟେଗୋରୀ ଓ କରାଟେର କାଟାରେ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି।

# ଡେଭିସ୍ କପ୍ : ଭାରତ ୨-୦ରେ ଆଗୁଆ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଯୁବ ଖେଳାଳି ଦକ୍ଷିଣେଶ୍ୱର ସୁରେଶ ଓ ସୁମିତ ନାଗଲ ପ୍ରଥମ ଦିନରେ ଖେଳାଯାଇଥିବା ଦୁଇଟିଯାକ ସିଙ୍ଗଲ୍ସ ମୁକାବିଲାରେ ବିଜୟୀ ହୋଇଛନ୍ତି। ଏହା ଫଳରେ ସ୍ୱିଜରଲାଣ୍ଡର ବିଏଲଠାରେ ଆଜି ଆରମ୍ଭ ହୋଇଥିବା ବିଶ୍ୱ ଗ୍ରୁପ୍-୧ ମୁକାବିଲାର ପ୍ରଥମ ଦିନରେ ହିଁ ଭାରତ ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଶ୍ରୀରାମ ବାଲାଜୀ-ରିତ୍ୱିକ ବୋଲିପାଲିଙ୍କ ଯୋଡି ଜାକୁବ ପଲ-ଡୋମିନିକ୍ ଷ୍ଟ୍ରିକରଙ୍କ ସହ ଡବଲ୍ସରେ ମୁକାବିଲା କରିବେ। ଆଜି ପ୍ରଥମ ସିଙ୍ଗଲ୍ସରେ ତାଙ୍କ ଡେଭିସ୍ କପ୍‌ରେ ଡେବ୍ୟୁ କରିଥିବା ଦକ୍ଷିଣେଶ୍ୱର ସୁରେଶ ୭-୬, ୬-୩ ସେଟ୍‌ରେ ଜେରୋମ କିମ୍‌ଙ୍କୁ ଓ ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗଲ ୬-୩, ୭-୬ରେ ଆନ୍ଦ୍ରିଆ ହୁଏସଲରଙ୍କୁ ହରାଇଥିଲେ।

**ବେଙ୍ଗାଲୁରୁ ଟେନିସ୍ ଟୁର୍ଣ୍ଣାମେଣ୍ଟ**

# ଆହାନଙ୍କୁ ମହିଳା ବିଭାଗରେ ଦ୍ୱିମୁକୁଟ



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶାର ଉଦୀମାନ ବାଳିକା ଖେଳାଳି ଆହାନ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ଖେଳ ପ୍ରଦର୍ଶନକରି ଉଭୟ ମହିଳା ଏକକ ଓ ଯୁଗଳ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରଥମଥର ଲାଗି ମହିଳା ବିଭାଗରେ ଆହାନ ଏତେ ବଡ଼ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାରେ ଏକ ନୂଆ ସଫଳତାର ଧାରା ସେ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକକ ଫାଇନାଲରେ ଆହାନ ୬-୦, ୬-୦ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର ବି. ହୃଦୟେଶୀଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ସାଥିକରି ମହିଳା ଯୁଗଳ ବିଭାଗରେ ଗୁଜରାଟ ଯୋଡି ରିୟା ଭୂର୍ଜା ଓ ସୌମ୍ୟା ରୋଣ୍ଡେଙ୍କୁ ୭-୫, ୬-୨ରେ ପରାସ୍ତ କରିଥିଲେ। ଏହି ବାଳିକା ଖେଳାଳିଙ୍କ କୋଚ୍ ସନ୍ତୋଷ ମଲ୍ଲିକ ଓ ମେଣ୍ଟର ଚିନ୍ମୟ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ସମସ୍ତ ସହାୟତା କରାଯାଉଛି। କଠିନ ପରିଶ୍ରମର ଯେ ବିକଳ୍ପ ନାହିଁ ତାହା ଆହାନ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ସଫଳତା ପରେ ଓଡ଼ିଶାର ବାଳିକା ଓ ମହିଳା ଖେଳାଳି ଟେନିସ ଖେଳିବାକୁ ଆଗେଇ ଆସିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS